
# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଅଗଷ୍ଟ ୮/୨୦୨୦ (୧୨ ପୃଷ୍ଠା) | Berhampur, Saturday, August 8/2020 | ★★★

୧୬ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


# ଅବତରଣ ବେଳେ ବିମାନ ଦୁଇଖଣ୍ଡ

## ଦୁଇ ପାଇଲଟଙ୍କ ସମେତ ୧୬ ମୃତ



କେରଳର କୋଝିକୋଡ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦୁର୍ଘଟଣାଗ୍ରସ୍ତ ବିମାନ ।

- ୫୦ ଯାତ୍ରୀ ଆହତ
- ବର୍ଷା ଯୋଗୁ ଦେଖାଯାଉ ନ ଥିଲା ରନୱେ

**କୋଝିକୋଡ୍, ୭।୮**

କେରଳର କୋଝିକୋଡ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଶୁକ୍ରବାର ରାତି ୭ଟା ୪୦ରେ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନଟି ରନ୍‌ୱେ ବାହାରକୁ ଚାଲିଯାଇ ୩୦ ଫୁଟ ଗଭୀର ଗର୍ତ୍ତରେ ଖସିପଡ଼ିବାରୁ ଦୁଇଖଣ୍ଡ ହୋଇଯାଇଛି । ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ଘଟିଛି । ଆହତ ୫୦ ଯାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।

ବନ୍ଦେ ଭାରତ ମିଶନରେ ସାମିଲ ଥିବା ଆଇଏକ୍ସ ୧୩୪୪ ନାମକ ଏହି ବିମାନ ବିଦେଶରେ ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବାରେ ନିୟୋଜିତ ଥିଲା । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବି୭୩୭ ବିମାନ ୧୯୧ ଲୋକଙ୍କୁ ନେଇ ଦୁବାଇରୁ କାଲିକଟ ଫେରୁଥିଲା । ପ୍ରବଳ ବର୍ଷା ଯୋଗୁ ଅଧିକ ଦୂର ପର୍ଯ୍ୟନ୍ତ ଦୃଶ୍ୟ ହେଉ ନ ଥିବାରୁ ବିମାନଟି ୧୦ ନମ୍ବର ରନ୍‌ୱେରେ ଅବତରଣ ପରେ ବାହାରକୁ ଚାଲିଯାଇଥିଲା । ଫଳରେ ଏକ ଖାତ ମଧ୍ୟକୁ ଖସିପଡ଼ିବାରୁ ବିମାନ ଦୁଇଖଣ୍ଡ ହୋଇଯାଇଥିଲା । ତେବେ ସୌଭାଗ୍ୟବଶତଃ ଏଥିରେ ନିଆଁ ଲାଗିନାହିଁ । ଦୁବାଇରୁ ଫେରିଥିବା ଏହି ବିମାନରେ ୧୭୪ ଜଣ ଯାତ୍ରୀ, ୧୦ ଶିଶୁ, ୨ ପାଇଲଟ ଏବଂ ୫ କର୍ମଚାରୀ ଥିଲେ । ଉଦ୍ଧାର କାର୍ଯ୍ୟ ଜାରି ରହିଥିବା କେରଳ ପୋଲିସ ଡିଜି ଲୋକନାଥ ବେହେରା କହିଛନ୍ତି । ମାଲାପୁରମ୍‌ରୁ ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି । ତୁରନ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ସୁବିଧା ଯୋଗାଇଦେବାକୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ପୋଲିସ ଓ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ଜେ ଆଲଫୋନ୍ସ ଦୁର୍ଘଟଣା ସମ୍ପର୍କରେ ପ୍ରଥମେ ଟୁଇଟ୍ କରିଥିଲେ । ପାଇଲଟଙ୍କ ମୃତ୍ୟୁ ହେବା ସହ ଅନେକ ଯାତ୍ରୀ ଆହତ ହୋଇଥିବା ସେ ସୂଚନା ଦେଇଥିଲେ । ଶୁକ୍ରବାର କେରଳ ପାଇଁ ଦୁଃଖଦ ଦିନ ଥିଲା । ସକାଳେ ଭୂସ୍ଖଳନରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ରାତିରେ ବିମାନ ଦୁର୍ଘଟଣା ଘଟିଛି । ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିଛନ୍ତି । ଦୁର୍ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ଘଟଣାରେ ଅତ୍ୟନ୍ତ ମର୍ମାହତ ବୋଲି ମୋଦି ଟୁଇଟ୍ କରିଛନ୍ତି ।




# ରୁପା କେଜି ୭୮ ହଜାର

- ସୁନା ୧୦ ଗ୍ରାମ୍ ପିଛା ଦର ୫୭,୦୦୮ ଟଙ୍କା

**ଭୁବନେଶ୍ୱର,୭।୮**


ସୁନା ଏବଂ ରୁପା ଦର ଗତ ୧୬ ସେଶନ ହେବ ବୃଦ୍ଧି ପାଇ ଚାଲିଛି । ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ଶୁକ୍ରବାର ୧୦ ଗ୍ରାମ ପିଛା ୫୫,୧୯୦ ଟଙ୍କା ରହିଛି । ସେହିଭଳି ରୁପା ଦର କିଲୋ ପିଛା ୭୮ ହଜାର ସ୍ତର ଛୁଇଁଛି । ଚାହିଦା ବୃଦ୍ଧି ଯୋଗୁ ଯୋଗୁ ଶୁକ୍ରବାର ସୁନା ଏବଂ ରୁପା ଦର ସର୍ବୋଚ୍ଚ ରେକର୍ଡ ସ୍ତରରେ ରହିଥିବା ଜଣାପଡ଼ିଛି । ନୂଆଦିଲ୍ଲୀରେ ସୁନା ଦର ୧୦ ଗ୍ରାମ ପିଛା ୫୭,୦୦୮ ଟଙ୍କା ଛୁଇଁଛି । ସେହିଭଳି ରୁପା ଦର ମଧ୍ୟ କିଲୋ ପିଛା ୭୭,୮୪୦ ଟଙ୍କା ରହିଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ପକ୍ଷରୁ ସୂଚନା ଦିଆଯାଇଛି । ଗୁରୁବାର ରୁପା ଦର ୭୭,୨୬୪ ଟଙ୍କା ରହିଥିବା ବେଳେ ଶୁକ୍ରବାର ଏଥିରେ ୫୬୭ ଟଙ୍କା ବଢ଼ି ୭୭,୮୪୦ ଟଙ୍କା ରହିଛି । ଏହାର ପୂର୍ବ କାରବାରରେ ସୁନା ୫୭,୦୦୨ ଟଙ୍କାରେ ବନ୍ଦ ହୋଇଥିଲା । ଶୁକ୍ରବାର ଦର ୬ ଟଙ୍କା ବଢ଼ିବା ଯୋଗୁ ୧୦ ଗ୍ରାମ ପିଛା ଦର ୫୭,୦୦୮ ଟଙ୍କା ରହିଛି । ଉଭୟ ସୁନା ଏବଂ ରୁପା ଦର ଏହି ସମୟରେ ଉଚ୍ଚରେ ରହିଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ପକ୍ଷରୁ ସୂଚନା ଦିଆଯାଇଛି ।

ନୂଆଦିଲ୍ଲୀରେ ସୁନାର ସ୍ପଟ୍ ମୂଲ୍ୟ ୨୪ କ୍ୟାରେଟ୍ ଉପରେ ରେକର୍ଡ ସ୍ତରରେ ରହିଛି । ଏହା ଶୁକ୍ରବାର ୬ ଟଙ୍କା ବଢ଼ିବା ଯୋଗୁ ରେକର୍ଡ ଭାଙ୍ଗିଥିବା ଜଣାପଡ଼ିଛି । ଗତ ୧୬ ଦିନ ହେବ ଦର ବଢ଼ିଚାଲିଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର କମୋଡିଟି ବିଭାଗ ସିନିୟର ଆନାଲିଷ୍ଟ ତପନ ପଟେଲ କହିଛନ୍ତି । ସେହିଭଳି ଅନ୍ତର୍ଜାତୀୟ ବଜାରରେ ଉଭୟ ସୁନା ଏବଂ ରୁପା ଦର ସାମାନ୍ୟ ହ୍ରାସ ଘଟିଛି । ☞ ପୃଷ୍ଠା–୪

**ଭାରତରେ ୨୦୨୧ ଟି୨୦ ବିଶ୍ୱକପ୍** | ପୃଷ୍ଠା ୧୨

**ଆଜିର ସମ୍ପାଦକୀୟ**

**ପୋଲିସବାବୁ ମୁହାଁମୁହିଁ**



ଭାରତରେ ୨୨୫ ଟଙ୍କାରେ ମିଳିବ କୋଭିଡ୍ ଟିକା

ବିଶ୍ୱର ସର୍ବବୃହତ୍ ଟିକା ପ୍ରସ୍ତୁତକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଭାରତ ଓ ଅନ୍ୟ ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକ ଲାଗି ୧୦ କୋଟି କୋଭିଡ୍-୧୯ ଟିକା ଡୋଜ୍ ପ୍ରସ୍ତୁତ କରିବ। ଏହି ମିଳିତ ଉଦ୍ୟୋଗ ଏସ୍‌ଆଇଆଇକୁ ଟିକା ଉତ୍ପାଦନ ସାମର୍ଥ୍ୟ ବଢ଼ାଇବାରେ ସହାୟତା କରିବା ସହ ପୁଞ୍ଜି ଯୋଗାଇଦେବ। ଟିକାର ଡୋଜ୍ ପ୍ରତି ସିଲିଂ ପ୍ରାଇସ୍ ୩ ଡଲାର (ପାଖାପାଖି ୨୨୫ ଟଙ୍କା) ଧାର୍ଯ୍ୟ କରିଛି।



# ରାଜପାକ୍ସେଙ୍କ ବିପୁଳ ବିଜୟ

କଲମ୍ବୋ,୭।୮

ଶ୍ରୀଲଙ୍କା ସାଧାରଣ ନିର୍ବାଚନରେ ପ୍ରଭାବଶାଳୀ ରାଜପାକ୍ସେ ଭ୍ରାତାଙ୍କ ମହାବିଜୟ ହୋଇଛି। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେଙ୍କ ନେତୃତ୍ୱାଧୀନ ଶାସକ ଦଳକୁ ବିପୁଳ ସଫଳତା ମିଳିଛି। ୨୨୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟରେ ଶ୍ରୀଲଙ୍କା ପୋଡୁଜାନା ପ୍ରେମାପୁନା (ଏସ୍‌ଏଲ୍‌ପିପି) ୧୪୫ ଆସନ ଦଖଲ କରିଥିବା ନେଇ ସେଠାକାର ନିର୍ବାଚନ କମିଶନ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଅବସରରେ ପଡ଼ୋଶୀ ପ୍ରତିପକ୍ଷ ମହିନ୍ଦା ରାଜପାକ୍ସେଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ କରି ଅଭିନନ୍ଦନ ଜଣାଇବା ସହ ଦ୍ୱିପାକ୍ଷିକ ସହଯୋଗିତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମହିନ୍ଦା ଏଥିପାଇଁ ମୋଦିଙ୍କୁ ଟୁଇଟ୍ କରି ଧନ୍ୟବାଦ ଦେଇଛନ୍ତି।

ଭାରତ ମହାସାଗରୀୟ ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପୂର୍ବରୁ ନିର୍ବାଚନକୁ ଦୁଇଥର ଘୁଞ୍ଚାଇ ଦିଆଯାଇଥିଲା। ଅଗଷ୍ଟ ୫ରେ କଡ଼ା କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ ସହ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ କରାଯାଇଥିଲା। ୧୬୦ ନିୟୁତ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୭୧% ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ଏଥିରେ ଏସ୍‌ଏଲ୍‌ପିପି ଦୁଇ-ତୃତୀୟାଂଶ ଆସନରେ ସଫଳତା ପାଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ପୂର୍ବତନ ରାଷ୍ଟ୍ରପତି ପ୍ରାର୍ଥୀ ସାଜିଥ୍ ପ୍ରେମଦାସାଙ୍କ ନେତୃତ୍ୱାଧୀନ ମୁଖ୍ୟ ବିରୋଧୀ ଦଳ ସମାଗି ଜନ ବାଲାୱେଗୟା ବା ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ (ୟୁପିଏଫ୍)କୁ ୫୪ ଓ ତାମିଲ ରାଜନୈତିକ ଦଳ ଆଇଟିଏକେକୁ ୧୦ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟ ୧୨ଟି ଛୋଟ ଦଳ ୧୬ ଆସନ ଦଖଲ କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ରନିଲ ୱିକ୍ରମସିଂହେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କାର ସର୍ବପୁରାତନ ଦଳ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି) ଖାତା ମଧ୍ୟ ଖୋଲିପାରି ନାହିଁ। ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡଲରେ ଏକ ସଂକ୍ଷିପ୍ତ ବିବୃତି ଜାରି କରି ଭୋଟରମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଓ ତାଙ୍କ ଉପରେ ଭରସା କରିଥିବାରୁ ମତଦାତାମାନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଆମ ଶାସନ କାଳରେ ଶ୍ରୀଲଙ୍କାବାସୀ ଯେପରି ନିରାଶ ନ ହେବେ ତାହା ସୁନିଶ୍ଚିତ କରିବୁ ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ଗୋଟାବାୟା ମଧ୍ୟ ଟୁଇଟରରେ ଏକ ବିବୃତି ଜାରି କରି କହିଛନ୍ତି, ଏସ୍‌ଏଲ୍‌ପିପିର ବିଜୟ ସହ ଏକ ଶକ୍ତ ପାର୍ଲାମେଣ୍ଟ ପ୍ରତିଷ୍ଠା ନେଇ ସେ ନିଶ୍ଚିତ ଥିଲେ। ୨୦୧୯ ଏପ୍ରିଲ ୨୧ରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଇସ୍‌ଲାମିକ୍ ଷ୍ଟେଟ (ଆଇଏସ୍) ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଇଷ୍ଟର ସଣ୍ଡେ ଆଟାକ୍ ନାମରେ ପରିଚିତ ଏହି ଘାତକ ଆକ୍ରମଣରେ ୨୬୯ ଜଣ ପ୍ରାଣ ହରାଇଥିଲେ। ଗତ ନଭେମ୍ବରରେ ଗୋଟାବାୟା ଦେଶକୁ ସୁରକ୍ଷା ଦେବା ପାଇଁ ନିଜକୁ ଜଣେ ମାତ୍ର ନେତା ଭାବେ ଅଭିହିତ କରି ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସାମ୍ବିଧାନିକ ପରିବର୍ତ୍ତନ ଯୋଗୁ ତାଙ୍କୁ ଅନେକ କଟକଣା ମଧ୍ୟରେ ରହି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବିଜୟୀ ହେବା ପରେ ସେ କହିଥିଲେ।



ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ(ବାମ)ଙ୍କ ସହ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ।

- ଶାସକ ଏସ୍‌ଏଲ୍‌ପିପି ୧୪୫ ଆସନ ଦଖଲ କଲା
- ବିରୋଧୀ ୟୁପିଏଫ୍ ୫୪ରେ ସୀମିତ
- ମହିନ୍ଦା ରାଜପାକ୍ସେ ପୁଣି ପ୍ରଧାନମନ୍ତ୍ରୀ ହେବେ
- ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦି

## ସମ୍ବିଧାନ ସଂଶୋଧନରୁ ଦୁଇଭାଇଙ୍କ ମଧ୍ୟରେ ବିବାଦ ହୋଇପାରେ

ଶ୍ରୀଲଙ୍କାକୁ ୧୯୭୮ରୁ ପ୍ରଭାବଶାଳୀ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଶାସନ କରିଆସୁଛନ୍ତି। ମାତ୍ର ୨୦୧୫ରେ ସମ୍ବିଧାନରେ ଅଣାଯାଇଥିବା ଏକ ସଂଶୋଧନ ଅନୁସାରେ ପାର୍ଲାମେଣ୍ଟ ଓ ପ୍ରଧାନମନ୍ତ୍ରୀ ଅଧିକ ଶକ୍ତିଶାଳୀ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ ସପ୍ତାହାନ୍ତ ସୁଦ୍ଧା ମହିନ୍ଦା ରାଜପାକ୍ସେ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ତାଙ୍କ କ୍ୟାବିନେଟ ଆସନ୍ତା ସପ୍ତାହରେ ଗଠନ ହେବ। ଦେଶର ସମ୍ବିଧାନ ଅନୁସାରେ କ୍ୟାବିନେଟରେ ସର୍ବାଧିକ ୩୦ ମନ୍ତ୍ରୀ ରହିପାରିବେ। ଅଗଷ୍ଟ ୨୦ରେ ଶ୍ରୀଲଙ୍କା ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମହିନ୍ଦାଙ୍କୁ ତାଙ୍କ ଭାଇ ତଥା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ପୁଣିଥରେ ଏହି ପଦରେ ରହିବା ଲାଗି ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ରାଜପାକ୍ସେ ଭ୍ରାତାଙ୍କୁ ସମ୍ବିଧାନ ସଂଶୋଧନ ପାଇଁ ପାର୍ଲାମେଣ୍ଟରେ ୧୫୦ କିମ୍ବା ଦୁଇ-ତୃତୀୟାଂଶ ଆସନ ଉପରେ ନିୟନ୍ତ୍ରଣ ଆବଶ୍ୟକ ଥିଲା। ଅନ୍ୟୁନ ୪ ଛୋଟ ଦଳ ରାଜପାକ୍ସେଙ୍କ ଏସ୍‌ଏଲ୍‌ପିପିକୁ ସମର୍ଥନ ଦେଉଥିବାରୁ ଏଥିରେ କୌଣସି ସମସ୍ୟା ହେବ ନାହିଁ ବୋଲି ଜଣାପଡ଼ିଛି। ବିଶ୍ଳେଷକଙ୍କ ମତରେ ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତୀୟ କ୍ଷମତା ବୃଦ୍ଧି ପାଇଁ ସମ୍ବିଧାନରେ ପରିବର୍ତ୍ତନ ଉଦ୍ୟମ କଲେ ତାହା ଦୁଇଭାଇଙ୍କ ମଧ୍ୟରେ ବିବାଦର କାରଣ ସାଜିପାରେ। ଏବେ ମହିନ୍ଦା ରାଜପାକ୍ସେ ତାଙ୍କ ପୁଅ ନମାଲଙ୍କୁ ନିଜ ରାଜନୈତିକ ଉତ୍ତରାଧିକାରୀ ଭାବେ ସୁଯୋଗ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାରୁ ନିଜର କୌଣସି କ୍ଷମତା ହସ୍ତାନ୍ତର କରିବାକୁ ଚାହିଁବେ ନାହିଁ। ନମାଲ ଓ ରାଜପାକ୍ସେ ପରିବାରର ଅନ୍ୟ ୩ ସଦସ୍ୟ ନିର୍ବାଚନ ଜିତିଛନ୍ତି। ନୂଆ ସରକାରରେ ସେମାନେ ବଡ଼ ପଦବୀ ପାଇପାରନ୍ତି। ସେହିପରି ଏହି ବିପୁଳ ବିଜୟ ପରେ ନିର୍ବାଚନ ପାଇଁ ସ୍ୱାଧୀନ କମିଶନ, ପୋଲିସ, ସାଧାରଣ ସେବା ଭଳି ସରକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହେଲାଣି।

## ଭୂସ୍ଖଳନରେ ୧୮ ମୃତ, ୬୭ ନିଖୋଜ



ଥିରୁଭାନନ୍ତପୁରମ୍, ୭।୮

**କେରଳରେ ବର୍ଷା ବିପ୍ଲୁତ**

କେରଳର ଇଡୁକ୍କି ଜିଲାରେ ଶୁକ୍ରବାର ସକାଳେ ପ୍ରବଳ ବର୍ଷାଜନିତ ଭୂସ୍ଖଳନ ଯୋଗୁ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ୧୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମୁନ୍ନାରସ୍ଥିତ ଟାଟା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୬୭ ଜଣ ନିଖୋଜ ଥିବା କୁହାଯାଉଛି।

ପ୍ରବଳ ବର୍ଷା କେରଳ ପାଇଁ ଦୁଃଖ ଆଣିଦେଇଛି। ପର୍ଯ୍ୟଟନ ସହର ମୁନ୍ନାରଠାରୁ ୨୫ କିଲୋମିଟର ଦୂରରେ ରାଜମଲାଇରେ ବର୍ଷା ଯୋଗୁ ଭୂଖସ୍ଖଳନ ହୋଇଛି। ଶତାଧିକ ଲୋକ ବସବାସ କରୁଥିବା ଉକ୍ତ ଅଞ୍ଚଳକୁ ସଂଯୋଗ କରୁଥିବା ଏକ ପୋଲ ଗୁରୁବାର ବର୍ଷାରେ ଭାସିଯାଇଥିଲା। ତେଣୁ ସେଠାକୁ ଯାଇ ଲୋକଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ଖରାପ ପାଗ ଯୋଗୁ ଉଦ୍ଧାରକାରୀ ଦଳ ଅଗ୍ରସର ହୋଇପାରୁ ନ ଥିବା ତାଲୁକ୍ ଅଫିସର କହିଛନ୍ତି। ଭୂସ୍ଖଳନରେ ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମର୍ମାହତ ବୋଲି ଟୁଇଟ୍ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ରିଲିଫ ପାଣ୍ଠିରୁ ପ୍ରତି ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି। ଅଗ୍ନିଶମ ବିଭାଗର ଏକ ୫୦ ଜଣିଆ ସ୍ପେଶାଲ ଟାସ୍କଫୋର୍ସ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛି। ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାୟୁସେନା ହେଲିକପ୍ଟରର ସହାୟତା ଲୋଡ଼ାଯାଇଛି। ଇତିମଧ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ଭୂସ୍ଖଳନ ସ୍ଥଳରେ ପହଞ୍ଚିଛି। ତ୍ରିସୁରରୁ ଅନ୍ୟ ଏକ ଟିମ୍ ଘଟଣାସ୍ଥଳକୁ ଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ପୋଲିସ, ଅଗ୍ନିଶମ କର୍ମଚାରୀ, ଜଙ୍ଗଲ ଓ ରାଜସ୍ୱ ଅଧିକାରୀମାନଙ୍କୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହେବା ଲାଗି ପରାମର୍ଶ ଦିଆଯାଇଛି।

## ପ୍ରଦୀପ ଜୋଷୀ ୟୁପିଏସ୍‌ସି ଅଧ୍ୟକ୍ଷ



ନୂଆଦିଲ୍ଲୀ, ୭।୮(ପି.ଟି.)

ଦେଶରେ ସିଭିଲ୍ ସର୍ଭିସ୍ ପରୀକ୍ଷା ପରିଚାଳନା କରୁଥିବା ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସ୍‌ସି)ର ନୂତନ ଅଧ୍ୟକ୍ଷ ଭାବେ ଶିକ୍ଷାବିତ୍ ପ୍ରଫେସର ପ୍ରଦୀପ କୁମାର ଜୋଷୀଙ୍କୁ ଶୁକ୍ରବାର ନିଯୁକ୍ତି ଦିଆଯାଇଛି। ସେ ଅରବିନ୍ଦ ସାକ୍ସେନାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ୟୁପିଏସ୍‌ସି ଅଧ୍ୟକ୍ଷ ଭାବେ ଅରବିନ୍ଦଙ୍କ କାର୍ଯ୍ୟକାଳ ଶୁକ୍ରବାର ଶେଷ ହୋଇଛି। ପୂର୍ବରୁ ଛତିଶଗଡ଼ ଓ ମଧ୍ୟପ୍ରଦେଶ ପବ୍ଲିକ୍ ସର୍ଭିସ କମିଶନ ଅଧ୍ୟକ୍ଷ ଥିବା ଜୋଷୀ ୨୦୧୫ ମେ'ରେ ୟୁପିଏସ୍‌ସି ସଦସ୍ୟ ଭାବେ ଯୋଗଦେଇଥିଲେ। ସେ ଏହାର ଅଧ୍ୟକ୍ଷ ଭାବେ ୨୦୨୧ ମେ' ୧୨ ପର୍ଯ୍ୟନ୍ତ ରହିବେ।

## ଚାଇନାରେ ଟିକ୍‌ବାହିତ ଭୂତାଣୁ ସଂକ୍ରମଣ

ବେଜିଂ, ୭।୮

**୭ ମୃତ, ୬୦ ଆକ୍ରାନ୍ତ**

ଚାଇନାର ଉହାନ ସହରରୁ ସୃଷ୍ଟ କରୋନା ଭୂତାଣୁ ସାରା ବିଶ୍ୱକୁ ସଂକ୍ରମିତ ହେବା ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇସାରିଲାଣି। ଏହି ମହାମାରୀରୁ ମୁକୁଳିବା ପାଇଁ ଶତାଧିକ ଦେଶ ସଂଘର୍ଷ ଚଳାଇଥିବାବେଳେ ଚାଇନାରେ ଏବେ ଆଉ ଏକ ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଛି। ଏଥିରେ ୭ ଜଣଙ୍କର ମୃତ୍ୟୁ ଘଟିବା ସହ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଲେଣି। ଟିକ୍ ନାମକ କୀଟ ଦ୍ୱାରା ଏହି ଭୂତାଣୁ (ବୁନ୍ୟା ଭାଇରସ୍) ମଣିଷ ଦେହକୁ ସଂକ୍ରମିତ ହେଉଥିବା କୁହାଯାଉଛି। ଟିକ୍ ହେଉଛି ଉକୁଣି ଜାତୀୟ କୀଟ ଯାହା କୁକୁର ଆଦି ପ୍ରାଣୀ ଦେହରେ ଲାଗି ରକ୍ତ ଶୋଷିଥାଏ। ଏହି କୀଟ ମଣିଷକୁ କାମୁଡ଼ିବା ଦ୍ୱାରା ଭୂତାଣୁ ମାନବ ଶରୀରକୁ ସଂକ୍ରମିତ ହୋଇଥାଏ। ମାନବ ଶରୀରରୁ ଏହା ଅନ୍ୟମାନଙ୍କୁ ସଂକ୍ରମଣ କରିବା ସମ୍ଭାବନା ରହିଛି ବୋଲି ଚାଇନାର ଜଣେ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ପୂର୍ବ ଚାଇନାର ଜିଆଙ୍ଗସୁ ଏବଂ ଅନହୁଇ ପ୍ରଦେଶରେ ଏହି ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଛି। ଉକ୍ତ ଭୂତାଣୁ ଯୋଗୁ ପ୍ରବଳ ଜ୍ୱର ସାଙ୍ଗକୁ ଥ୍ରୋମ୍ବୋସାଇଟୋପେନିଆ ସିଣ୍ଡ୍ରୋମ୍ (ଏସ୍‌ଏଫ୍‌ଟିଏସ୍) ହୋଇଥାଏ। ଏହାର ଲକ୍ଷଣ ଡେଙ୍ଗୁ ଜ୍ୱର ଲକ୍ଷଣ ଭଳି ବୋଲି କୁହାଯାଉଛି।

## ୧୨ରେ ପ୍ରଥମ କୋଭିଡ୍ ଟିକା ପଞ୍ଜୀକୃତ କରିବ ରୁଷିଆ

**ମସ୍କୋ, ୭।୮:** ରୁଷିଆ ଏହାର ପ୍ରଥମ କୋଭିଡ୍ ଟିକା ଆସନ୍ତା ୧୨ ତାରିଖରେ ପଞ୍ଜୀକୃତ କରିବାକୁ ଯାଉଛି। ଗମାଲେୟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଏବଂ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମିଳିତ ଭାବେ ଏହି ଟିକା ପ୍ରସ୍ତୁତ କରୁଛନ୍ତି। ଏହାର ତୃତୀୟ ତଥା ଚୂଡ଼ାନ୍ତ ପରୀକ୍ଷା ଜାରି ରହିଛି। ପ୍ରଥମେ ମେଡିକାଲ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କୁ ଏହି ଟିକା ଦିଆଯିବ ବୋଲି ରୁଷିଆର ଉପସ୍ୱାସ୍ଥ୍ୟମନ୍ତ୍ରୀ ଓଲେଗ୍ ଗ୍ରିଡନେଭ୍ ଶୁକ୍ରବାର କହିଛନ୍ତି। ଜୁନ୍ ୧୮ରେ ଟିକାର କ୍ଲିନିକାଲ ପରୀକ୍ଷା ୩୮ ହଜାର ସ୍ୱେଚ୍ଛାସେବୀଙ୍କଠାରେ ଆରମ୍ଭ ହୋଇଥିଲା। ସମସ୍ତଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଛି।





ପଞ୍ଜାବ ମଦ ମୃତ୍ୟୁ ଘଟଣା ପ୍ରତିବାଦରେ ଭାଜପା ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ଦଳୀୟ କର୍ମୀଙ୍କୁ ଅଟକାଇଛି।

## ଦିନକରେ ରେକର୍ଡ ୬୨,୫୩୮ ଆକ୍ରାନ୍ତ

- ଦେଶରେ ୪୧,୮୦୦ ଜୀବନ ଗଲାଣି
- ୨୦.୫୦ ଲକ୍ଷ ସଂକ୍ରମିତ

ମୁମ୍ବାଇ, ୭।୮ : ଦେଶରେ ମହାମାରୀ କରୋନା ଭୂତାଣୁର ପ୍ରକୋପ ବଢ଼ି ବଢ଼ି ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୬୨,୫୩୮ ନୂଆ ରୋଗୀ ବାହାରିଥିବାବେଳେ ୮୮୬ ଜଣଙ୍କ ଜୀବନ ଯାଇଛି। ଗୋଟିଏ ଦିନରେ ଆମେରିକା ଓ ବ୍ରାଜିଲକୁ ଭାରତ ପଛରେ ପକାଇ ବିଶ୍ୱ ରେକର୍ଡ କରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ଗତ ୩ ସପ୍ତାହ ମଧ୍ୟରେ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ଟପିଛି। ୧୯୦ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ଲକ୍ଷ ଟପିଛି। ଯଦିଓ ୧୩.୯୩ ଲକ୍ଷରୁ ଅଧିକ ଲୋକ ସୁସ୍ଥହୋଇ ଫେରିଛନ୍ତି, ତଥାପି ୬.୧୦ ଲକ୍ଷ ଆକ୍ଟିଭ୍ ମାମଲା ଏବେ ରହିଛି। ଏଥିସହ ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ନାକେଦମ ହୋଇଛି। ବର୍ତ୍ତମାନ ସୁଦ୍ଧା ସୁସ୍ଥହାର ୬୮%ରେ ପହଞ୍ଚିଛି।

## ନରୱେ ଜାହାଜରେ ୬୨ ସଂକ୍ରମିତ

**କୋପେନହାଗେନ୍, ୭।୮:** ନରୱେର ଏକ କ୍ରୁଜ୍ ଜାହାଜରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨କୁ ବୃଦ୍ଧି ପାଇଛି। ଏମ୍‌ଏସ୍ ରୋଲ୍ଡ ଅମୁଣ୍ଡସେନ୍ ଜାହାଜରେ କରୋନା ସଂକ୍ରମଣ ପରେ ସୋମବାରଠାରୁ ଏହାର ସମସ୍ତ କ୍ରୁଜ୍ ଜାହାଜକୁ ବନ୍ଦ କରିଦିଆଯାଇଛି। ନରୱେ ସରକାର ମଧ୍ୟ ଦୁଇ ସପ୍ତାହ ପାଇଁ ବନ୍ଦର ମଧ୍ୟକୁ କ୍ରୁଜ୍ ଜାହାଜ ପ୍ରବେଶ ବନ୍ଦ ରଖିଛନ୍ତି। ଜାହାଜର ୪୧ କର୍ମଚାରୀ ଓ ୨୧ ଯାତ୍ରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ନରୱେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## 'ନୂତନ ଶିକ୍ଷାନୀତି ନୂଆ ଭାରତର ମୂଳଦୁଆ'

ନୂଆଦିଲ୍ଲୀ, ୭।୮(ପି.ଟି.)

ନୂତନ ଜାତୀୟ ଶିକ୍ଷାନୀତି ନବଭାରତର ମୂଳଦୁଆ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହିତ ଏଥିରେ ଥିବା ସଂସ୍କାରକୁ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତ ଷ୍ଟେକ୍ ହୋଲ୍ଡରଙ୍କୁ ଅନୁରୋଧ କରିଛନ୍ତି। କ'ଣ ଚିନ୍ତା କରିବାକୁ ହେବ ତାହା ଉପରେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଗୁରୁତ୍ୱ ଦେଉଥିବାବେଳେ ନୂତନ ଶିକ୍ଷାନୀତି 'କିପରି ଚିନ୍ତା କରିବାକୁ ହେବ' ଉପରେ ପ୍ରାଧାନ୍ୟ ଦେଉଥିବା ପ୍ରଧାନମନ୍ତ୍ରୀ ଶୁକ୍ରବାର କହିଛନ୍ତି। ଏନ୍‌ଇପି ଏକ ସୁସ୍ଥ ବିତର୍କର ବାତାବରଣ ସୃଷ୍ଟି କରିଛି। ଏହା ଉପରେ ଯେତେ ଅଧିକ ଆଲୋଚନା ଓ ବିତର୍କ ହେବ ଶିକ୍ଷା ବିଭାଗ ପାଇଁ ସେତେ ଲାଭଦାୟକ ହେବ ବୋଲି ସେ ମତ ଦେଇଛନ୍ତି। ଏହି ବିଶାଳ ଯୋଜନା କିପରି କାର୍ଯ୍ୟକାରୀ ହେବ ତାହା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଆମେ ସମସ୍ତେ ମିଶି ଏହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ସମସ୍ତଙ୍କୁ ଏଥିରେ ପ୍ରତ୍ୟକ୍ଷ ଭାବେ ଜଡିତ ହେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## ଅଭିନେତ୍ରୀ ଅନୁପମା ପାଠକଙ୍କ ଆତ୍ମହତ୍ୟା

ମୁମ୍ବାଇ, ୭।୮

ଭୋଜପୁରୀ ଫିଲ୍ମ ଅଭିନେତ୍ରୀ ଅନୁପମା ପାଠକ(୪୦) ମୁମ୍ବାଇସ୍ଥିତ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ପୋଲିସ ମୀରା ରୋଡ୍‌ସ୍ଥିତ ତାଙ୍କ ଭଡ଼ାଘରୁ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ବିହାରର ଏହି କୃତୀ କଳାକାରଙ୍କୁ ବିଭିନ୍ନ ଭୋଜପୁରୀ ଫିଲ୍ମ ଓ ଟିଭି ଶୋ'ରେ ତାଙ୍କୁ ଦେଖିବାକୁ ମିଳିଥାଏ। ମୃତ୍ୟୁ ପୂର୍ବରୁ ପାଠକ ଫେସ୍‌ବୁକ୍ ଭିଡିଓରେ ଠକାମିର ଶିକାର ହୋଇଥିବା ଓ କାହାକୁ ବିଶ୍ୱାସ କରାଯାଇ ପାରିବିନି ବୋଲି ଦର୍ଶାଇଥିଲେ। ସ୍ୱାମୀ ଘରେ ନ ଥିବାବେଳେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ଏନେଇ ଏକ ସୁଇସାଇଡ୍ ନୋଟ ଜବତ କରିଥିବା କହିଛି।

ପୋଲିସର କହିବାନୁଯାୟୀ ଜଣେ ବନ୍ଧୁ ପାଠକଙ୍କ ଗାଡ଼ି ନ ଫେରାଇବାରୁ ସେ ମାନସିକ ଭାବେ ଚିନ୍ତିତ ଥିଲେ। ପାଖରେ ଟଙ୍କା ନ ଥିବାରୁ ଲକ୍‌ଡାଉନ୍‌ରେ ବି ସେ କାମ କରୁଥିଲେ। ଫେସ୍‌ବୁକ୍ ପୋଷ୍ଟରେ ପାଠକ ବାଇ ବାଇ, ଗୁଡ୍ ନାଇଟ୍ ବୋଲି ଶେଷରେ ଲେଖିଥିବା ପୋଲିସ କହିଛି। ଆଇପିସିର ଦଫା ୩୦୬ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁକରିଥିବା ଜଣାପଡ଼ିଛି।



# ପିଆଇଏଲ୍ ଶୁଣାଣି କରିବେନି ସୁପ୍ରିମକୋର୍ଟ

**ଚାଇନା ସହ କଂଗ୍ରେସର ଚୁକ୍ତି ନେଇ ତଦନ୍ତ ଦାବି**

**ନୂଆଦିଲ୍ଲୀ,୭।୮:** ଚାଇନାର ଶାସକ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି) ସହ କଂଗ୍ରେସର ଚୁକ୍ତିକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା ତଦନ୍ତ କରାଯାଉ ବୋଲି ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏହାର ଶୁଣାଣି କରିବାକୁ ମନା କରିଦେଇଛନ୍ତି।

ଆବେଦନକାରୀ ଶଶାଙ୍କ ଶେଖର ଝା ଓ ଖବରଦାତା ସାଭିଓ ରୋଡ୍ରିଗୁଏସ୍‌ଙ୍କ ପକ୍ଷରୁ ବରିଷ୍ଠ ଓକିଲ ମହେଶ ଜେଠମାଲାନି ଏହି ପିଆଇଏଲ୍ ଦାଖଲ କରିଥିଲେ। ୨୦୦୮ରେ ବେଜିଂଠାରେ କଂଗ୍ରେସ ଏବଂ ସିପିସି ମଧ୍ୟରେ ଉଚ୍ଚସ୍ତରୀୟ ସୂଚନା ଓ ସହଯୋଗ ଆଦାନପ୍ରଦାନ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଭାରତର ଏକ ରାଜନୈତିକ ଦଳ ଚାଇନାର ଏକମାତ୍ର ରାଜନୈତିକ ଦଳ ସହ ଚୁକ୍ତି ସ୍ୱାକ୍ଷର କରିବା ଜାତୀୟ ନିରାପତ୍ତା ସହ ଜଡ଼ିତ ଏକ ପ୍ରସଙ୍ଗ। ଦେଶର ସୁରକ୍ଷା ସହ ସାଲିସ୍ କରାଯାଇ ପାରିବ ନାହିଁ। ତେଣୁ ଏନ୍‌ଆଇଏ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ମହେଶ ଯୁକ୍ତି ବାଢ଼ିଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁକ୍ରବାର ଶୁଣାଣି ବେଳେ ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମହେଶଙ୍କୁ ଉକ୍ତ ପିଟିଶନ ପ୍ରତ୍ୟାହାର କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ କହିଥିଲେ। ଆପଣ ଯାହା ସବୁ ଚାହୁଁଛନ୍ତି, ହାଇକୋର୍ଟ ପ୍ରଦାନ କରିପାରିବେ। ଏଥିପାଇଁ ହାଇକୋର୍ଟ ହିଁ ଉପଯୁକ୍ତ। ତୃତୀୟତଃ ଆମେ ମଧ୍ୟ ହାଇକୋର୍ଟଙ୍କ ରାୟର ସୁବିଧା ପାଇପାରିବୁ ବୋଲି ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟମ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରକାଶ କରିଥିଲେ।

## ଶାସକ-ବିରୋଧୀ ମୁହାଁମୁହିଁ

ଚାଇନା ଓ ଏହାର କେତେକ ଫାର୍ମ ସହ ସମ୍ପର୍କକୁ ନେଇ ଶୁକ୍ରବାର ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଏନେଇ ସ୍ପଷ୍ଟୀକରଣ ମାଗିଛନ୍ତି। କଂଗ୍ରେସ ଦଳ ଚାଇନା ସରକାର ସହ କିପରି ଏମ୍‌ଓୟୁରେ ସ୍ୱାକ୍ଷର କଲା ବୋଲି ସୁପ୍ରିମକୋର୍ଟ ବିସ୍ମୟ ପ୍ରକାଶ କରିଛନ୍ତି। ରାହୁଲ ଗାନ୍ଧୀ ଫାଉଣ୍ଡେଶନ (ଆର୍‌ଜିଏଫ୍) ଚାନ୍ଦା ବଦଳରେ ଚାଇନା ପାଇଁ ଭାରତୀୟ ବଜାରକୁ ଖୋଲିଦେଇଥିଲା କି, ଯଦ୍ୱାରା ଭାରତୀୟ ବ୍ୟବସାୟ ପ୍ରଭାବିତ ହୋଇଥିଲା ବୋଲି ନଡ୍ଡା ପ୍ରଶ୍ନ କରିଛନ୍ତି। ଏହାସହ ଉକ୍ତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ସୋନିଆ ଓ ତାଙ୍କ ପୁଅ ରାହୁଲ ଏହା ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହାର ଜବାବରେ କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ଭାଜପା ନିର୍ବାଚନ ସମୟରେ ଚାଇନା କମ୍ପାନୀଗୁଡ଼ିକୁ ବ୍ୟବହାର କରିଥିଲା। ଏଥିଯୋଗୁ କୋଟି କୋଟି ଭାରତୀୟଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ସହ ସାଲିସ କରାଯାଇଥିବ। ଶାସକ ଦଳ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସହ ଜଡ଼ିତ ଏକ କମ୍ପାନୀକୁ ଭାରତୀୟ ନିର୍ବାଚନରେ କାହିଁକି ସାମିଲ କରିବାକୁ ବାଧ୍ୟ ହୋଇଥିଲା ବୋଲି ଖେରା ପ୍ରଶ୍ନ କରିଛନ୍ତି।



ଜେ.ପି. ନଡ୍ଡା



ପବନ ଖେରା

## ଆଜି ଶ୍ରୀମନ୍ଦିରରେ ରାହୁରେଖା ଲାଗି

**ପୁରୀ ଅଫିସ:** ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁ ରାହୁରେଖା ଲାଗି ହେବେ। ପ୍ରଥମ ଭୋଗ ମଣ୍ଡପ ପୂଜା ପରେ ଦଇତାପତି ସେବକମାନେ ରାହୁରେଖା ଲାଗି କରିବେ। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ରାହୁରେଖା ଓଲାଗି ହୋଇ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ରାହୁରେଖା ଲାଗି ହୋଇଥାନ୍ତି। ଏହି ନୀତି ପାଇଁ ପ୍ରତିବର୍ଷ ପ୍ରାୟ ୫ଘଣ୍ଟା ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଏ। ଚଳିତବର୍ଷ କରୋନା କଟକଣା ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ତେଣୁ ଏଥର ରାହୁରେଖା ଲାଗି ପରେ ଭକ୍ତ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ରହିବେ। ସେହିପରି ଆସନ୍ତା ୧୦ ତାରିଖ ସନ୍ଧ୍ୟାଧୂପ ପୂଜାଠାରୁ ଜନ୍ମାଷ୍ଟମୀ ନୀତି ଆରମ୍ଭ ହେବ ବୋଲି ଜଣାପଡ଼ିଛି।

# ନଗଡ଼ାକୁ ପକ୍କାରାସ୍ତା ପାଇଁ ରିପୋର୍ଟ ବାଧକ

ଯାଜପୁର ଅଫିସ୍,୭।୮



ନଗଡ଼ାକୁ ତିଆରି ହୋଇଥିବା ମାଟିରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

- ୨୦୦୧ ଲୋକସଂଖ୍ୟା ଆଧାରରେ ଅସହାୟତା ପ୍ରକାଶ
- ରିପୋର୍ଟ ଦାଖଲ କରିଛି ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ
- ନଗଡ଼ାର ଲୋକସଂଖ୍ୟା ୨୯୫
- ପିଏମ୍‌ଜିଏସ୍‌ୱାଇ ପାଇଁ ଆବଶ୍ୟକ ୨୫୦

ଯାଜପୁର ଜିଲା ସୁକିନ୍ଦା ବ୍ଲକର ନଗଡ଼ାରେ ପୁଷ୍ଟିହୀନତାଜନିତ ଶିଶୁମୃତ୍ୟୁ ଘଟଣା ୨୦୧୬ ଜୁଲାଇରେ ସାରା ଦେଶରେ ଚହଳ ପକାଇଥିଲା। ଏଥିଯୋଗୁ ରାଜ୍ୟ ଓ କେନ୍ଦ୍ର ସରକାର ମୁଣ୍ଡେଇଥିବା ବଦନାମକୁ ଲିଭାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ସରକାର ନଗଡ଼ାକୁ ଆଦର୍ଶ ଗ୍ରାମ ଭାବେ ଗଢ଼ିତୋଳିବାକୁ ପଣ କରିଥିଲେ। ପ୍ରଥମେ ରାସ୍ତା ନିର୍ମାଣ ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା। ଉପଯୁକ୍ତ ଗମନାଗମନ ବିନା ବିକାଶ ଅସମ୍ଭବ ବୋଲି ସେତେବେଳେ ମତପ୍ରକାଶ ପାଇଥିଲା। ଏହିକ୍ରମରେ ଅଶୋକଝର ପାହାଡ଼ ପାଦଦେଶରୁ ନାଳିଆଡବା, ବଡ଼ନଗଡ଼ା, ମଝିନଗଡ଼ା ହୋଇ ତଳନଗଡ଼ା ପର୍ଯ୍ୟନ୍ତ ୭.୬୬ କି.ମି. ମାଟି ରାସ୍ତା ନିର୍ମାଣ ହୋଇଥିଲା। ଏଥିରେ ଡିଏମ୍‌ଏଫ୍ (ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ) ପାଣ୍ଠିରୁ ୧୨.୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମାଟି ରାସ୍ତା ଯୋଗୁ ମେଟାଲ ଉଠି ତାହା ଏବେ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି। ତେଣୁ ନଗଡ଼ାକୁ ଏକ ପକ୍କା ରାସ୍ତା ନିର୍ମାଣ କରିବାକୁ ଇ-ଅଭିଯୋଗ ଜରିଆରେ ଗ୍ରାମ୍ୟ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଦାବି ହୋଇଥିଲା। କିନ୍ତୁ ନଗଡ଼ାକୁ ପକ୍କା ରାସ୍ତା ହୋଇପାରିବ ନାହିଁ ବୋଲି ବିଭାଗର ଜିଲାସ୍ତରୀୟ ରିପୋର୍ଟରୁ ଜଣାପଡ଼ିଛି। କାରଣ ରିପୋର୍ଟରେ ଜଙ୍ଗଲ ଅଞ୍ଚଳ ଏବଂ ୨୦୦୧ ଜନଗଣନା ଅନୁଯାୟୀ ନଗଡ଼ାର ଲୋକସଂଖ୍ୟାକୁ ଦ୍ୱାହି ଦେଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ପକ୍କା ରାସ୍ତା ନିର୍ମାଣ ପାଇଁ ଅସହାୟତା ପ୍ରକାଶ କରାଯାଇଛି। ପ୍ରାୟ ୨୦ ବର୍ଷ ତଳର ଲୋକସଂଖ୍ୟାକୁ ଆଧାର କରି ଏଭଳି ରିପୋର୍ଟ ଦାଖଲ କରାଯିବା ଅବାସ୍ତବ ମନେହେଉଛି। ନଗଡ଼ାର ଅବହେଳିତ ଜୁଆଙ୍ଗ ଆଦିବାସୀଙ୍କ କଲ୍ୟାଣ ପାଇଁ ବର୍ତ୍ତମାନର ଲୋକସଂଖ୍ୟାକୁ କାହିଁକି ବିଚାରକୁ ନିଆଗଲା ନାହିଁ ବୋଲି ପ୍ରଶ୍ନ ଉଠୁଛି।

ସୂଚନାଥାଉ କି ତଳନଗଡ଼ା ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ପାଇଁ ୧୦।୧୧।୨୦୧୬ରେ ହାଇଗ୍ରୀଭା ଇନ୍‌ଫ୍ରାଷ୍ଟ୍ରକ୍ଚର ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୮୦୪୭/୨୩।୮।୨୦୧୬ରେ ଆବଶ୍ୟକ ଗାଇଡ୍‌ଲାଇନ ଅନୁସାରେ ରାସ୍ତା ତିଆରି କରିବାକୁ ଅନୁମତି ଦିଆଯାଇଥିଲା। ଏଥିପାଇଁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୨ କୋଟି ଏବଂ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିରୁ ୧୨.୮୧ କୋଟିକୁ ମିଶାଇ ମୋଟ ୧୪.୮୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ୧୨.୯୫ କୋଟି ଟଙ୍କାରେ ରାସ୍ତା ନିର୍ମାଣ କରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା। ୩୧।୭।୨୦୧୭ରେ ରାସ୍ତାକାମ ସମ୍ପୂର୍ଣ୍ଣ ହୋଇଥିଲା। ଇତିମଧ୍ୟରେ ୩ଟି ବର୍ଷା ଋତୁ ଅତିକ୍ରାନ୍ତ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ଓ ମେଟାଲ ପରସ୍ତ ଉଠିବା ଯୋଗୁ ଏବେ ଏଥିରେ ଚାଲି ଚାଲିଯିବା କଷ୍ଟକର ହୋଇଛି। ନିମ୍ନମାନର ରାସ୍ତା କାର୍ଯ୍ୟ ନେଇ ଲୋକାୟୁକ୍ତରେ ମାମଲା ବିଚାରାଧୀନ ଥିବାବେଳେ ନଗଡ଼ାକୁ ଏକ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଇ-ଅଭିଯୋଗ ମାଧ୍ୟମରେ ଦାବି ହେବା ପରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ରିପୋର୍ଟ ତଲବ କରାଯାଇଥିଲା। ତଦନୁଯାୟୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଇ-ଅଭିଯୋଗ ନୋଡାଲ ଅଧିକାରୀଙ୍କୁ ଦେଇଥିବା ଉତ୍ତରରେ ଦର୍ଶାଇଛନ୍ତି ଯେ, ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ତଳନଗଡ଼ା, ମଝି ନଗଡ଼ା ଓ ଉପରନଗଡ଼ାକୁ ନେଇ ନଗଡ଼ା ଗ୍ରାମ ହୋଇଛି। ୨୦୦୧ ଜନଗଣନା ଅନୁଯାୟୀ ନଗଡ଼ାର ଲୋକସଂଖ୍ୟା ୨୩୧। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପିଏମ୍‌ଜିଏସ୍‌ୱାଇରେ ସାମିଲ କରିବାକୁ ୨୫୦ରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ଆବଶ୍ୟକ। ତେଣୁ ନଗଡ଼ାକୁ ପିଏମ୍‌ଜିଏସ୍‌ୱାଇରେ ସାମିଲ କରାଯାଇପାରିବ ନାହିଁ। ଏହାସହିତ ସମଗ୍ର ଅଞ୍ଚଳ ଦୈତାରୀ ଜଙ୍ଗଲ ବ୍ଲକ ରେଞ୍ଜରେ ରହିଥିବା ଦର୍ଶାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ନଗଡ଼ା ପାଇଁ ପକ୍କା ନୁହେଁ ମାଟି ରାସ୍ତା ହିଁ ଏକମାତ୍ର ଉପାୟ।

ଉଲ୍ଲେଖଯୋଗ୍ୟ ଯେ, ୧୩।୭।୨୦୧୬ରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତତ୍କାଳୀନ ପ୍ରମୁଖ ସଚିବ ଆରତି ଆହୁଜା ନଗଡ଼ା ଗସ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ସେଥିରେ ନଗଡ଼ାର ଲୋକସଂଖ୍ୟା ୨୯୫ ରହିଥିବା ସେ ଦର୍ଶାଇଥିଲେ। ସେଥିମଧ୍ୟରୁ ଉପରନଗଡ଼ାରେ ୬୧, ମଝିନଗଡ଼ାରେ ୭୨ ଓ ତଳନଗଡ଼ାରେ ୧୬୨ ଜଣ ବସବାସ କରୁଥିବା ଦର୍ଶାଯାଇଥିଲା। ତେଣୁ ଏହି ରିପୋର୍ଟକୁ ଆଧାର କଲେ ନଗଡ଼ାକୁ ପିଏମ୍‌ଜିଏସ୍‌ୱାଇରେ ଏକ ପକ୍କା ରାସ୍ତା ନିର୍ମାଣ ସମ୍ଭବ ହୋଇପାରିବ।

## କରୋନା ସଂକ୍ରମଣ ସ୍ଥିତି

ଶୁକ୍ରବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୯୩,୮୫,୨୯୨ | ୭,୨୦,୦୩୪ | ୧,୨୪,୪୪,୯୮୮ |
| ଭାରତ | ୨୦,୮୩,୮୯୩ | ୪୨,୫୩୦ | ୧୪,୨୩,୩୯୯ |
| ଓଡ଼ିଶା | ୪୨,୫୫୦ | ୨୪୭(+୪୫) | ୨୮,୬୯୮ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସବୁ ରେକର୍ଡ ଭାଙ୍ଗିଲା କରୋନା

ଭୁବନେଶ୍ୱର, ୭।୮(ବ୍ୟୁରୋ)

### ସେପ୍ଟେମ୍ବରରେ କରୋନା କ୍ଲିନ୍ ହେବା ଆଶା

ଅଗଷ୍ଟରେ କରୋନା ଭୟଙ୍କର ହେବାରେ ଲାଗିଛି। ଯାହା ଆକଳନ କରାଯାଉଥିଲା ତାହା ହିଁ ହେଉଛି। ଏ ସମ୍ପର୍କରେ ଜୀବବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅଜୟ୍ ପରିଡ଼ା କହିଛନ୍ତି, କରୋନା ଅଗଷ୍ଟ ମାସରେ ପିକ୍‌ରେ ରହିବ ଓ ତା'ପରେ ଖସିବ। ସେପ୍ଟେମ୍ବର ବେଳକୁ କରୋନା କ୍ଲିନ୍ ହୋଇଯିବ ବୋଲି ଆଶା କରାଯାଉଛି। ଗଞ୍ଜାମରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଛି। ଏହାଛଡ଼ା ଅନେକ ଜିଲାରେ ସ୍ଥିତି ସ୍ଥିର ରହିଛି। କିଛି ଜାଗାରେ କରୋନା ନିୟନ୍ତ୍ରଣ ହୋଇଗଲାଣି। ଆଉକିଛି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଓଡ଼ିଶାରେ କରୋନା ସ୍ଥିତି ନିୟନ୍ତ୍ରଣରେ ରହିଛି। ଏହାକୁ ନେଇ ଆଦୌ ଭୟ କରିବାର ନାହିଁ ବୋଲି ପରିଡ଼ା କହିଛନ୍ତି।

ରାଜ୍ୟରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି କରୋନା ସଂକ୍ରମଣ। ଶେଷ ୨୪ ଘଣ୍ଟାରେ ଆକ୍ରାନ୍ତ, ସୁସ୍ଥ ଓ ମୃତ୍ୟୁରେ ସବୁ ରେକର୍ଡ ଭାଙ୍ଗିଦେଇଛି କରୋନା। ୨୯ ଜିଲାରେ ୧,୮୩୩ ଜଣଙ୍କୁ ସଂକ୍ରମିତ କରିବା ସହ ୧୨ ମୁଣ୍ଡ ନେଇଛି। ଫଳରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୪୨,୫୫୦କୁ ବୃଦ୍ଧି ପାଇଥିବାବେଳେ ମୃତ୍ୟୁ ୨୪୭ ଛୁଇଁଛି। ସେହିପରି ରାଜ୍ୟରେ ଆଉ ୧୮୧୦ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟ ସଂଖ୍ୟା ୨୮,୬୯୭ରେ ପହଞ୍ଚିଛି। ଏପଟେ ସଂକ୍ରମଣ ବ୍ୟାପିବାରେ ପ୍ରଥମ ସ୍ଥାନରେ ରହିଥିବା ଗଞ୍ଜାମ ଜିଲାକୁ ଟପିଯାଇଛି ଖୋର୍ଦ୍ଧା। ଏହି ଜିଲାରେ ପ୍ରଥମଥର ସର୍ବାଧିକ ୨୯୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏହା ତଳକୁ ରହିଥିବା ଗଞ୍ଜାମରେ ୨୭୯ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ଗଞ୍ଜାମରେ ମୋଟ ସଂକ୍ରମିତ ସଂଖ୍ୟା ୧୨,୩୫୯ ଓ ଖୋର୍ଦ୍ଧାରେ ୫,୮୨୯ରେ ପହଞ୍ଚିଛି। ସେହିପରି ସକ୍ରିୟ ହାରରେ ମଧ୍ୟ ଖୋର୍ଦ୍ଧା ଜିଲା ଆଗରେ ରହିଛି। ଶେଷ ତଥ୍ୟ ଅନୁସାରେ, ଗଞ୍ଜାମ ଜିଲାରେ ଆଉ ୭୦୦ଜଣ ସୁସ୍ଥ ହେବା ପରେ ମୋଟ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୧୭କୁ ଖସି ଆସିଛି। କିନ୍ତୁ ଖୋର୍ଦ୍ଧାରେ ୨୦୨ ସୁସ୍ଥ ହୋଇଥିବାରୁ ଏହି ଜିଲାରେ ଏବେ ୨୯୭୩ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ଗଞ୍ଜାମ ପରେ ଖୋର୍ଦ୍ଧାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଛି।

### ଦିନକରେ ୧୮୩୩ ଆକ୍ରାନ୍ତ, ୧୮୧୦ ସୁସ୍ଥ, ୧୨ ମୃତ

### ଗଞ୍ଜାମକୁ ଟପିଲା ଖୋର୍ଦ୍ଧା

ସେହିପରି ନୂଆ ପଜିଟିଭ୍ ଚିହ୍ନଟ କ୍ଷେତ୍ରରେ ଖୋର୍ଦ୍ଧା, ଗଞ୍ଜାମ ତଳକୁ ରହିଥିବା ରାୟଗଡ଼ାରେ ଆଉ ୧୫୨, କଟକ ୧୨୪, ସୁନ୍ଦରଗଡ଼ ୧୧୦, କଳାହାଣ୍ଡି ୮୪, ବାଲେଶ୍ୱରରୁ ୬୯, ପୁରୀ ୬୭, ନୟାଗଡ଼ ୬୧, ଯାଜପୁର ୬୦, ଭଦ୍ରକ ୫୦, କୋରାପୁଟ ୪୭, ସମ୍ବଲପୁର ୩୯, ଢେଙ୍କାନାଳ ୪୩, ବଲାଙ୍ଗୀର ୩୭, ମାଲକାନଗିରି ୩୬, ଗଜପତି ୩୫, ମୟୂରଭଞ୍ଜ, ବୌଦ୍ଧ ଓ କେନ୍ଦ୍ରାପଡ଼ାରୁ ୩୪ଜଣ ଲେଖାଏ, ସୋନପୁର ୩୩, ଝାରସୁଗୁଡ଼ାରୁ ୩୦, ଜଗତ୍‌ସିଂହପୁର, କନ୍ଧମାଳ ଓ କେନ୍ଦୁଝରରୁ ୧୬ଜଣ ଲେଖାଏ, ନବରଙ୍ଗପୁର ୧୧, ଅନୁଗୋଳ ୯, ବରଗଡ଼ରୁ ୮ ଓ ନୂଆପଡ଼ାରୁ ଜଣେ ରହିଛନ୍ତି। ଏହି ନୂଆ ସଂକ୍ରମିତଙ୍କ ମଧ୍ୟରୁ ୧୧୧୮ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୭୧୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି।

ଅନ୍ୟପକ୍ଷରେ ମୃତ୍ୟୁ ସଂଖ୍ୟା ମଧ୍ୟ ସର୍ବାଧିକ ରହିଛି। ଗୋଟିଏ ଦିନରେ ୧୨ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲାରେ ୩ଜଣ ଲେଖାଏ ରହିଥିବାବେଳେ ଭଦ୍ରକ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ସମ୍ବଲପୁର ଜିଲାରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ତେବେ ମୟୂରଭଞ୍ଜରେ ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ। ଏହାକୁ ମିଶାଇ ଗଞ୍ଜାମ ଜିଲାରେ ମୃତ୍ୟୁ ସଂଖ୍ୟା ସର୍ବାଧିକ ୧୨୩କୁ ବୃଦ୍ଧି ପାଇଥିବାବେଳେ ଖୋର୍ଦ୍ଧାରେ ୩୧ ରହିଛି। ଏପଟେ ରାଜ୍ୟରେ କରୋନା ନମୁନା ପରୀକ୍ଷା ସଂଖ୍ୟା ୬ଲକ୍ଷ ୧୬ହଜାର ୬୪୬ରେ ପହଞ୍ଚିଛି। ପଜିଟିଭ୍ ଚିହ୍ନଟ ହାର ୬.୯% ରହିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।




## ଆଶାକର୍ମୀଙ୍କୁ ଦୁର୍ବ୍ୟବହାର, ୫ ଗିରଫ

ପୁରୀ ଅଫିସ : ପୁରୀ ମ୍ୟୁନିସିପାଲିଟି ପେଣ୍ଠକଟା ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ସହ ସେମାନଙ୍କ ଘର ଉପରକୁ ଟେକା ମାଡ଼ ଓ ପରିବାର ସଦସ୍ୟଙ୍କୁ ଆକ୍ରମଣ ଅଭିଯୋଗ ହୋଇଥିଲା। ଏ ନେଇ ଗତମାସ ୨୬ ତାରିଖରେ ୩ଟି ମାମଲା ରୁଜୁ କରାଯାଇଥିଲା। ଏହି ଅଭିଯୋଗକ୍ରମେ ସମୁଦ୍ରକୂଳ ଥାନା ପୋଲିସ ଶୁକ୍ରବାର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପେଣ୍ଠକଟା ଚପଲା ଛେନାବାର ବରଫର ଏମ୍. ଶିବାଜୀ, ଗଙ୍ଗାଦେବୀ ବରଫର କେ. ବାଙ୍ଗା ରାଜୁ, ତାତାରାଓ ବରଫର ଗୋସଲା ଫଲରାଜୁ ଓ ପି. ମୁସୁଲି, କରୁଲ ବରଫର ବି. ସୀମାଞ୍ଚଲମ୍। ପୂର୍ବରୁ ଏହି ମାମଲାରେ ୧୫ ଜଣ ଗିରଫ ହୋଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ସାହିଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲୋକାୟୁକ୍ତଙ୍କ ନିକଟରେ ହାଜର ହେଲେନି ହେମନ୍ତ

**ପିପିଇ କିଟ୍ ଓ ମାସ୍କ କିଣା ଦୁର୍ନୀତି ମାମଲା**

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ପିପିଇ କିଟ୍ ଓ ମାସ୍କ କିଣା ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଲୋକାୟୁକ୍ତଙ୍କ ପକ୍ଷରୁ ଜାରି ନୋଟିସର କୌଣସି ଉତ୍ତର ଦେଇନାହାନ୍ତି ବରିଷ୍ଠ ଆଇଏଏସ୍ ଅଫିସର ହେମନ୍ତ ଶର୍ମା। ଶୁକ୍ରବାର ହେମନ୍ତଙ୍କୁ ହାଜର ହୋଇ ପକ୍ଷ ରଖିବା ନେଇ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେ ବ୍ୟକ୍ତିଗତ ଭାବେ ହାଜର ହୋଇ ନାହାନ୍ତି କି ତାଙ୍କ ପକ୍ଷରୁ କୌଣସି ଉତ୍ତର ଲୋକାୟୁକ୍ତଙ୍କ ନିକଟରେ ପହଞ୍ଚିନାହିଁ। ଏହାସତ୍ତ୍ୱେ ଲୋକାୟୁକ୍ତ ହେମନ୍ତଙ୍କୁ ଆଉଏକ ସୁଯୋଗ ଦେବା ସହ ଆସନ୍ତା ସେପ୍ଟେମ୍ବର ୧୪ ସୁଦ୍ଧା ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି, ରାଜ୍ୟରେ ପିପିଇ କିଟ ଓ ମାସ୍କ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କଂଗ୍ରେସ ନେତା ସୁଦର୍ଶନ ଦାସ ଅଭିଯୋଗ କରିବା ସହ ଏହାର ତଦନ୍ତ ପାଇଁ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଭାଜପା ଓ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିବା ପରେ ରାଜନୈତିକ ବିବାଦ ତୀବ୍ର ହୋଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କରୋନା ସାମଗ୍ରୀ କିଣାରେ କୌଣସି ଅନିୟମିତତା ହୋଇ ନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସରକାର ଶର୍ମାଙ୍କୁ କୋଭିଡ୍ ସାମଗ୍ରୀ କ୍ରୟ କମିଟିରୁ ବାଦ୍ କରିଥିଲେ।

# ବାହାର ଲୋକଙ୍କୁ ସ୍ୱାଧୀନତା ଦିବସ ଉତ୍ସବ ମନା

ପୁରୀ ଅଫିସ, ୭।୮

ପୁରୀ ସର୍କିଟ ହାଉସ୍‌ରେ ଶୁକ୍ରବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳବଣିଆସ୍ଥିତ ଜିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆରେ ସ୍ୱାଧୀନତା ଦିବସ ଉତ୍ସବ ଆୟୋଜନ ହେବ। ସକାଳ ୯ଟାରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପରେଡ୍ ଅଭିବାଦନ ଗ୍ରହଣ କରିବେ। କେବଳ ପୋଲିସ ବାହିନୀ ପକ୍ଷରୁ ପରେଡ କରାଯିବ। ଅନ୍ୟ କୌଣସି ଦଳକୁ ଏଥିପାଇଁ ଅନୁମତି ମିଳିବ ନାହିଁ। କୋଭିଡ୍ ଯୋଦ୍ଧା ଭାବେ ପରିଚିତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍ଏମ୍, ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ପୋଲିସ, ଅଗ୍ନିଶମ, ସଫେଇ କର୍ମଚାରୀ, ଆମ୍ବୁଲାନ୍ସ ଡ୍ରାଇଭର ଓ କରୋନାରୁ ଆରୋଗ୍ୟ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ସବକୁ ଆମନ୍ତ୍ରିତ କରାଯିବ। ବାହାର ଲୋକଙ୍କୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ସ୍ୱାଧୀନତା ଦିବସ ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୁନ ପରିବେଷଣ କରାଯିବ। ପୌରସଂସ୍ଥା ପକ୍ଷରୁ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଏସ୍‌ପି ଅଖିଳେଶ୍ୱର ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ନିର୍ଦ୍ଦେଶିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଜି.ସି. ରାୟ, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପକ୍ଷ ହେବାକୁ ସୁପ୍ରିମକୋର୍ଟ ଗଲା କେନ୍ଦ୍ର

**ସୁଶାନ୍ତ ସିଂ ମୃତ୍ୟୁ ମାମଲା**

- ଇଡିକୁ ରିଆ ସହଯୋଗ କରୁ ନ ଥିବା ଅଭିଯୋଗ
- କ୍ୱାରାଣ୍ଟାଇନ୍‌ରୁ ଫେରିଲେ ବିହାର ପୋଲିସ ଅଧିକାରୀ

ମୁମ୍ବାଇ, ୭।୮

ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲା କ୍ରମଶଃ ଜଟିଳ ହେବାରେ ଲାଗିଛି। ବିହାର ଓ ମହାରାଷ୍ଟ୍ର ସରକାରଙ୍କ ମଧ୍ୟରେ ଏନେଇ ବାକ୍‌ଯୁଦ୍ଧ ଚାଲିଛି। ଶୁକ୍ରବାର କେନ୍ଦ୍ର ସରକାର ମାମଲାରେ ପକ୍ଷ ହେବା ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲା ମୁମ୍ବାଇକୁ ସ୍ଥାନାନ୍ତର କରିବା ଲାଗି ଅଭିଯୁକ୍ତ ଅଭିନେତ୍ରୀ ତଥା ସୁଶାନ୍ତଙ୍କ ପ୍ରେମିକା ରିଆ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିବାବେଳେ କେନ୍ଦ୍ର ଏଥିରେ ହସ୍ତକ୍ଷେପ କରିବାକୁ ଚାହୁଁଛି। ପାଟନା ଏଫ୍ଆଇଆର୍ ସିବିଆଇକୁ ସ୍ଥାନାନ୍ତର କରିବା ଲାଗି ରିଆଙ୍କ ଆବେଦନର ଶୁଣାଣି ଉପରେ ପକ୍ଷର ଅ। ବ ଶ ୟ କ ତ। ରହିଛି ବୋଲି କେନ୍ଦ୍ର ଦର୍ଶାଇଛି। ଆସନ୍ତା ସପ୍ତାହରେ ରିଆଙ୍କ ଆବେଦନ ଉପରେ ଶୁଣାଣି କରାଯିବ। ପ୍ରକାଶଥାଉ କି, ସୁଶାନ୍ତ ମୃତ୍ୟୁ ମାମଲାରେ ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଘଟଣାର ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ ଏହି ମାମଲାରେ ରିଆ ଓ ତାଙ୍କ ଭାଇ ସୋଭିକ୍ ମୁମ୍ବାଇର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇ ବୟାନ ରଖିଛନ୍ତି। ସୁଶାନ୍ତଙ୍କ ଆକାଉଣ୍ଟରୁ ୧୫ କୋଟି ଟଙ୍କା ଗାଏବ ହେବା ନେଇ ଅଭିଯୋଗ ହେବା ପରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା। ଇଡି ପକ୍ଷରୁ ରିଆଙ୍କ ବ୍ୟାଙ୍କ ଆକାଉଣ୍ଟ ଓ କ୍ୟାସ୍ ଟ୍ରାନ୍ସଫର ସମ୍ପର୍କରେ ଜେରା କରାଯାଇଛି। ସୁଶାନ୍ତଙ୍କ ବାପା କେ. କେ. ସିଂ ଆଣିଥିବା ବିଭିନ୍ନ ଅଭିଯୋଗକୁ ଶୁକ୍ରବାର ଜେରାବେଳେ ରିଆ ଖଣ୍ଡନ କରିଛନ୍ତି। ସେ କେତେକ ଘଟଣାରେ ଚୁପ୍ ରହିବା ଓ ଇଡିକୁ ସହଯୋଗ କରୁ ନ ଥିବା ଅଭିଯୋଗ ମଧ୍ୟ ହୋଇଛି। ପ୍ରକାଶଥାଉ କି, ସିବିଆଇ ପକ୍ଷରୁ ଗୁରୁବାର ରିଆଙ୍କ ସମେତ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ସେପଟେ ମୁମ୍ବାଇରେ କ୍ୱାରାଣ୍ଟାଇନ୍‌ରେ ଥିବା ବିହାରର ଆଇପିଏସ୍ ଅଧିକାରୀ ବିନୟ ତିୱାରୀ ଫେରିଛନ୍ତି। ବିଏମ୍‌ସିକୁ ବିହାର ପୋଲିସ ଅନୁରୋଧ କରିବା ପରେ ତିୱାରୀଙ୍କୁ ଛାଡ଼ି ଦିଆଯାଇଛି।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପରତେ ନ ଯିବୁ ମାଳୀକି, କରଜ ନ ଦେବୁ ଶାଳିକି, ବିଲକୁ ନ ଦେବୁ ତଳିକି, ଘର କଥା ନେଇ ଦାଣ୍ଡରେ କହିଲେ ଭଗାରି ମାରନ୍ତି ତାଳିକି।**

ମାଳୀକୁ ବିଶ୍ୱାସ କରିବା ଠିକ୍ ନୁହେଁ। ଅର୍ଥ ନେଣଦେଣ ସମ୍ପର୍କରେ ଭଙ୍ଗା ପକେଇଥାଏ। ତେଣୁ ଶାଳୀ ପରି ସମ୍ପର୍କୀୟଙ୍କୁ ଧାରକରଜ ଦେବା ଉଚିତ ହୋଇ ନ ଥାଏ। ବିଲକୁ ତଳି ପକେଇବା ପାଇଁ ଦେବା ଅନୁଚିତ। ସେହିପରି ଘର କଥା ଦାଣ୍ଡରେ ଗପିବା ଠିକ୍ ନୁହେଁ। କାରଣ ଭଗାରି ଶୁଣିଲେ ତାଳି ମାରି ମଜା ଉଠେଇବାରେ ଆଦୌ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପୂବେଇ ବାଆ, ଧାନର ମାଆ।**

ସାଧାରଣତଃ ପୂରୁବ ଦିଗରୁ ପବନ ବହିଲେ ଧାନ ଗଛ ଭଲ ବଢ଼ିବା ସହ ଅଧିକ ଧାନ ହୋଇଥାଏ। ପ୍ରକୃତି ସହ ଏ ସମ୍ପର୍କ ଏବଂ ଅବସ୍ଥା ଚାଷୀ ପାଇଁ ଖୁସି ଆଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ**

## ସାପ କାମୁଡ଼ାରେ ବାପା ଝିଅ ମୃତ

ଭାପୁର,୭।୮(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଶାସନ ଗ୍ରାମ ପଞ୍ଚାୟତ ଦଶମନ୍ତପୁର ଗ୍ରାମରେ ସାପ କାମୁଡ଼ାରେ ବାପା ଓ ଝିଅଙ୍କ ଅକାଳ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଗତ ବୁଧବାର ରାତିରେ ଗ୍ରାମର ମାଗିରାମ ବେହେରା (୪୫) ଓ ତାଙ୍କ ଝିଅ ସଅବାରୀ ବେହେରା(୧୬) ଘରେ ଶୋଇଥିବା ବେଳେ ସେମାନଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ସେମାନଙ୍କୁ ନିକଟସ୍ଥ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁବାର ଝିଅକୁ ଖୋର୍ଦ୍ଧା ଓ ମାଗିରାମଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

# ୟୁପି ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ ବିବାଦ

ଲକ୍ଷ୍ନୌ, ୭।୮

ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ମସ୍‌ଜିଦର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ନ ପାରେ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ସମାଜବାଦୀ ପାର୍ଟି (ଏସ୍‌ପି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ବୟାନକୁ ସମାଲୋଚନା କରାଯିବା ସହ କ୍ଷମା ମାଗିବାକୁ ଦାବି କରାଯାଇଛି। ଆଦିତ୍ୟନାଥ କେବଳ ହିନ୍ଦୁ ସମ୍ପ୍ରଦାୟର ନୁହନ୍ତି ବରଂ ସାରା ରାଜ୍ୟର ମୁଖ୍ୟମନ୍ତ୍ରୀ। ତେଣୁ ଏଭଳି ମନ୍ତବ୍ୟ ଦେବା ଅନୁଚିତ ବୋଲି ଏସ୍‌ପି କହିଛି। ପ୍ରକାଶଥାଉ କି, ଅଯୋଧ୍ୟାରେ ରାମମନ୍ଦିର ଭୂମିପୂଜା ପରେ ସେ ଟିଭିରେ ନିଜକୁ ଜଣେ ଯୋଗୀ ଓ ହିନ୍ଦୁ ବୋଲି ପରିଚୟ ଦେଇ ମସ୍‌ଜିଦ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇ ନ ପାରନ୍ତି ବୋଲି କହିଥିଲେ।

ଜଣେ ମୁଖ୍ୟମନ୍ତ୍ରୀଭାବେ ଧର୍ମ, ବିଶ୍ୱାସ, ସମ୍ପ୍ରଦାୟକୁ ନେଇ ମୋର କୌଣସି ସମସ୍ୟା ନାହିଁ। କିନ୍ତୁ ଜଣେ ଯୋଗୀ କିମ୍ବା ହିନ୍ଦୁ ଭାବେ ଏଭଳି କାର୍ଯ୍ୟ କରିପାରିବି ନାହିଁ ବୋଲି ଆଦିତ୍ୟନାଥ କହିଥିଲେ। ଜଣେ ବାଦୀ କି ପ୍ରତିବାଦୀ ନ ଥିବାରୁ ମୋତେ ସେଠାକୁ ନିମନ୍ତ୍ରଣ କରାଯିବନି କି ମୋର ସେଠାକୁ ଯିବାର ନାହିଁ ବୋଲି ସେ ମତ ଦେଇଥିଲେ। ସେମାନେ ମୋତେ ଡାକିଲେ ଅନେକଙ୍କ ଧର୍ମନିରପେକ୍ଷତା ବିପଦରେ ପଡ଼ିବ। ତେଣୁ ସେମାନଙ୍କ ଧର୍ମନିରପେକ୍ଷତା ବିପଦରେ ପଡୁ ବୋଲି ମୁଁ ଚାହେଁନି। ବିନା ଭେଦଭାବରେ ସରକାରଙ୍କଠାରୁ ସମସ୍ତେ ସୁବିଧା ପାଆନ୍ତୁ ବୋଲି ଆଦିତ୍ୟନାଥ କହିଛନ୍ତି। ରୋଜା-ଇଫ୍‌ତାରରେ ଟୋପି ପିନ୍ଧି ଧର୍ମନିରପେକ୍ଷତା ବୋଲି ଡ୍ରାମା କରିବା ଠିକ୍ ନୁହେଁ। ଲୋକମାନେ ବାସ୍ତବତା ଜାଣନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଭଳି ମନ୍ତବ୍ୟକୁ ଏସ୍‌ପି ନେତା ପୱନ ପାଣ୍ଡେ ସମାଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଭାବେ ଶପଥ ନେଇ ଏଭଳି ମନ୍ତବ୍ୟ ଦେବା ଆଇନବିରୋଧୀ ବୋଲି କହିଛନ୍ତି। ସେପଟେ କଂଗ୍ରେସ ମୁଖପାତ୍ର ଲାଲନ୍ କୁମାର ଏନେଇ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ହେଁ ଜାଲ୍ ହିନ୍ଦୁତ୍ୱକୁ ନେଇ ଭାଜପା ରାଜନୀତି କରୁଥିବା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ମନକୁ ବୁଝାଇ ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ।

**ବୃଷ**
ଆଜି ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡା ହୋଇପାରେ। ଅତୀତଘଟଣାକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ମିଥୁନ**
କାର୍ଯ୍ୟସିଦ୍ଧି ହେତୁ ସାମୟିକ ଆନନ୍ଦ ଅନୁଭବ କରିବେ। ପରିବାର ସକାଶେ ଧାରକରଜ କରି ଆବଶ୍ୟକତାକୁ ପୂରଣ କରିବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବନ୍ଧୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇପାରନ୍ତି।

**କର୍କଟ**
ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ସ୍ଥଗିତ ରହିଯାଇଥିବା କାର୍ଯ୍ୟ ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ସିଂହ**
ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ପାଇଁ ପଡୋଶୀ କିମ୍ବା ସହକର୍ମୀ ପ୍ରରୋଚିତ କରିପାରନ୍ତି। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା**
ଆଶଙ୍କା କରୁଥିବା ଅତୀତରେ ଘଟିଯାଇଥିବା ଘଟଣାରେ ସେମିତି କିଛି ହେବ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅପରାହ୍ନେ ଖୋଜୁଥିବା ଜିନିଷଟି ପାଇଯିବେ।

**ତୁଳା**
ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ମାନସିକ ଅସ୍ଥିରତା କାରଣରୁ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ସହକର୍ମୀଙ୍କ ସହାନୁଭୂତି ଯୋଗୁଁ କାମଗୁଡିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ।

**ବିଛା**
ଆକସ୍ମିକ ଭାବରେ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ଦରକାର ସମୟରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ କିନ୍ତୁ ବନ୍ଧୁଙ୍କ ଆଶ୍ୱାସନାରୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ପଡୋଶୀ ଈର୍ଷାନ୍ୱିତ ହୋଇ ସମାଲୋଚନାମୂଳକ କଥା କହିବେ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଠିକଣା ସମୟରେ ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ,ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପାଖ,ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ**
କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରର କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଆଜିର ଯାତ୍ରା, ବାଣିଜ୍ୟ ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

ଆଜି ରକ୍ଷାପଞ୍ଚମୀ, ଶ୍ରୀମନ୍ଦିରରେ ରେଖାପଞ୍ଚମୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମଦ୍ୱାରରେ ଘଣ୍ଟାକର୍ଣ୍ଣପୂଜା, ଅଗଷ୍ଟ ୮ତାରିଖ, ଶନିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୪ମି. ଗତେ ଘ.୦୧.୦୮ମି.ମଧ୍ୟେ, ରାତ୍ରି ଘ.୦୮.୩୦ମି. ଗତେ ଘ.୧୦.୪୫ମି. ମଧ୍ୟେ, ଘ.୧୨.୧୪ମି. ଗତେ ଘ.୦୧.୪୪ମି.ମଧ୍ୟେ ଅମୃତବେଳା। ଦିବା ଘ.୦୮.୪୦ମି. ଗତେ ଘ.୧୦.୧୬ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

**ରୁପା କେଜି ୭୮ ...**

ଏହି ସମୟରେ ସୁନା ଏବଂ ରୁପା ଦର ଯଥାକ୍ରମେ ଆଉନ୍ସ ପିଛା ୨,୦୬୧ ଡଲାର ଏବଂ ୨୮.୩୬ ଡଲାରରେ ବିକ୍ରି ହେଉଛି। ମୋତିଲାଲ ଓସ୍‌ୱାଲ ଫାଇନାନ୍ସିଆଲ ସର୍ଭିସେସ୍‌ର କମୋଡିଟି ରିସର୍ଚ୍ଚ ଉପସଭାପତି ନବନୀତ ଦମାନୀ କହିଛନ୍ତି, ସୁନା ଏବଂ ରୁପା ଅନ୍ୟ ଏକ ରେକର୍ଡ ସ୍ତର ଛୁଇଁଛି। ବଜାରରେ ଏହି ଦୁଇ ଧାତୁର ମୂଲ୍ୟରେ ଦ୍ରୁତ ପରିବର୍ତ୍ତନ ହେଉଥିବାରୁ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି। ବର୍ତ୍ତମାନ କରୋନା ମହାମାରୀ ଯୋଗୁ ବଜାର ଗଭୀର ଭାବେ ପ୍ରଭାବିତ ହୋଇଛି। ଚାହିଦା କ୍ଷତିଗ୍ରସ୍ତ ହେବା ଯୋଗୁ ଏହା ଶିଳ୍ପଗୁଡିକର କାରବାରକୁ ମଧ୍ୟ ପ୍ରଭାବିତ କରୁଛି। ଚାହିଦା ଫେରିବାକୁ ଶିଳ୍ପ ଜଗତ ଅପେକ୍ଷା କରି ରହିଛି। ଏପଟେ ବଜାରକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। ବଜାର ପ୍ରଭାବିତ ରହିଲେ ମଧ୍ୟ ଲଗାତର ସୁନା ଦର ବଢ଼ିଚାଲିଛି। କରୋନା କାଳରେ ମଧ୍ୟ ସୁନା ଚମକୁଥିବା ବଜାର ବିଶେଷଜ୍ଞ ମତ ରଖିଛନ୍ତି।

**ଆଜିର ମନ୍ତବ୍ୟ**

"ନୂଆ ଶିକ୍ଷାନୀତି ନ୍ୟୁ ଇଣ୍ଡିଆର ମୂଳଦୁଆ।"
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


# classifieds Everyday

0674-2580101, 2549302




**SALE**

**Best location developed Gharabari limited plots infrontof Symphony mall, Hanspal under BDA and BMC- 9040059669.** D-69607

Litigation free yellow zone plots at Nuagaon, Malipada near Sum Hospital, DAV School, Bhubaneswar. One time registration, 1700/-psqft. 7735768268. D-69324

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

**Gharabari plot at Patia, Raghunathpur Padasahi, Baranga, duplex, flat Raghunathpur, Patia, Nakhara, Balianta, Bhubaneswar. 8917589179.** D-69135

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397/ 9861022055. D-17905

Boundary plot sale 2nd Infocity near Chhatabar gated community 2000sqft. 12,00,000/, IIT Argul Rlystation 4000sqft. 8,00,000/-, 8249086912. D-69325

Genuine sthitiban 1850sqft. road side plot sale near Ganghapatna, Bhubaneswar. 8895086603. D-69140

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**2BHK independent House at Kalinga Nagar, Bhubaneswar (For family only), Preferably Service holder. Mob No-9437749096.** D-17906

Office space (Interior done)1265sqft. on first floor at DLF Cybercity, Bhubaneswar, Patia. Contact: 7978821295, 9337431976. D-17902





Newly open full body massage by Lady/ Gents therapists - 8018656899. D-60885

Relaxing body massage by Lady/ Gents therapists - 7008773793. D-60886

Newly open SPA centre full body massage, Rasulgarh, Bhubaneswar. 7846814019. D-59956

Newly open SPA Centre full body massage Bamikhal, Bhubaneswar. 7205187702. D-59955




ଏବର୍ଷର ଲାଭଉଠାନ୍ତୁ ଏବଂ ଘରେ ରହି course କରନ୍ତୁ। BAMS, BHMS, BUMS, D.Pharma, GNM, WhatsApp. 9893869473 (Agent Excuse). D-69716

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Build Income for Life, work from Home has never been so Interesting. Log on to www.odisha.ws. Contact: 9437068052. D-17907

**LOST**

I, Smt. Jayashri Pattanaik of Eastern Builders and Developers Pvt Ltd would like to inform you the General Public that, I have misplaced my original sale deed documents bearing No. 1135/ 1997 Sub-Registrar. BBSR. If anyone finds it, kindly contact me at My Mob No. 8093359442 within 15days from the date of this ad. D-17903

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପୁରୀରେ ହେବନି ସପ୍ତାହାନ୍ତ ଶଟ୍‌ଡାଉନ**

**ପୁରୀ ଅଫିସ:** ପୁରୀ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ ହେବ ନାହିଁ। ଅର୍ଥାତ୍ ଶନିବାର ଓ ରବିବାର ଶଟ୍‌ଡାଉନ ରହିବ ନାହିଁ। କିନ୍ତୁ ଯଦି ଆବଶ୍ୟକ ପଡ଼େ ଏ ନେଇ ପରବର୍ତ୍ତୀ ପ୍ରଶାସନିକ ନିଷ୍ପତ୍ତି ଠିକ୍ ସମୟରେ ଜଣାଇ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ସୂଚନାଥାଉ କି, ଗତ ୩୧ ତାରିଖରେ ଜିଲାପାଳ ବଲୱନ୍ତ ସିଂ କହିଥିଲେ ଅଗଷ୍ଟ ମାସର ପ୍ରଥମ ଶନିବାର ଓ ରବିବାର ଅର୍ଥାତ୍ ୧ ଓ ୨ ତାରିଖରେ ସପ୍ତାହାନ୍ତ ଶଟ୍‌ଡାଉନ କଟକଣା କୋହଳ ରହିବ। ପ୍ରଥମେ କରୋନା ପଜିଟିଭ ସଂଖ୍ୟା ଓ ସ୍ଥିତି ଅନୁଧ୍ୟାନ କରାଯିବ। ଏହାପରେ ସପ୍ତାହାନ୍ତ ଶଟ୍‌ଡାଉନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# କୃତ୍ରିମ ପ୍ରଜନନ ପ୍ରକ୍ରିୟାରେ ସାମିଲ ହେବ ୧୫ ଲକ୍ଷ ଗୋସମ୍ପଦ

ଭୁବନେଶ୍ୱର,୭।୮(ବ୍ୟୁରୋ)

ଜାତୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଲକ୍ଷ ଗୋସମ୍ପଦକୁ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୦ରୁ ଆରମ୍ଭ କରାଯିବ। ପ୍ରତ୍ୟେକ ଜିଲାରେ ୫୦୦ ଗ୍ରାମକୁ ଏଥିନିମନ୍ତେ ଚିହ୍ନଟ କରାଯିବ। ଏହାଛଡା ଡିପ୍‌ଲିଟର ପଦ୍ଧତିରେ ୫୦୦ କ୍ଷମତା ବିଶିଷ୍ଟ କୁକୁଡ଼ା ଚାଷ, ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ଚାଷ, ୨୦୦ କ୍ଷମତା ବିଶିଷ୍ଟ ଡିପ୍‌ଲିଟର ପଦ୍ଧତିରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଅଣ୍ଡାଦିଆ କୁକୁଡ଼ା ଚାଷ ନିମନ୍ତେ ରାଜ୍ୟ ଯୋଜନା ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାକୁ ପୂରଣ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ

**ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ କାର୍ଯ୍ୟକାରୀ କର: ମନ୍ତ୍ରୀ**

ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାଛ, କୁକୁଡ଼ା, ଅଣ୍ଡା, ଦୁଗ୍ଧ ଆଦି ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହିତ ଓଡ଼ିଶାକୁ ଏକ ବଳକା ରାଜ୍ୟରେ ପରିଣତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଶୁକ୍ରବାର ଆୟୋଜିତ ଭର୍ଚୁଆଲ୍ ବୈଠକରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। କୋଭିଡ୍-୧୯ ସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ କାର୍ଯ୍ୟକାରୀ କରି ଲୋକମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ମାଛଚାଷୀମାନଙ୍କୁ ଆଗୁଆ ଯାଆଁଳ ଯୋଗାଇ ଦେବାର ଆବଶ୍ୟକତା ରହିଛି। ଏହିଦୃଷ୍ଟିରୁ ଅଗଷ୍ଟ ୩୧ ସୁଦ୍ଧା ସରକାରୀ ଓ ଓପିଡିସି ଫାର୍ମ ଜରିଆରେ ବିଭିନ୍ନ ପ୍ରକାରର ମାଛ ଯାଆଁଳ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମତ୍ସ୍ୟ ପୋଖରୀ ଯୋଜନାରେ ମାଛଚାଷକୁ ବ୍ୟାପକ କରିବା ପାଇଁ ହିତାଧିକାରୀ ଚୟନ ଓ ଅନୁମୋଦନ ପ୍ରକ୍ରିୟା ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟଚାଷୀ ପରିବାରଙ୍କୁ କିଷାନ କ୍ରେଡିଟ୍ କାର୍ଡ ଯୋଗାଇ ଦେବା ଲକ୍ଷ୍ୟରେ ଜୁନ୍ ୧୦ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରାଯାଇଛି। ଏହି ମର୍ମରେ ଜିଲା ମତ୍ସ୍ୟ ଅଧିକାରୀମାନେ ଗ୍ରହଣ କରିଥିବା ଆବେଦନପତ୍ରଗୁଡ଼ିକ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକୁ ଅଗଷ୍ଟ ୩୧ ସୁଦ୍ଧା ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ଆର୍. ରଘୁପ୍ରସାଦ, ପ୍ରାଣୀପାଳନ ଓ ପ୍ରାଣୀପାଳନ ଚିକିତ୍ସା ନିର୍ଦ୍ଦେଶକ ରତ୍ନାକର ରାଉତ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ଜିଲାର ସମସ୍ତ ସିଡିଭିଓ, ଜିଲା ମତ୍ସ୍ୟ ଅଧିକାରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ନୋଳିଆସାହି, ଭେଙ୍କଟରାୟପୁର ଗାଁକୁ ମିଳିଲା ୟୁନେସ୍କୋ ପ୍ରମାଣପତ୍ର

ଭୁବନେଶ୍ୱର,୭।୮(ବ୍ୟୁରୋ)



ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

ଜଗତସିଂହପୁର ଜିଲାର ନୋଳିଆ ସାହି ଏବଂ ଗଞ୍ଜାମ ଜିଲାର ଭେଙ୍କଟରାୟପୁର ଗ୍ରାମକୁ ୟୁନେସ୍କୋର ଇଣ୍ଟରଗଭର୍ନମେଣ୍ଟାଲ ଓସେନୋଗ୍ରାଫିକ କମିଶନ (ଆଇଓସି) ପକ୍ଷରୁ ସୁନାମୀ ପ୍ରସ୍ତୁତ(ସୁନାମୀ ରେଡି) ଗ୍ରାମର ମାନ୍ୟତା ମିଳିଛି। ଶୁକ୍ରବାର ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ୟୁନେସ୍କୋ ପକ୍ଷରୁ ଓଏସଡିଏମଏକୁ ସ୍ୱୀକୃତୀ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରଣାଳୟର ସଚିବ ଏମ. ରାଜୀବନ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମଏ) ମେମ୍ବର ସେକ୍ରେଟାରୀ ଜିଭିଭି ଶର୍ମା, ଓଏଏସଡିଏମ ଏମଡି ପ୍ରଦୀପ କୁମାର ଜେନା ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ଶୁକ୍ରବାର ଭୁବନେଶ୍ୱର ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ଚାଲୁଥିବା ପାଣି।

# ଡାକ୍ତରଙ୍କୁ ଠକେଇ ଅଭିଯୋଗରେ ଯୁବତୀ ଗିରଫ

**ଆକାଉଣ୍ଟରୁ ଉଠାଇ ନେଇଥିଲେ ୪ଲକ୍ଷ ୫୭ ହଜାର**

ଅନୁଗୋଳ ଅଫିସ୍, ୭।୮: ଅବସରପ୍ରାପ୍ତ ଜଣେ ହୋମିଓପାଥିକ ଡାକ୍ତରଙ୍କ ଆକାଉଣ୍ଟରୁ ୪ ଲକ୍ଷ ୫୭ ହଜାର ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗରେ ଅନୁଗୋଳ ଜିଲା ତାଳଚେର ପୋଲିସ ଜଣେ ଯୁବତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବତୀଙ୍କ ଘର କୋଲିୟରୀ ଥାନା କଳମଛୁଇଁ ମଝିକା ଗାଁରେ। ପୋଲିସ କହିଛି, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବିରିକୋଲେଇ ଗାଁର ଅବସରପ୍ରାପ୍ତ ହୋମିଓପାଥିକ ଡାକ୍ତର ବିଜୟ କୁମାର ପ୍ରଧାନ ତାଙ୍କ ବ୍ୟାଙ୍କ ଖାତାରୁ ୪ଲକ୍ଷ ୫୭ ହଜାର ୩୮୫ ଟଙ୍କା ଠକେଇ ହୋଇଥିବା ଗତବର୍ଷ ଡିସେମ୍ବର ମାସରେ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ନଂ. ୩୭୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଏହି ଠକେଇରେ ଜଣେ ଯୁବତୀ ସମ୍ପୃକ୍ତ ଅଛନ୍ତି ଓ ସେ ଅଭିଯୋଗକାରୀଙ୍କ ପରିଚିତ। ଇନ୍ସ୍ୟୁରାନ୍ସ ପ୍ରିମିୟମ ଭରିବା ପାଇଁ ବିଜୟ ବିଶ୍ୱାସରେ ଯୁବତୀ ଜଣଙ୍କୁ ବ୍ୟାଙ୍କ ଆକାଉଣ୍ଟ, ଏଟିଏମ୍ କାର୍ଡ ଓ ପିନ୍ ନମ୍ବର ଦେଇଥିଲେ। ହେଲେ ସମ୍ପୃକ୍ତା ଯୁବତୀ ବିଜୟଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନିଜ ଲୋନ୍ ଆକାଉଣ୍ଟରେ ଡିପୋଜିଟ୍ କରୁଥିଲେ। ବର୍ଷେ ହେବ ଯୁବତୀ ଜଣକ କଟକ-ସଦର ଥାନା ଅଞ୍ଚଳରେ ଏକ ବୁଟିକ୍ କରିଥିବା ଜାଣିବା ପରେ ତାଳଚେର ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ଛାତିରେ ଲୁହାଛଡ଼ ପଶି ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୭।୮

**ଅର୍ଦ୍ଧନିର୍ମିତ ଡ୍ରେନ୍ କାଳ ହେଲା**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଓଭରବ୍ରିଜ ନିକଟରେ ଅର୍ଦ୍ଧନିର୍ମିତ ଡ୍ରେନ୍ ଲୁହାଛଡ଼ ଛାତିରେ ପଶିଯିବାରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାଞ୍ଜିପଲ୍ଲୀ ତୋଟାସାହିର ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ (୩୫)। ଶୁକ୍ରବାର ଟ୍ରାଫିକ୍ ପୋଲିସ ଛଡ଼ କାଟି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଠିକାଦାରଙ୍କ ଖାମଖିଆଲି ନୀତି ଯୋଗୁ ଏପରି ଘଟିଲା ବୋଲି ସ୍ଥାନୀୟ ଲୋକେ ପୋଲିସକୁ ଅଭିଯୋଗ କରିଛନ୍ତି।

ଏସ୍‌ସି ମରାମତି କାମ କରୁଥିବା ପୂର୍ଣ୍ଣଚନ୍ଦ୍ର ଗୁରୁବାର ସ୍କୁଟି ନେଇ କୌଣସି କାମରେ ଯାଇଥିବା ବେଳେ ରାତିରେ ଫେରି ନ ଥିଲେ। ଶୁକ୍ରବାର ସକାଳେ ଆଙ୍କୁଲି ଓଭରବ୍ରିଜ୍ ନିକଟ ଡ୍ରେନରେ ଜଣେ ଯୁବକଙ୍କ ଛାତିରେ ଲୁହାଛଡ଼ ପଶିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ ଡ୍ରେନ୍‌ରେ ପଡିଥିବା ସ୍କୁଟି ନଂ. ଓଡ଼ି ୦୭ ଜେ ୯୪୮୦କୁ ଯାଞ୍ଚ କରି ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ଖବର ଦେଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ଭାଇ ଈଶାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଦୀର୍ଘଦିନ ହେଲା ଡ୍ରେନ କାମ ସରୁନି। ଲୁହାଛଡ଼ ବାହାରକୁ ବାହାରି ରହିଛି। ଉକ୍ତ ରାସ୍ତାରେ ଗାର୍ଡୱାଲ୍ କି ଆଲୁଅ ବ୍ୟବସ୍ଥା କରାଯାଇନାହିଁ। ତେଣୁ ଏପରି ଦୁର୍ଘଟଣା ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି। ବୈଦ୍ୟନାଥପୁର ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ, ବ୍ରହ୍ମପୁର ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି ଓ ଟ୍ରାଫିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ନଂ.୨୬/୨୦ରେ ଏକ ମାମଲା ରୁଜୁ କରାଯାଇଛି।

STEEL AND POWER PLANT JOB
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନଗୁଳ, କଟକ, ରାୟଗଡା, ବଲାଙ୍ଗୀର,ପାରାଦ୍ୱୀପ ଝାରସୁଗୁଡା, ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 62,760/-
Email your CV to : essarplants21@gmail.com
WhatsApp : 6370014996

# ନୂତନ ପ୍ରସ୍ତାବ ଦାଖଲ ନ କରିବାକୁ କଲେଜକୁ ଚିଠି

ଭୁବନେଶ୍ୱର, ୭।୮(ବ୍ୟୁରୋ)

ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ପ୍ରଶାସନିକ ଅନୁମୋଦନ ନିମନ୍ତେ କୌଣସି ନୂତନ ପ୍ରସ୍ତାବ ଦାଖଲ ନ କରିବାକୁ ରାଜ୍ୟର ସରକାରୀ ଡିଗ୍ରୀ କଲେଜଗୁଡ଼ିକୁ କୁହାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ଶୁକ୍ରବାର ରାଜ୍ୟର ସମସ୍ତ ସରକାରୀ ଡିଗ୍ରୀ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ସରକାରୀ କଲେଜଗୁଡ଼ିକ ଉଚ୍ଚଶିକ୍ଷା ବିଭାଗର ପ୍ରଶାସନିକ ଅନୁମୋଦନ ପାଇଁ କୌଣସି ନୂତନ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଦାଖଲ ନ କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, କୋଭିଡ୍-୧୯ ମହାମାରୀ ପାଇଁ ଅର୍ଥନୈତିକ ସଂକଟ ଦେଖାଦେଇଛି। ତେଣୁ ଖର୍ଚ୍ଚ ହ୍ରାସକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶନାମା ଜାରି କରିଛି।

# ୨ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ଓଡିଶା କ୍ୟାଡରର ୨ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଶୁକ୍ରବାର କେନ୍ଦ୍ର ସରକାରରେ ନୂଆ ଦାୟିତ୍ୱ ଦେଇଛନ୍ତି। ୨୦୧୫ ମେ'ରୁ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ୧୯୮୯ ବ୍ୟାଚ୍‌ର ଅମିତ ମୋହନ ପଣ୍ଡାଙ୍କୁ ଇଣ୍ଡୋ-ତିବ୍ବତୀୟ ବାଟାଲିୟନ ପୋଲିସ (ଆଇଟିବିପି)ର ଅତିରିକ୍ତ ଡିଜି ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହି ପଦବୀରେ ୨୦୨୨ ମେ ୭ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ଏଥିସହ ସେ ୭ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଅଧୀନରେ ଡେପୁଟେଶନରେ ରହିବେ ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତିରେ ଜାରି କରାଯାଇଛି। ସେହିପରି ଏବେ ରାଜ୍ୟ ଭିଜିଲାନ୍ସରେ ଅତିରିକ୍ତ ଡିଜି ଭାବେ କାର୍ଯ୍ୟରତ ୧୯୯୫ ବ୍ୟାଚ୍‌ର ପଦ୍ମାକର ଏସ୍ ରଣପିସେଙ୍କୁ ସିଆର୍‌ପିଏଫ୍ ଆଇଜି ଭାବେ ନିଯୁକ୍ତି ମିଳିଛି। ସେ କେନ୍ଦ୍ର ସରକାରଙ୍କ ଅଧୀନରେ ୫ ବର୍ଷର ଡେପୁଟେଶନରେ କାର୍ଯ୍ୟ କରିବେ। ରଣପିସେଙ୍କୁ ତୁରନ୍ତ ବର୍ତ୍ତମାନର ଦାୟିତ୍ୱରୁ ଅବ୍ୟାହତି ଦେବା ପାଇଁ ମୁଖ୍ୟ ଶାସନ ସଚିବ ଅସୀତ୍ କୁମାର ତ୍ରିପାଠୀଙ୍କୁ ମନ୍ତ୍ରାଳୟ ପକ୍ଷରୁ ଚିଠି କରାଯାଇଛି।

# ବୈଦ୍ୟୁତିକ ସମସ୍ୟାର ସମାଧାନ କରିବ ଟାଟା ପାୱାର କଲ୍ ସେଣ୍ଟର

ଭୁବନେଶ୍ୱର, ୭।୮(ବ୍ୟୁରୋ): ଭୁବନେଶ୍ୱରସ୍ଥିତ କଲ୍ୟାଣୀ କମ୍ପ୍ଲେକ୍ସ ପରିସରରେ ଶୁକ୍ରବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଦ୍ୱାରା ଟାଟା ପାୱାର କଲ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏହା ଉପଭୋକ୍ତା ଏବଂ କମ୍ପାନୀ ମଧ୍ୟରେ ସେତୁ ସାଜିବ। ବିଦ୍ୟୁତ୍ ସମସ୍ୟାର ତ୍ୱରିତ ସମାଧାନ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ଏହି କଲ୍ ସେଣ୍ଟର ୨୪ ଘଣ୍ଟିଆ କାର୍ଯ୍ୟ କରିବ। ଏଠାକୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ଉପଭୋକ୍ତାମାନେ ବିଦ୍ୟୁତ୍ ସରବରାହଜନିତ ତ୍ରୁଟି, ଦେୟ ପୈଠ, ନୂଆ ଲାଇନ୍ ସଂଯୋଗ, ଠିକଣା ପରିବର୍ତ୍ତନ ସମ୍ପର୍କିତ ବିଭିନ୍ନ ତଥ୍ୟ ପାଇପାରିବେ। ବିଭିନ୍ନ ପ୍ରଶ୍ନ ପଚାରି ସନ୍ଦେହ ଦୂର କରିପାରିବେ। ଅଭିଯୋଗ ଦାଖଲ ମଧ୍ୟ ହୋଇପାରିବ। କଲ୍‌ସେଣ୍ଟର ଉଦ୍‌ଘାଟନ କରିବା ପରେ ଶକ୍ତିମନ୍ତ୍ରୀ ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍‌ର ମୁଖ୍ୟ ନିର୍ବାହୀ ଏମ୍. ସେନବାଗାମ୍‌ଙ୍କ ସମେତ ଟାଟା ପାୱାରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**FOOD SUPPLIES & CONSUMER WELFARE DEPARTMENT**
**ADVERTISEMENT**

Applications are invited for appointment to the posts of whole time **Member** (One) in the **"Odisha State Food Commission"**, set up by Government of Odisha under the provisions of the **National Food Security Act, 2013 (NFSA)**. The Member of the State Food Commission is to perform such duties and functions and exercise such powers as prescribed under the **NFSA** and **Odisha State Food Commission Rules 2016** made there under. The Head Office of the Commission will be at Bhubaneswar.

For complete information on qualification, eligibility criteria, application form and other details, the applicants are requested to visit and download the same from the Department's website **www.foododisha.in** under the 'Notification' link.

The application shall be submitted through Speed Post / Registered Post / By Person only to **"Joint Secretary to Government (NFSA), Food Supplies & Consumer Welfare Department, Loka Seva Bhawan, Bhubaneswar-751001"**.

The last date for receipt of application complete in all respect is **06 September, 2020.**

Sd/-
Joint Secretary

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
IBPS प्रज्ञाविभावनम्
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରି ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୧-୨୨ର ଖାଲିସ୍ଥାନ ପାଇଁ ସିଆର୍‌ପି ପିଓ/ଏମ୍‌ଟି-x)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରି ଅଫିସର/ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅକ୍ଟୋବର/ନଭେମ୍ବର ୨୦୨୦ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୫।୦୮।୨୦୨୦ରୁ ୨୬।୦୮।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୫।୦୮।୨୦୨୦ରୁ ୨୬।୦୮।୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନଲୋଡ୍* | ସେପ୍ଟେମ୍ବର ୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ୨୧।୦୯।୨୦୨୦ରୁ ୨୬।୦୯।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଅକ୍ଟୋବର ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ୦୩।୧୦।୨୦୨୦, ୧୦।୧୦।୨୦୨୦ ଓ ୧୧।୧୦।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ନଭେମ୍ବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ୨୮।୧୧।୨୦୨୦ |
| ପରୀକ୍ଷାଫଳ ଘୋଷଣା - ମେନ୍ | ଡିସେମ୍ବର, ୨୦୨୦ |
| ସାକ୍ଷାତ୍କାର ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଜାନୁଆରୀ, ୨୦୨୧ |
| ସାକ୍ଷାତ୍କାର ସଞ୍ଚାଳନ | ଜାନୁଆରୀ/ଫେବ୍ରୁଆରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୫।୦୮।୨୦୨୦ — ନିର୍ଦ୍ଦେଶକ

# ସ୍ତନ୍ୟପାନବେଳେ ମା'ମାନେ ସଚେତନ ରୁହନ୍ତୁ

ଭୁବନେଶ୍ୱର, ୭।୮(ବ୍ୟୁରୋ)

**ବିଶ୍ୱ ସ୍ତନ୍ୟପାନ ସପ୍ତାହ**

ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ମା' କ୍ଷୀର ହେଉଛି ସର୍ବୋତ୍ତମ ବିକଳ୍ପ। ମା' କ୍ଷୀରରେ ଥିବା ଭିଟାମିନ୍, ଶ୍ୱେତସାର, ପୁଷ୍ଟିସାର, ଲୌହସାର, ଖଣିଜ ଲବଣ, କ୍ୟାଲସିୟମ୍ ଏବଂ ଜଳ ଶିଶୁ ପାଇଁ ଅତ୍ୟନ୍ତ ଉପଯୋଗୀ। ଜନ୍ମ ହେବାର କିଛି ଘଣ୍ଟା ମଧ୍ୟରେ ନବଜାତକକୁ ମା'ର କଷକ୍ଷୀର (କୋଲୋଷ୍ଟ୍ରମ୍) ପିଆଇବା ଅତ୍ୟନ୍ତ ଜରୁରୀ। ସ୍ତନ୍ୟପାନ ପାଇଁ ମା' ମଧ୍ୟ ପୁଷ୍ଟିକର ଖାଦ୍ୟ ଖାଇବା ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ଶିଶୁଙ୍କୁ ସଂକ୍ରମଣରୁ ରୋକାଯାଇପାରିବ। ବିଶେଷକରି କରୋନା ମହାମାରୀ ସମୟରେ ଶିଶୁକୁ ସ୍ତନ୍ୟପାନ କରାଉଥିବା ମା'ମାନେ ମାସ୍କ ପିନ୍ଧିବା, ହାତ ଧୋଇବା, ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ କରିବା ଜରୁରୀ। ଗର୍ଭବତୀ ଓ ପ୍ରସୂତୀମାନେ ଏକ୍ଷେତ୍ରରେ ସଚେତନ ରହିବା ଆବଶ୍ୟକ ବୋଲି ଶୁକ୍ରବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ପରାମର୍ଶ ଦିଆଯାଇଛି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ସମସ୍ତ ଜିଲା ତଥା ଆଇସିଡିଏସ୍ ପ୍ରକଳ୍ପଗୁଡ଼ିକରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ସୁସ୍ଥ ବିଶ୍ୱ ପାଇଁ ସ୍ତନ୍ୟପାନକୁ ସମର୍ଥନ।' ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ପ୍ରସୂତି ଓ ମା'ମାନଙ୍କୁ ସଚେତନ କରିଛନ୍ତି। ସ୍ତନ୍ୟପାନ ସମୟରେ ଶିଶୁକୁ ଠିକ୍ ଭାବେ ଧରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ପ୍ରକଳ୍ପରେ ରାଲି ଏବଂ କାର୍ଯ୍ୟକ୍ରମ କରାଯାଇ ସଚେତନ କରାଯାଇଛି। ଅନେକ କାର୍ଯ୍ୟକ୍ରମ ଡିଜିଟାଲ୍ ମାଧ୍ୟମରେ କରାଯାଇଛି। ସ୍ତନ୍ୟପାନରେ ପରିବାରର ସଦସ୍ୟ ଏବଂ ଗୋଷ୍ଠୀର ମଧ୍ୟ ବିଶେଷ ଭୂମିକା ଓ ଦାୟିତ୍ୱ ରହିଛି ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଏଥିସହ ସ୍ତନ୍ୟପାନ ସମ୍ପର୍କରେ ରହିଥିବା ବିଭିନ୍ନ ପ୍ରଶ୍ନ ଓ ଉତ୍ତର ସମ୍ବଳିତ ପ୍ରଚାର ପୁସ୍ତିକା ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ସ୍ତନ୍ୟପାନର ଉପାଦେୟତା ଏବଂ ଏହା ଦ୍ୱାରା ଉଭୟ ମା' ଓ ଶିଶୁ କିଭଳି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଜିଲାସ୍ତରରୁ ଅନେକ ସଫଳ କାହାଣୀ ମଧ୍ୟ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି।


ଜଣେ ଆଶାକର୍ମୀ ମା'ମାନଙ୍କୁ ସଚେତନ କରାଉଛନ୍ତି।

रजिस्ट्री सं. डी.एल.- 33004/99 — REGD. NO. D.L.-33004/99
भारत का राजपत्र
The Gazette of India
सी.जी.-डी.एल.-अ-22012020-215640
CG-DL-E-22012020-215640
असाधारण
EXTRAORDINARY
भाग II-खण्ड, 3-उप-खण्ड (ii)
PART II-Section 3-Sub-section (ii)
प्राधिकार से प्रकाशित
PUBLISHED BY AUTHORITY
सं. 280] नई दिल्ली, बुधवार, जनवरी 22, 2020/माघ - 2, 1941
No. 280] NEW DELHI, WEDNESDAY, JANUARY 22, 2020/MAGHA 2, 1941

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ
ବିଜ୍ଞପ୍ତି
ନୂଆଦିଲ୍ଲୀ, ୨୧ ଜାନୁଆରୀ, ୨୦୨୦

ଏସ୍.ଓ ୨୯୧ (ଇ)- ଭାରତ ସରକାରଙ୍କ ଅଧିସୂଚନାରେ, ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟରେ ଭାରତର ରାଜପତ୍ରରେ ପ୍ରକାଶିତ, ଅସାଧାରଣ, ଭାଗ-୨, ଖଣ୍ଡ ୩, ଉପଖଣ୍ଡ (୨), ଅଧିସୂଚନା ସଂଖ୍ୟା ଏସ୍.ଓ ୪୨୪୫ (ଇ), ତା ୨୨ ନଭେମ୍ବର ୨୦୧୯ ଅନୁସାରେ ଚଳିତ ଅଧିସୂଚନାକୁ ନିମ୍ନମତେ ସଂଶୋଧିତ ହୋଇ ତତ୍କାଳ କାର୍ଯ୍ୟକାରୀ ହେବ।

(୧) ଅନୁଚ୍ଛେଦ ୧, ଧାଡ଼ି ସଂଖ୍ୟା ୪ରେ ଲିଖିତ ଶବ୍ଦ "ନୂଆ ପ୍ରସ୍ତାବ" ପରେ "ରାୟପୁର-ବିଶାଖାପାଟଣା ଇକୋନୋମିକ୍ କରିଡର" ଶବ୍ଦଗୁଡ଼ିକ ଯୋଡ଼ା ଯିବ।

(୨) ଶୀର୍ଷକ ଅନୁସୂଚି ଅଧିନସ୍ଥ ଅନୁଚ୍ଛେଦ ଧାଡ଼ି ସଂଖ୍ୟା ୧ରେ ଲିଖିତ ଶବ୍ଦ "ନୂଆ ପ୍ରସ୍ତାବ" ପରେ "ରାୟପୁର-ବିଶାଖାପାଟଣା ଇକୋନୋମିକ୍ କରିଡର" ଶବ୍ଦଗୁଡ଼ିକ ଯୋଡ଼ା ଯିବ।

ମୂଳ ଅଧିସୂଚନା ଏସ୍.ଓ ୪୨୪୫ (ଇ), ତା ୨୨ ନଭେମ୍ବର ୨୦୧୯ର ଅବଶିଷ୍ଟ ତଥ୍ୟ ଅପରିବର୍ତ୍ତିତ ରହିବ।

ସୂଚନା: ମୂଳ ଅଧିସୂଚନା ଭାରତର ରାଜପତ୍ର, ଅସାଧାରଣ, ଭାଗ ୨, ଖଣ୍ଡ ୩, ଉପଖଣ୍ଡ (୨), ଅଧିସୂଚନା ସଂଖ୍ୟା ଏସ୍.ଓ ୪୨୪୫(ଇ), ତା ୨୨ ନଭେମ୍ବର ୨୦୧୯ରେ ପ୍ରକାଶିତ।

[ଫା.ସଂ.-NHAI/11013/LA/PIU-SBP,Odisha/Raipur-Vizag/Notif.(3a)/3A5/Corr.]
ରାଜେଶ ଗୁପ୍ତା,
ଉପ ସଚିବ

**ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ, ମୁମ୍ବାଇ**

**ବିଜ୍ଞାପନ ସଂଖ୍ୟା. ୩ବି/୨୦୧୯-୨୦**

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀ ନିମନ୍ତେ ପରାମର୍ଶଦାତା/ ବିଶେଷଜ୍ଞ/ବିଶ୍ଳେଷକ (ଚୁକ୍ତିନାମା ଆଧାରରେ) ଲାଟେରାଲ୍ ନିଯୁକ୍ତି ଦରଖାସ୍ତ ଆମନ୍ତ୍ରଣ କରାଯାଉଛି।

| କ୍ର.ସଂ. | ପଦବୀର ନାମ | ଖାଲିଥିବା ସ୍ଥାନ |
|---|---|---|
| ୧ | ପରାମର୍ଶଦାତା - ପ୍ରୟୋଗାତ୍ମକ ଗଣିତ | ୩ |
| ୨ | ପରାମର୍ଶଦାତା - ପ୍ରୟୋଗାତ୍ମକ ଇକୋନୋମେଟ୍ରିକ୍ସ | ୩ |
| ୩ | ଅର୍ଥନୀତିଜ୍ଞ - ମାକ୍ରୋ ଇକୋନୋମିକ ମଡ଼େଲିଂ | ୧ |
| ୪ | ଡାଟା ବିଶ୍ଳେଷକ / ଏମ୍ ପି ଡି | ୧ |
| ୫ | ଡାଟା ବିଶ୍ଳେଷକ / (ଡି ଓ ଏସ - ଡି ଏନ ବି ଏସ) | ୨ |
| ୬ | ଡାଟା ବିଶ୍ଳେଷକ / (ଡି ଓ ଆର - ଡି ବି ଆର) | ୨ |
| ୭ | ରିସ୍କ ବିଶ୍ଳେଷକ / (ଡି ଓ ଏସ - ଡି ଏନ ବି ଏସ) | ୧ |
| ୮ | ରିସ୍କ ବିଶ୍ଳେଷକ / (ଡି ଇ ଆଇ ଓ) | ୨ |
| ୯ | ଆଇ ଏସ ଅଡିଟର | ୨ |
| ୧୦ | ଫୋରେଂସିକ ଅଡିଟ୍ ବିଶେଷଜ୍ଞ | ୧ |
| ୧୧ | ଏକାଉଣ୍ଟ ବିଶେଷଜ୍ଞ | ୧ |
| ୧୨ | ସିଷ୍ଟମ୍ ଆଡମିନିଷ୍ଟ୍ରେଟର | ୯ |
| ୧୩ | ପ୍ରୋଜେକ୍ଟ ଆଡମିନିଷ୍ଟ୍ରେଟର | ୫ |
| ୧୪ | ନେଟୱର୍କ ଆଡମିନିଷ୍ଟ୍ରେଟର | ୬ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାନଦଣ୍ଡ, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନ୍‌ଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଏବଂ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ମାର୍ଚ୍ଚ 27, 2020ରେ ପ୍ରକାଶିତ ବିସ୍ତୃତ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନଲାଇନରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ୍ ଓ ଫିସ୍ (fees)/ସୂଚନା ଶୁଳ୍କ ପ୍ରଦାନ ନିମନ୍ତେ | ୦୩.୦୮.୨୦୨୦ରୁ ୨୨.୦୮.୨୦୨୦ (ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ) |

ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ହେବ।

# ପୋଲିସବାବୁ ମୁହାଁମୁହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସଂଘୀୟ ବ୍ୟବସ୍ଥାରେ ଏହା ଏକ ଭୟାନକ ପରିଣାମ ଆଣିବ ବୋଲି ଆମେ ମନେକରୁଛୁ । ବଲିଉଡ କଳାକାର ସୁଶାନ୍ତ ସିଂ ରାଜପୁତଙ୍କ ଦୁଃଖଦ ମୃତ୍ୟୁ ଏବେ ନିନ୍ଦନୀୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୋଇଛି। ସୁଶାନ୍ତଙ୍କ ଆତ୍ମହତ୍ୟାର ତଦନ୍ତକୁ ଭିତ୍ତିକରି ବିହାର ପୋଲିସ ଓ ମୁମ୍ବାଇ ପୋଲିସ ମଧ୍ୟରେ ଅପ୍ରତ୍ୟାଶିତ ଭାବେ ମୁହାଁମୁହିଁ ପରିସ୍ଥିତି ଯୋଗୁ ଏହା କୌଣସି ନିଷ୍କର୍ଷରେ ପହଞ୍ଚିପାରିବ ନାହିଁ ବୋଲି ଲକ୍ଷ୍ୟ କରାଯାଉଛି। ଅନେକ ବିଶେଷଜ୍ଞଙ୍କ ମତ ଯେ,ରାଜପୁତଙ୍କ ବାପା ଏହି ଘଟଣାର ତଦନ୍ତ ଦାବି କରି ଏକ ଏଫ୍‌ଆଇଆର୍ ଦାଏର କରିବା ପରେ ବିହାର ପୋଲିସ କର୍ମଚାରୀଙ୍କ ଏକ ଟିମ୍‌କୁ ମୁମ୍ବାଇ ପଠାଯିବା ପଦକ୍ଷେପ ବାହାରେ ଥିଲା । ଭାରତରେ ପୋଲିସ ହେଉଛି ରାଜ୍ୟର ବ୍ୟାପାର ଓ ଯେଉଁଠି ଅପରାଧ ଘଟେ ସେଠାରେ ସେହି ରାଜ୍ୟର ପୋଲିସ ତାହା ତଦନ୍ତ କରିଥାନ୍ତି। ଯଦି ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟରେ ତା' ଲୋକ ବିରୋଧରେ ଘଟିଥିବା ଅପରାଧ ପଛରେ ଯାଇ ହସ୍ତକ୍ଷେପ କରେ ତେବେ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିବ। ପୁଣି ଏହି ଘଟଣାରେ ସିବିଆଇ ତଦନ୍ତ ଯୋଡି ହେବାର ସମ୍ଭାବନା ଯୋଗୁ ଏହା ଆହୁରି ଟାଣ ହୋଇଯାଇଛି। କେତେକ ବୁଦ୍ଧିଜୀବୀ ମତ ଦେଇଥିଲେ ଯେ, ଆମେ ଟିଭି ନ୍ୟୁଜରେ ଦୁଇ ରାଜ୍ୟର ଡିଜିପି ପରସ୍ପର ମଧ୍ୟରେ ଚିଲେଇ କଥା ହେବା କେବେ ଦେଖି ନ ଥିଲୁ । ଟିଭି ନ୍ୟୁଜ ରୁମ୍ କିମ୍ବା ଟୁଇଟର ଜଣେ ଲୋକପ୍ରିୟ କଳାକାରଙ୍କ ମୃତ୍ୟୁ ଘଟଣାର ଗୁରୁତ୍ୱପୂର୍ଣ୍ଣ ତଦନ୍ତ କରିବାର ସ୍ଥାନ ନୁହେଁ। ଏହି ଘଟଣାରେ ଦୁଇ ରାଜ୍ୟ ସମ୍ପୃକ୍ତ ହେବା ପରେ ତାହା ଖୁବ୍ ବଡ଼ ଆକାର ଧାରଣ କରିଛି। ସୁଶାନ୍ତଙ୍କ ପରିବାରର ଚାପ ଆଗରେ ମୁଣ୍ଡ ନୁଆଁଇ ବିହାର ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତ ପାଇଁ ସହମତି ପ୍ରକାଶ କରିଥିବାବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହି ଦାବିକୁ ଅସ୍ୱୀକାର କରିଛନ୍ତି। ଉଭୟ ମୁଖ୍ୟମନ୍ତ୍ରୀ ତାଙ୍କ ପୋଲିସ ମୁଖ୍ୟଙ୍କ କଥାରେ ଦୃଢ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ( ଇଡି) ଅବୈଧ ଅର୍ଥ କାରବାର ଅଭିଯୋଗ ଉପରେ ତଦନ୍ତ ଆରମ୍ଭ କରିଛି। ଦୁଇ ରାଜ୍ୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଏହି ଘଟଣା ପ୍ରାୟତଃ ବିପଜ୍ଜନକ ଭାବେ ଏକ ପ୍ରହସନ ମୋଡ଼ରେ ପହଞ୍ଚି ଦୋଦୁଲ୍ୟମାନ ସ୍ଥିତିରେ ରହିଛି। ଏଥିରେ କେହି ବି ଏତେ ଧ୍ୟାନ ଦେଉନାହାନ୍ତି କି ବଳ ଖଟାଉନାହାନ୍ତି। ଅକ୍ଟୋବରରେ ବିହାରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଏହା କରୁନାହାନ୍ତି ତ। ଏଥିରେ ବିହାରୀମାନଙ୍କର ଭୋଟ ପାଇଁ ଏକ ଅସ୍ପଷ୍ଟ ଭାବନା ଆଗକୁ ଆସିଥିବା ମନେହେଉଛି। ପୋଲିସର ରାଜନୀତୀକରଣରେ କୌଣସି ସୁଧାର ଆସିବା ଲକ୍ଷ୍ୟ ବି କରାଯାଉନି। ନିକଟରେ ବିକାଶ ଦୁବେ ଏନକାଉଣ୍ଟର ଏବଂ ତାମିଲନାଡୁର ଥୁଥୁକୋଡି ନିକଟ ସାନ୍ଥାକୁଲମ ସହରରେ ହାଜତ ମୃତ୍ୟୁକୁ ପାସୋରି ଗଲେଣି। ହେଲେ କ୍ଷମତାକୁ ସୁହାଇବା ଯାଏ ସୁଶାନ୍ତ ସିଂଙ୍କ ଘଟଣା ଜାରି ରହିବ। କିନ୍ତୁ ଦୁଃଖର କଥା ଯେ, ଯଦି ସଂଯମତା ରହିବନି ଏବଂ ପୋଲିସ ଦ୍ୱାରା ଜାଣିଶୁଣି ଘଟଣାକୁ ଉପେକ୍ଷା କରାଯିବା ପ୍ରକ୍ରିୟା ଜାରି ରହିବ ତେବେ ଏହା ଦେଶ ପାଇଁ ଏକ ମନ୍ଦ ପରିଣାମ ଆଣିବ।

### ବିବାଦୀୟ ଅପସାରଣ

ନୀତି ଆୟୋଗ ଉପଦେଷ୍ଟା ଆଲୋକ କୁମାରଙ୍କୁ ତାଙ୍କ କ୍ୟାଡର ରାଜ୍ୟ ଉତ୍ତରପ୍ରଦେଶକୁ ପ୍ରତ୍ୟାବର୍ତ୍ତନ ଘଟଣା ଏବେ ଆଲୋଚନାର ବିଷୟ ହୋଇଛି। ପାଖାପାଖି ଗତ ଦୁଇ ମାସରୁ କମ୍ ହେବ ଆପଏଣ୍ଟମେଣ୍ଟ କମିଟି ଅଫ୍ କ୍ୟାବିନେଟ( ଏସିସି) ଥିଙ୍କ୍‌ଟ୍ୟାଙ୍କ(ନୀତି ଆୟୋଗ)ରେ ତାଙ୍କ କାର୍ଯ୍ୟକାଳକୁ ୧ ବର୍ଷ ବୃଦ୍ଧି କରିଥିଲା। କନ୍ତୁ ସେ ଜୁଲାଇ ୩୧ରେ ରିଲିଭ ହେଲେ । ସରକାରଙ୍କ ଏଭଳି ମତ ପରିବର୍ତ୍ତନ ବା ୟୁ-ଟର୍ନ ବହୁ ସମୀକ୍ଷକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କେତେକ କହୁଛନ୍ତି ଯେ,ମେ'ରେ ଉତ୍ତରପ୍ରଦେଶ ସରକାର ତାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ପାଇଁ ରାଜି ହୋଇଥିଲେ ମଧ୍ୟ ୧୯୯୩ ବ୍ୟାଚର ଏହି ଆଇଏଏସ୍ ଅଧିକାରୀଙ୍କୁ ଆଉ ଡକାଯିବାର ସମ୍ଭାବନା ନାହିଁ। ଏଥିରୁ ସୂଚିତ ହେଉଛି କି, ଏହି ବାବୁଙ୍କୁ କେନ୍ଦ୍ର କରି ଦିଲ୍ଲୀରେ ମୁଖିଆମାନଙ୍କ ମଧ୍ୟରେ ବିବାଦ ଯୋଗୁ ଏହା ହୋଇଥାଇପାରେ । ନୀତି ଆୟୋଗ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟରେ ବିଭେଦ ରହିଥିବା ଶୁଣିବାକୁ ମିଳୁଛି ଏବଂ କୁମାର ମଧ୍ୟ ଏହି ବିଭେଦର ଶିକାର ହେଲେ। ସରକାରଙ୍କ ୟୁ-ଟର୍ନକୁ ନିର୍ଦ୍ଦିଷ୍ଟ ଭାବେ ଦୋଷ ଦେବାରେ ଏହା କେବଳ ଏକ କାରଣ ହୋଇ ନ ପାରେ। ଯାହାହେଉ ନୀତି ଆୟୋଗରେ କୁମାର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳୁ ଥିଲେ ବୋଲି ଜଣାପଡିଛି। ଏହା ଆମେ କେବେ କି ଜାଣିନାହୁଁ। ତେବେ କେତେକ ସମୀକ୍ଷକ ବିଶ୍ୱାସ କରନ୍ତି ଯେ, କୁମାରଙ୍କର ନୀତି ଆୟୋଗରୁ ଅପ୍ରତ୍ୟାଶିତ ଅପସାରଣ କେନ୍ଦ୍ରରେ ଯୁଗ୍ମ ସଚିବ ସ୍ତରୀୟ ପଦ ପାଇଁ ୧୯୮୩ ବ୍ୟାଚର ଆଇଏଏସ୍ ଅଧିକାରୀଙ୍କ ମନୋନୟନକୁ ପ୍ରଭାବିତ କରିବ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | 0 | | | | 8 | | 7 | A | | | |
| | | | | | | | C | 9 | | 8 | 3 | | 0 | |
| | | 3 | E | 5 | | | 2 | | 1 | | C | | | |
| D | | | B | 7 | | | 4 | 3 | | | | 8 | | 2 |
| 9 | | | | | | | | | | | | 1 | | |
| 0 | 5 | | | | | | | | | | 9 | 6 | 1 | E |
| | | A | 3 | 2 | | | | | | 6 | | | D | 7 |
| B | 2 | D | 9 | | | | | 5 | | A | | | | C |
| 3 | | | 7 | | | | | E | | | 0 | | | 5 |
| | 1 | 6 | | | | 7 | | | | B | | A | 8 | |
| | B | E | | | 1 | C | | D | 8 | | 7 | | | 4 |
| 5 | | | | | E | 1 | | | | | D | | 3 | |
| | | 2 | | | 5 | | | 6 | | | | | 9 | |
| | | C | 6 | | | | E | | A | | 5 | | | |
| | A | | | | | | B | | 4 | 1 | | | C | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 0 | D | 9 | 6 | 2 | 8 | B | 7 | 4 | A | 3 | C | 5 |
| B | 7 | D | 0 | 4 | 5 | 1 | C | 3 | 9 | 8 | E | 2 | 6 | A |
| 2 | A | C | 8 | E | 1 | 6 | 9 | 5 | D | 0 | 3 | 7 | B | 4 |
| 9 | 8 | 5 | B | 3 | C | 7 | 4 | A | 6 | 1 | 2 | D | 0 | E |
| 3 | 6 | 4 | 7 | A | 2 | D | E | 0 | B | C | 5 | 9 | 1 | 8 |
| 5 | 2 | E | 9 | 0 | 4 | 3 | 6 | 8 | C | D | B | 1 | A | 7 |
| 7 | 0 | 6 | 3 | C | E | 5 | B | 2 | 1 | A | 8 | 4 | D | 9 |
| 1 | 4 | B | 2 | 5 | D | 9 | A | C | E | 7 | 0 | 8 | 3 | 6 |
| A | C | 3 | 6 | 1 | 8 | E | D | 7 | 5 | 9 | 4 | 0 | 2 | B |
| 8 | D | 9 | A | B | 7 | 4 | 0 | 1 | 2 | 3 | 6 | E | 5 | C |
| D | B | A | E | 7 | 9 | 0 | 3 | 6 | 4 | 2 | C | 5 | 8 | 1 |
| C | 5 | 2 | 1 | 8 | 0 | B | 7 | 4 | A | E | D | 6 | 9 | 3 |
| 6 | 3 | 1 | 4 | D | A | C | 2 | E | 8 | 5 | 9 | B | 7 | 0 |
| 0 | E | 7 | C | 2 | B | 8 | 5 | 9 | 3 | 6 | 1 | A | 4 | D |
| 4 | 9 | 8 | 5 | 6 | 3 | A | 1 | D | 0 | B | 7 | C | E | 2 |

ଗତକାଲିର ଉତ୍ତର

# ବିଶ୍ୱସ୍ତରୀୟ ଶିକ୍ଷା ଅପରିହାର୍ଯ୍ୟ



ଦିବ୍ୟଜ୍ୟୋତି ପାଣି

ଭାରତରେ ପ୍ରତିଭାର ଅଭାବ ନାହିଁ। କିନ୍ତୁ ପ୍ରତିବର୍ଷ ପ୍ରତିଭା ଚାଲାଣ ହୁଏ ବିଦେଶକୁ। ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ ଆଦି ରାଷ୍ଟ୍ରକୁ ପ୍ରତିବର୍ଷ ଭାରତରୁ ଲକ୍ଷାଧିକ ଶିକ୍ଷାର୍ଥୀ ଉଚ୍ଚଶିକ୍ଷା ପାଇଁ ଗସ୍ତ କରନ୍ତି। ଆମ ଦେଶରେ ଶିକ୍ଷାର ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ କିମ୍ବା ସରକାରୀ ପ୍ରୋତ୍ସାହନର ଅଭାବ ହେଉ ଅବା ଉଚ୍ଚାକାଂକ୍ଷା ହେଉ ଶିକ୍ଷାର୍ଥୀମାନେ ନିଜ ଦେଶ ଛାଡ଼ି ବିଦେଶ ଯାଉଛନ୍ତି। ଭାରତରେ ଅଗଣିତ ପ୍ରତିଭାସଂପନ୍ନ ଶିକ୍ଷାର୍ଥୀ ଥିଲେ ହେଁ କେଉଁ ପରିସ୍ଥିତିରେ ଉଚ୍ଚଶିକ୍ଷା ପାଇଁ ନିଜ ମାଟି ଛାଡ଼ିବାକୁ ବାଧ ହେଉଛନ୍ତି ତାହା ବିଚାର୍ଯ୍ୟ। ସଂପ୍ରତି ସେହି ପ୍ରଶ୍ନ ପ୍ରାସଙ୍ଗିକ ହୋଇପଡ଼ିଛି ଯେତେବେଳେ ଆମେରିକାର ବିଶ୍ୱବିଦ୍ୟାଳୟରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରମାନଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତରଫରୁ ଏକ ଜୋର୍‌ଦାର୍ ଝଟ୍‌କା ଲାଗିଛି। ଆମେରିକାରେ ଶିକ୍ଷାରତ ବିଦେଶୀ ଶିକ୍ଷାର୍ଥୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ବହୁ ଅଧିକ। ଚାଇନା ପରେ ଭାରତରୁ ହିଁ ସର୍ବାଧିକ ଛାତ୍ରୀଛାତ୍ର ଆମେରିକା ପଢ଼ିବା ପାଇଁ ଯାଇଥାନ୍ତି। ଆମେରିକାରେ ୨ ଲକ୍ଷରୁ ଅଧିକ ଭାରତୀୟ ଅଧ୍ୟୟନ କରୁଛନ୍ତି।

କରୋନାକୁ କାରଣ ଦର୍ଶାଇ ଆମେରିକୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନ କରୁଥିବା ବିଦେଶୀ ଶିକ୍ଷାର୍ଥୀମାନଙ୍କୁ ସ୍ୱଦେଶ ଫେରିଯିବା ପାଇଁ ଆମେରିକା ସରକାର ନିଷ୍ପତ୍ତି ନେଇଛନ୍ତି। ଆମେରିକାର ଫେଡେରାଲ ଇମିଗ୍ରେଶନ୍ ଅଧିକାରୀ ଘୋଷଣା କରିଛନ୍ତି, ଯଦି ବିଶ୍ୱବିଦ୍ୟାଳୟ ଗୁଡ଼ିକ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ଶିକ୍ଷାବ୍ୟବସ୍ଥାକୁ ସ୍ଥାନାନ୍ତର ହୁଅନ୍ତି ତେବେ ଏସବୁ ଶିକ୍ଷାନୁଷ୍ଠାନରେ ପଠନରତ ବିଦେଶୀ ଶିକ୍ଷାର୍ଥୀମାନଙ୍କୁ ନିଜ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିବ କିମ୍ବା ଅନ୍ୟ ବିଶ୍ୱବିଦ୍ୟାଳୟକୁ ଟ୍ରାନ୍ସଫର ନେବାକୁ ହେବ। ଯେଉଁମାନେ ନିର୍ଦ୍ଦେଶ ଅବମାନନା କରିବେ ସେମାନଙ୍କୁ ଜବରଦସ୍ତ ସେମାନଙ୍କ ଦେଶକୁ ପଠାଇ ଦିଆଯିବ ବୋଲି ଆମେରିକା କହିଛି। ଆମେରିକାର ଏଭଳି ନିଷ୍ପତ୍ତି ଦ୍ୱାରା ଭାରତୀୟ ବିଦ୍ୟାର୍ଥୀମାନେ ସର୍ବାଧିକ ପ୍ରଭାବିତ ହେବେ। ତେବେ ଅଣପ୍ରବାସୀ ଏଫ୍-ଓ୍ୱାନ୍ ଓ ଏମ୍-ଓ୍ୱାନ୍ ଛାତ୍ର ଯେଉଁମାନେ ଅନ୍‌ଲାଇନ କ୍ଲାସ କରିପାରୁ ନାହାନ୍ତି, ସେମାନେ ଆମେରିକାରେ ରହିପାରିବେ ବୋଲି କୁହାଯାଇଛି।

କରୋନା କାରଣରୁ ଆମେରିକାରେ ଏବେ ପ୍ରାୟତଃ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଅନ୍‌ଲାଇନ୍ ପାଠପଢ଼ା ଚାଲୁଛି। ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଯଦିଓ ଚୂଡ଼ାନ୍ତ ନୁହେଁ, କିନ୍ତୁ ଏହା ଶୁଣିବାପରେ ଲକ୍ଷାଧିକ ଭାରତୀୟ ଛାତ୍ରଙ୍କ ନିଦ ହଜିଯାଇଛି। ପ୍ରଶ୍ନ ଉଠୁଛି ; ଆମ ଦେଶର ଶିକ୍ଷାର ସ୍ତର କ'ଣ ସେଭଳି ହୋଇପାରୁନି, ଯେଉଁଥିପାଇଁ କି ଏଠାରୁ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ବିଦେଶ ଯାଉଛନ୍ତି ? ଆମେ କ'ଣ ଆମ ଶିକ୍ଷା ସଂସ୍ଥାନଗୁଡ଼ିକରେ କୁଶଳୀ-ଅଭଜ୍ଞ-ଅନୁଭବୀ-ସୁଦକ୍ଷ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇପାରିବା ନାହିଁ? ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି କରିପାରିବା ନାହିଁ? ଭାରତରେ ଉପଲବ୍ଧ ତଥ୍ୟାନୁସାରେ ୨୦୧୮-୧୯ ମସିହାରେ ଭାରତରୁ ବିଦେଶକୁ ପଢ଼ିବା ପାଇଁ ୬ଲକ୍ଷ ୨୦ହଜାର ବିଦ୍ୟାର୍ଥୀ ଯାଇଛନ୍ତି। ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପ୍ରଦତ୍ତ ଏହି ତଥ୍ୟ ଅଟେ। ୨୦୧୭-୧୮ ମସିହାରେ ଆମ ଦେଶର ୭ଲକ୍ଷ ୮୬ହଜାର ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇଥିଲେ। ପ୍ରତିବର୍ଷ ଏତେ ସଂଖ୍ୟକ ଛାତ୍ରୀଛାତ୍ର ପଢ଼ିବାକୁ ବିଦେଶ ଯାଉଥିବାରୁ ଭାରତକୁ ବିଦେଶୀ ମୁଦ୍ରା ଆକାରରେ ବିପୁଳ ଅର୍ଥ ଅନ୍ୟଦେଶକୁ ଜମା କରିବାକୁ ପଡୁଛି।

ଆମେରିକାରେ ପ୍ରତିଷ୍ଠିତ ଅନେକ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରର ଶିକ୍ଷାନୁଷ୍ଠାନ। ଯେଉଁଠାରେ ପର୍ଯ୍ୟାପ୍ତ ଅଧ୍ୟାପକ ଓ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ଅଛି। ବ୍ରିଟେନର ଅକ୍ସଫୋର୍ଡ ହେଉ ଅବା କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ସେହି ଶ୍ରେଣୀର ଅଟନ୍ତି। ଆମେରିକାର ହାର୍ଭାର୍ଡ, ଏମ୍‌ଆଇଇଟି କିମ୍ବା କଲୋରାଡୋ ବିଶ୍ୱବିଦ୍ୟାଳୟ ଆଦିରେ ବାସ୍ତବରେ ଯଦି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣ କରିବାକୁ ଯାଉଛନ୍ତି କିଛି ଅପ୍ରାସଙ୍ଗିକ ନ ହୋଇପାରେ। ଉପରୋକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅନେକ ନୋବେଲ ପୁରସ୍କାର ବିଜେତା ଗୁଣୀ ଅଧ୍ୟାପକମାନେ ଅଧ୍ୟାପନା କରୁଛନ୍ତି। ଏହି କାରଣରୁ ସେଠାରେ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବାରେ ଅସୁବିଧା ନାହିଁ। କିନ୍ତୁ ଦେଖାଯାଉଛି ଆମ ଦେଶର ଆର୍ଥିକ ସ୍ୱଚ୍ଛଳ ଥିବା ଛାତ୍ରୀଛାତ୍ରମାନେ ହୋଟେଲ ମ୍ୟାନେଜ୍‌ମେଣ୍ଟ, ଏମ୍‌ବିଏ ଏବଂ ସାମାନ୍ୟ ସ୍ନାତକ ଡିଗ୍ରୀ ହାସଲ କରିବା ପାଇଁ ଆମେରିକା, ବ୍ରିଟେନ, କାନାଡା, ୟୁକ୍ରେନ୍ ପ୍ରଭୃତି ଦେଶକୁ ଗସ୍ତ କରୁଛନ୍ତି।

ସାଧାରଣ ଶିକ୍ଷା ପାଇଁ ବିଦେଶ ଯାତ୍ରା କରୁଥିବା ଶିକ୍ଷାର୍ଥୀମାନଙ୍କୁ ଯଦି ପ୍ରକୃତ କାରଣ ପଚରାଯାଏ ସେମାନେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇପାରିବେ ନାହିଁ। ଯେଉଁ ଶିକ୍ଷାର୍ଥୀମାନେ ବିଦେଶରେ ପଢୁଛନ୍ତି ସେମାନଙ୍କୁ ମଧ୍ୟ ଅନେକ ସମୟରେ ହଇରାଣ ହରକତ ହେବାକୁ ପଡୁଛି। ସେହି ମହତ୍ତ୍ୱାକାଂକ୍ଷୀ ଛାତୀଛାତ୍ରମାନଙ୍କୁ ବିଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅବଶ୍ୟ ସେମାନଙ୍କ ପାଖକୁ ନିମନ୍ତ୍ରଣ କରନ୍ତି। ଯେତେବେଳେ ଆମ ବିଦ୍ୟାର୍ଥୀମାନେ ସେଠାରେ ଅଧ୍ୟୟନରତ ଥା'ନ୍ତି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ନଜରକୁ ଆସେ। ବିଦ୍ୟାର୍ଥୀମାନଙ୍କର ଅଭିଭାବକମାନେ ଶିକ୍ଷା ଋଣ ନାମରେ ବହୁତ ମୋଟା ଅଙ୍କର ଅର୍ଥରାଶି ବ୍ୟାଙ୍କରୁ ନେଇଯାଇଥାନ୍ତି।

ଆମ ଦେଶର ବିଦ୍ୟାର୍ଥୀ ସେତିକିବେଳେ ବିଦେଶରେ ପଢ଼ିବାକୁ ଅନିଚ୍ଛୁକ ହେବେ, ଯେତେବେଳେ ଆମେ ସେମାନଙ୍କୁ ଏଠାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଇପାରିବା। କିନ୍ତୁ ସେପରି ବ୍ୟବସ୍ଥା ଆମର ଏଠି ନାହିଁ। ଆଇଆଇଟି ଦିଲ୍ଲୀ, ମୁମ୍ବାଇ, ମାଡ୍ରାସ, କୋଲକାତା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଆଦି କତିପୟ ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ଅଧିକାଂଶ ବିଶ୍ୱବିଦ୍ୟାଳୟର ଅବସ୍ଥା ନ କହିବା ଭଲ। କେଉଁଠି ଆବଶ୍ୟକ ଅଧ୍ୟାପକ ନାହାନ୍ତି ତ କେଉଁଠି ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ। ଆଉ କେଉଁଠି ବର୍ଷସାରା ରାଜନୀତି ହୋଇ ପରିସର ଅଶାନ୍ତ ରହୁଛି। ଏବେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଆଦି ରାଜ୍ୟର କଥା ବିଚାର କରାଯାଉ। ଏଠାକାର ହଜାର ହଜାର ବିଦ୍ୟାର୍ଥୀ ପ୍ରତିବର୍ଷ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀରାମ କଲେଜ ଅଫ୍ କମର୍ସ, ଲେଡି ଶ୍ରୀରାମ, ରାମଜସ, ହଂସରାଜ, ସେଣ୍ଟ ଷ୍ଟିଫେନ୍ସ, ହିନ୍ଦୁ କଲେଜକୁ ପଢ଼ିବାକୁ ଯାଆନ୍ତି। ସେଠାରେ ଅଧ୍ୟୟନରତ ପିଲାମାନଙ୍କ ମଧ୍ୟରୁ ଅବଶ୍ୟ ଅଳ୍ପ ସଫଳତା ପ୍ରାପ୍ତ ହୁଅନ୍ତି। ସଂପୃକ୍ତ ବିଦ୍ୟାର୍ଥୀମାନେ କିନ୍ତୁ ନିଜ ରାଜ୍ୟର ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି।

ଦିଲ୍ଲୀକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ଦଶପ୍ରତିଶତଙ୍କୁ ସେଠାକାର ଶିକ୍ଷାନୁଷ୍ଠାନ ମଧ୍ୟରେ ଥିବା ଛାତ୍ରାବାସରେ ରହିବାକୁ ସୁବିଧା ମିଳିଥାଏ। ଯେଉଁମାନଙ୍କୁ ଛାତ୍ରାବାସରେ ରହିବାକୁ ସୁଯୋଗ ନ ମିଳେ ସେମାନେ ରାଜଧାନୀରେ ବିଭିନ୍ନ ଜାଗାରେ ବଡ଼ କଷ୍ଟରେ ଜୀବନ ନିର୍ବାହ କରନ୍ତି। ଯଦି ସେହି ଶିକ୍ଷାର୍ଥୀମାନଙ୍କୁ ନିଜ ରାଜ୍ୟରେ ଦିଲ୍ଲୀ ସଦୃଶ ଶିକ୍ଷାନୁଷ୍ଠାନ ମିଳେ ସେମାନେ ହୁଏତ ସେଠାକୁ ଯିବାକୁ ମନ ବଳାନ୍ତେନି। ଏପରି ଭାବନା କେବେ କୌଣସି ସରକାରଙ୍କ ପାଖରେ ଦେଖାଯାଉଛି କି ? ଯେତିକି ଅର୍ଥ ଆମେ ଆମର ପିଲାଙ୍କୁ ବିଦେଶରେ ପଢ଼ାଇବା ପାଇଁ ଖର୍ଚ୍ଚ କରୁଛେ ତାହାର ଅଧା ଯଦି ଏଠାକାର ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ଦିଗରେ ବିନିଯୋଗ ହୋଇପାରନ୍ତା ତେବେ ଆମର ପିଲାମାନଙ୍କୁ ବାହାରକୁ ଯିବାକୁ ପଡୁ ନ ଥାନ୍ତା। ଏହାର ଏକ ଜ୍ୱଳନ୍ତ ଉଦାହରଣ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେହୁଏ। ପ୍ରତିବର୍ଷ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କଲେଜଗୁଡ଼ିକରେ ର୍‍ୟାଙ୍କିଙ୍ଗ୍ ପ୍ରସ୍ତୁତ ହୋଇଥାଏ। ଏହି ସୂଚକାଙ୍କରେ ଦେଶର ସବୁଠାରୁ ଉନ୍ନତ କଲେଜଗୁଡ଼ିକର ସୂଚୀ ପ୍ରଦାନ କରାଯାଇଥାଏ। କିଛି ବର୍ଷ ହେବ ଦେଖାଯାଉଛି ପ୍ରଥମ ୨୦ଟି ମଧ୍ୟରେ ସେହି ନିର୍ଦ୍ଦିଷ୍ଟ କେତୋଟି କଲେଜର ନାମ ସ୍ଥାନ ପାଉଛି।

୨୦୨୦ ମସିହାରେ ପ୍ରସ୍ତୁତ ସୂଚକାଙ୍କରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନିଜର ଆଧିପତ୍ୟ ବଜାୟ ରଖିଛି। ପ୍ରଥମ ୧୦ ମଧ୍ୟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୫ଟି ଓ ୨୦ ମଧ୍ୟରେ ୧୨ଟି କଲେଜର ନାମ ପ୍ରକାଶ ପାଇଛି। ଏହି ସୂଚୀରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ପ୍ରେସିଡେନ୍ସି କଲେଜ, ଲୟୋଲା କଲେଜ, କଲିକତା ବିଶ୍ୱବିଦ୍ୟାଳୟର ସେଣ୍ଟ ଜାଭିଅର୍ସ କଲେଜ ଅନ୍ତର୍ଭୁକ୍ତ ଅଛି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ମାନକ ଆଧାରରେ ସର୍ବଶ୍ରେଷ୍ଠ ସରକାରୀ କଲେଜର ସୂଚୀ ପ୍ରସ୍ତୁତ ହୋଇଥାଏ। କ୍ରମାଙ୍କ ଅଦଳ ବଦଳ ହୋଇପାରେ, ମାତ୍ର ପ୍ରଥମ ୨୦ଟି କଲେଜର ନାମ ପ୍ରାୟତଃ ସୂଚୀରେ ସେପରି ରହୁଛି। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ମନୋଭାବକୁ ବଢ଼ାଇବା ଦରକାର, ଯାହାଫଳରେ ଅନ୍ୟ ଶିକ୍ଷାନୁଷ୍ଠାନ ବି ଆଗକୁ ଆସିବେ। ସରକାରଙ୍କ ତରଫରୁ ଏଥିପାଇଁ ସକାରାତ୍ମକ, ଯୋଜନାବଦ୍ଧ ଓ ସମୟାନୁବଦ୍ଧ ପ୍ରଚେଷ୍ଟା କରିବା ବାଞ୍ଛନୀୟ।

ହାଉସିଂବୋର୍ଡ କଲୋନୀ, ଏମ୍-୬,
ଚାରବାଟିଆ, କଟକ
ମୋ: ୯୪୩୮୧୭୫୭୧୫

# ବ୍ୟସ୍ତ ହୁଅନ୍ତୁନି କିଛି ହେବନି



ଡା. ଆଲୋକ ରଞ୍ଜନ ମିଶ୍ର

ସାରା ବିଶ୍ୱରେ ଏବେ ସମସ୍ତେ ଭୟାତୁର ଏବଂ ଏକ ଅନିଶ୍ଚିତ ଜୀବନ ନେଇ ଗତିକରୁଥିବା ଦେଖାଯାଉଛି, ସତେ ଯେମିତି କେଉଁ ଏକ ଅଜଣା ଅଦୃଶ୍ୟ ଏବଂ ଅସ୍ପୃଶ୍ୟ ଶତ୍ରୁ ସମ୍ପୂର୍ଣ୍ଣ ମଣିଷ ଜାତିକୁ 'କରୋନା' ରୂପୀ ନାମ ନେଇ ଗୋଡ଼ାଉଛି ଏବଂ ସମସ୍ତ ମଣିଷ ବିଚଳିତ ହୋଇ ଧାଇଁବାରେ ଲାଗିଛନ୍ତି। କ'ଣ ଏହି କରୋନା ଭୂତାଣୁ ? କାହିଁକି ଏହା ଏତେ ଭୟଙ୍କର ହୋଇଛି। ଆଗରୁ ଏହି ପୃଥିବୀପୃଷ୍ଠକୁ କେତେ ଭୂତାଣୁଜନିତ ରୋଗ ଯଥା ପ୍ଲେଗ୍, ସ୍ୱାନିସ୍ ଫ୍ଲୁ, ଇବୋଲା, ବସନ୍ତ, ହଇଜା ଇତ୍ୟାଦି ଆସି ଚାଲିଯାଇଛି। ଏମାନଙ୍କର ପ୍ରକୋପ ମଧ୍ୟ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଦେଶ ବା ରାଜ୍ୟ ମଧ୍ୟରେ ସୀମିତ ହୋଇ ରହିଥିଲା। ମାତ୍ର କରୋନା ଭୂତାଣୁକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ମହାମାରୀ ଭାବେ ଘୋଷଣା କଲାପରେ ସମଗ୍ର ମନୁଷ୍ୟ ଜାତିର ପ୍ରାଣ ଥରି ଉଠିଲା ଏବଂ ସେହିଦିନଠୁ ଆଜିପର୍ଯ୍ୟନ୍ତ ପାଖାପାଖି ୬ ମାସ ହେବ ବିଶ୍ୱବାସୀ ଏକ ଅଜଣା ଭୟ ଓ ଆତଙ୍କରେ ଜୀବନ ବିତାଉଛନ୍ତି। ଟେଲିଭିଜନ ଏବଂ ଅନ୍ୟାନ୍ୟ ସୋସିଆଲ ମିଡ଼ିଆରେ ଏହାର ବାରମ୍ବାର ପ୍ରଚାର, ସରକାରଙ୍କ ଦ୍ୱାରା ଘୋଷିତ ଲକ୍‌ଡାଉନ୍ ଏବଂ ଶଟ୍‌ଡାଉନ୍‌ର ପ୍ରଭାବରେ ପ୍ରାୟ ସମସ୍ତେ ଦିଗହରା ହୋଇ ଘୂରି ବୁଲୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୧୩ଟି ଦେଶରେ ଏହି ଭୂତାଣୁର ଆବିର୍ଭାବ ଘଟିଛି ; ଯଦିଓ ଆମେରିକା, ଇଟାଲି, ଲଣ୍ଡନ, ସ୍ପେନ୍, ରୁଷିଆ, ଭାରତ, ଚାଇନାରେ ଏହାର ପ୍ରଭାବ ଅଧିକ ଅନୁଭୂତ ହୋଇଛି। କରୋନା ଭୂତାଣୁକୁ ମୋଟେ ଡରନ୍ତୁ ନାହିଁ । କାହିଁକି ଡରିବେ ? ଏହା ଅନ୍ୟ ଭୂତାଣୁ ଭଳିଆ କେବେ ବି ମାରାତ୍ମକ ନୁହଁ, ନ ହେଲେ ଏତେ ବେଳକୁ କୋଟି କୋଟି ଜୀବନ ଯାଇସାରନ୍ତାଣି। ଏହାକୁ ଆମେ ସାଧାରଣତଃ ଭାବେ ଗୋଟିଏ ଭାଇରାଲ୍ ଜ୍ୱର କିମ୍ବା ଥଣ୍ଡା ସହିତ ତୁଳନା କଲେ କିଛି ଅତ୍ୟୁକ୍ତି ହେବନାହିଁ। ପ୍ରତିବର୍ଷ ଏହି ସମୟରେ ସାଧାରଣ ଭାବରେ ଜ୍ୱର, ଥଣ୍ଡା, କାଶ, ଛିଙ୍କ, ପତଳା ଝାଡ଼ା ହୋଇଥାଏ। ମାତ୍ର ଆମେ ଏହାକୁ ସାଧାରଣ ଭାବେ ଗ୍ରହଣ କରି କିଛି ଆଣ୍ଟିବାୟୋଟିକ୍ ଖାଇ ସୁସ୍ଥ ହେଉ। କିନ୍ତୁ ଏବେ ଏହାର ସାମାନ୍ୟ ଲକ୍ଷଣର ଆଭାସ ପାଇଲେ ଘରଲୋକ ଏବଂ ପାରିପାର୍ଶ୍ୱିକ ସମସ୍ତ ବନ୍ଧୁବାନ୍ଧବ ଆମକୁ ଦୂରେଇ ଦେବାରେ ଲାଗିପଡ଼ନ୍ତି, କାଳେ ଆମେ କରୋନା ଆକ୍ରାନ୍ତ ବୋଲି । ଏପରି ବହୁ ଖବର ଆସୁଛି ଯେ, ଆଜି ଗୋଟିଏ ଚିକିତ୍ସାଳୟ ଯାହାଙ୍କୁ କରୋନା ପଜିଟିଭ୍ ବୋଲି ଘୋଷଣା କରୁଛି ଅନ୍ୟ ଏକ ଚିକିତ୍ସାଳୟ ସେହି ସମାନ ବ୍ୟକ୍ତିଙ୍କୁ କରୋନା ନେଗେଟିଭ୍ ଭାବରେ ସାର୍ଟିଫିକେଟ୍ ଦେଉଛି। ତେଣୁ କେହି ନିଶ୍ଚିତ ନୁହଁ ଏହି କରୋନା ରୂପୀ ରାକ୍ଷାସଟି କ'ଣ ? ତାହା ହେଲେ ଆମେ ଏତେ ଭୟଭୀତ କାହିଁ ହେବା ? ଏକ ଆକଳନରୁ ଜଣାପଡ଼ିଛି ସାରା ବିଶ୍ୱରେ ବର୍ଷକୁ ୫୬ନିୟୁତ ଲୋକଙ୍କର ମୃତ୍ୟୁ ଘଟୁଛି, ସେଥି ମଧ୍ୟରୁ ଶତକଡ଼ା ୫୦ଭାଗ ୭୦ ବର୍ଷ ବୟସର, ଶତକଡ଼ା ୨୭ଭାଗ ୫୦-୫୯ବର୍ଷ ବୟସର, ଶତକଡ଼ା ୧ଭାଗ ୫-୧୪ବର୍ଷ ବୟସର, ଶତକଡ଼ା ୧୦ଭାଗ ୫ବର୍ଷରୁ କମ୍ ପିଲାଙ୍କର। ଏହିସବୁ ମୃତ୍ୟୁର ଶତକଡ଼ା ୩୧.୮ ଭାଗ ହୃଦ୍‌ରୋଗ ଜନିତ, ଶତକଡ଼ା ୧୭.୮ଭାଗ କ୍ୟାନ୍‌ସରଜନିତ ଏବଂ ଶତକଡ଼ା ୭ଭାଗ ନିଃଶ୍ୱାସପ୍ରଶ୍ୱାସ ଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଦେଖିବାକୁ ଗଲେ କରୋନା ଏକ ନିଃଶ୍ୱାସପ୍ରଶ୍ୱାସଜନିତ ରୋଗ । ଏହା ଏକ ବଡ଼ ଧରଣର ସଂଖ୍ୟା କେବେ ବି ନୁହଁ। ୨୦୧୮ ଆକଳନ ଅନୁଯାୟୀ ବାୟୁପ୍ରଦୂଷଣ ଯୋଗୁ ବିଶ୍ୱରେ ପ୍ରତ୍ୟେକ ୧୦ଜଣରୁ ୯ଜଣ ଆକ୍ରାନ୍ତ ହେଉଛନ୍ତି। ତେଣୁ କରୋନା ମଧ୍ୟ ଏକ ବାୟୁ ପ୍ରବାହିତ ରୋଗ । ଆମେ ଏମିତି ବି ଜାଣିନେ କରୋନା ଆମକୁ ହେଇକି ମଧ୍ୟ ଭଲ ହୋଇଗଲାଣି। କାରଣ ଆମ ଦେଶରେ ଆମ ଲୋକଙ୍କର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟ ଦେଶ ତୁଳନାରେ ବହୁତ ଅଧିକ। ତେଣୁ ପ୍ରଚାରିତ, ପ୍ରସାରିତ କିଛି ଅତ୍ୟଧିକ କରୋନା ସମ୍ବନ୍ଧୀୟ ଖବରକୁ ନେଇ ଡରିବା ଉଚିତ ନୁହେଁ। ମାତ୍ର ମାସ୍କ ପିନ୍ଧିବା, ବାରମ୍ବାର ହାତକୁ ସାବୁନ୍‌ରେ ଧୋଇବା, ଘରଭିତରକୁ ଗୋଡ଼ହାତ ଧୋଇ ପ୍ରବେଶ କରିବା ଏବଂ ଅତ୍ୟଧିକ ପାର୍ଥିବ ସୁଖସମ୍ଭୋଗରୁ ନିଜକୁ ଦୂରେଇ ରଖିବାର ପ୍ରକୃଷ୍ଟ ବେଳ ଏବେ ଆସିଛି। ଆସନ୍ତୁ ଫେରିଯିବା ୩୦ ବର୍ଷ ତଳକୁ ସେତେବେଳେ ଜଗତୀକରଣ ନ ଥିଲା, ନିଜ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା ନ ଥିଲା, ପ୍ରାୟତଃ ବହୁ କୁଟୁମ୍ବି ପରିବାର ରହିଥିଲା, ସ୍ୱଳ୍ପରେ ଚଳିବା ଏକ ଅଭ୍ୟାସରେ ପରିଣତ ହୋଇପଡ଼ିଥିଲା ଏବଂ ସବୁଠୁ ବଡ଼ କଥା ହେଲା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ ମଣିଷର ଚଳଣି ଏକ ନିର୍ଦ୍ଦିଷ୍ଟ ନିୟମକୁ ଅନୁସରଣ କରି ପାଳନ କରାଯାଉଥିଲା। ଯେମିତି କି ଘର ଭିତରେ ପଶିବା ପୂର୍ବରୁ ହାତଗୋଡ଼ ଧୋଇବା, ଖାଇବା ପୂର୍ବରୁ ହାତଧୋଇବା, ଡାକ୍ତରଖାନା, ପାଇଖାନା, ବାରିକ ଦୋକାନରୁ ଫେରିବା ପରେ ପିନ୍ଧିଥିବା ବସ୍ତ୍ରକୁ ଧୁଆଯିବା ଆଦି ବହୁତ ଛୋଟଛୋଟ ନିୟମ ଆମକୁ ସଂକ୍ରମିତ ଭୂତାଣୁଜନିତ ସମସ୍ତ ରୋଗରୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିଥିଲା, ଯାହା କି ଏବେ କରୋନା ପାଇଁ ସମସ୍ତେ ଅନୁସରଣ କରିବାକୁ ବାଧ ହୋଇଛନ୍ତି। ଆମେ ପାର୍ଥୀବ ସୁଖର ସର୍ବୋଚ୍ଚରେ ପହଞ୍ଚି ମଧ୍ୟ ଶାନ୍ତିରେ ନାହୁଁ। ପ୍ରକୃତିକୁ ଆମେ ଆମ ସୁଖ ପାଇଁ ଖିନ୍‌ଭିନ୍ କରି ଖାଇଯାଇଛୁ। ତେଣୁ ଏହି କରୋନା ରୂପୀ ଅସ୍ତ୍ର ଆଜି ସମ୍ପୂର୍ଣ୍ଣ ପୃଥିବୀକୁ ଏକପ୍ରକାର ସାବାଡ଼ କରି ଦେଇଛନ୍ତି। ଭୂକମ୍ପର ହାର ସମଗ୍ର ବିଶ୍ୱରେ ଶତକଡ଼ା ୫୦ଭାଗରୁ ଊର୍ଦ୍ଧ୍ୱ କମିଯାଇଛି। ବାୟୁମଣ୍ଡଳର ସ୍ୱଚ୍ଛତା ଶତକଡ଼ା ୯୦ଭାଗରୁ ଅଧିକା ବଢିଛି। ପ୍ରାୟ ପ୍ରତ୍ୟେକ ଦେଶ ଜଗତୀକରଣକୁ ପ୍ରତ୍ୟାଖ୍ୟାନ କରିବାକୁ ଚିନ୍ତା କଲେଣି ଏବଂ ମୁଖ୍ୟତଃ ବହୁତ କମ୍‌ରେ ଚଳିବାରେ ନିଜକୁ ଅଭ୍ୟସ୍ତ କଲେଣି। ଏବେ ଆଉ ଭାବିବାରେ କ'ଣ ଅଛି ? ଏଭଳି ରହିଲେ କରୋନା ଆପେ ଆପେ ଦୂରେଇ ଯିବ। ପୁଣି ଏକ ନୂଆ ଯୁଗ ସୃଷ୍ଟି ହେବ । କିନ୍ତୁ ଆମକୁ ପାସୋରି ଯାଇଥିବା ସେହି ହାତଧୋଇବା, ଗୋଡ଼ ଧୋଇବା, ମୁହଁରେ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରଖିବା ପାଇଁ ପ୍ରକୃତିର ଆହ୍ୱାନକୁ ଯଥେଷ୍ଟ ସମ୍ମାନ ଦେବା ନିହାତି ଦରକାର ତା'ହେଲେ ଯାଇ କରୋନା ଅନ୍ୟ ସାଧାରଣ ରୋଗପରି ଆମ ସାଙ୍ଗେ ରହି ମଧ୍ୟ ଆମର କୌଣସି କ୍ଷତି କରିପାରିବ ନାହିଁ। ତେଣୁ ଆମେ ଚିନ୍ତା କରିବା ଏବଂ ଡରିବାର କୌଣସି ପ୍ରୟୋଜନ ନାହିଁ ।

ମୋ:୯୮୬୧୧୨୬୮୦୦

## ଏଇ ଭାରତରେ

ଘରେ ମଧୁର ଜଳ ମୁକ୍ତା ଚାଷରୁ କିଭଳି ରୋଜଗାର କରିହେବ ତା ବାଟ ଦେଖାଇଛନ୍ତି ରାଜସ୍ଥାନର ନରେନ୍ଦ୍ର କୁମାର। ସେ ବର୍ଷକୁ ଏହି ଚାଷରୁ ୪ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେବଳ ଏତିକି ନୁହେଁ ସେ କିଶନଗଡ଼ରେ ବହିଦୋକାନ ବି କରିଛନ୍ତି। କିନ୍ତୁ ଲକ୍‌ଡାଉନରେ ଏହି ବ୍ୟବସାୟ ଏକ ପ୍ରକାର ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ ନରେନ୍ଦ୍ର ମୁକ୍ତା ଚାଷରେ ଅଧିକ ସମୟ ଦେଉଛନ୍ତି ଓ ଲୋକମାନଙ୍କୁ ଏହି ଚାଷ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ନରେନ୍ଦ୍ରଙ୍କୁ ବର୍ତ୍ତମାନ ବୟସ ୪୫। ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ସେ ମଧୁର ଜଳରେ ମୁକ୍ତା ଚାଷ କରୁଛନ୍ତି ଓ ଏଥିପାଇଁ ସେ ୫ ଦିନିଆ ପ୍ରଶିକ୍ଷଣ ନେଇଛନ୍ତି। ଘରେ ୧୦ ଫୁଟ ଲମ୍ବ ଓ ୧୦ଫୁଟ ଚଉଡ଼ାର କୁଣ୍ଡ କରି ସେଥିରେ ଏହି ଚାଷ କରୁଛନ୍ତି। ପ୍ରଥମେ ଚାଷରେ ସେ ୪୦ ହଜାର ଟଙ୍କା ନିବେଶ କରିଥିଲେ। ସେ ଦୁଇ ପ୍ରକାର ମୁକ୍ତା ଚାଷ କରୁଛନ୍ତି। ପ୍ରଥମେ ମୁମ୍ବାଇରୁ ୧ ହଜାର ଶାମୁକା ପ୍ରତ୍ୟେକକୁ ୧୦ ଟଙ୍କା ଦେଇ ଆଣିଥିଲେ। ମୁକ୍ତାର ମାନ ଅନୁଯାୟୀ ତାହାକୁ ସେ ୨୦୦ ଟଙ୍କାରୁ ୧,୦୦୦ ଟଙ୍କା ଯାଏ ବିକ୍ରି କରୁଛନ୍ତି। ନରେନ୍ଦ୍ର ବର୍ଷକୁ ପାଖାପଖି ୩,୦୦୦ ମୁକ୍ତା ସଂଗ୍ରହ କରୁଛନ୍ତି। କେବଳ ଚାଷରେ ସେ ଅଟକି ଯାଇନାହାନ୍ତି, ବରଂ ୧୦୦ ଜଣଙ୍କୁ ଏହି ଚାଷ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ତାହା ପୁଣି ସମ୍ପୂର୍ଣ୍ଣ ମାଗଣା।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୯୫

- କ୍ରୋଏସିଆରେ ଥିବା ଜାତିସଂଘ ଶାନ୍ତିବାହିନୀର ନୂତନ ଦାୟିତ୍ୱ ସଂପର୍କରେ ଜାତିସଂଘ ଓ କ୍ରୋଏସିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ଶ୍ରୀଲଙ୍କାର କେନ୍ଦ୍ରୀୟ କଲମ୍ବୋସ୍ଥିତ ପଶ୍ଚିମାଞ୍ଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ନିକଟରେ ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟିବା ଫଳରେ ୨୫ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

## ଚିରନ୍ତନୀ

ଚାଲିଛି ମୁଁ ସଙ୍ଗେ ତା'ର
କି ବିରାଟ ଅଭିସାର !
ଚାଲିଛି ମୁଁ ଦୂରେ କେଉଁ ଦୂରେ ଗୋ।
କି ବା ଗନ୍ଧେ ଅନ୍ତର ପୂରେ ମୋ।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦାନ କରିବା ଅନ୍ତରାଳେ

ମହାଶୟ,

ଧରିତ୍ରୀରେ ପିଏମ୍ କେୟାର୍ସ ଶୀର୍ଷକରେ କେତେକ ଚାଇନା କମ୍ପାନୀ ପିଏମ୍ କେୟାର୍ସ ଫଣ୍ଡକୁ କୋଟି କୋଟି ଟଙ୍କା ଦାନ ଦେବାର ଖବର ପ୍ରକାଶ ପାଇଥିଲା। କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭି ଅଭିଯୋଗ କରିଛନ୍ତି ଯେ, ଏନ୍‌ଡିଏ ସରକାର ଚାଇନାର କେତୋଟି କମ୍ପାନୀରୁ ଶହ ଶହ କୋଟି ଟଙ୍କା ଦାନ ଆକାରରେ ସଂଗ୍ରହ କରିଛି। ତେଣୁ ବର୍ତ୍ତମାନ ଚାଇନା ସହିତ ସୀମାନ୍ତରେ ସଂଘର୍ଷ ପରେ ପୁଣି ଯୁଦ୍ଧର ପ୍ରସ୍ତୁତି ଚାଲିଥିବାରୁ ସରକାର ଦେଶକୁ କିପରି ସୁରକ୍ଷା ପ୍ରଦାନ କରିବେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ମାର୍ଚ୍ଚ ୨୮ ତାରିଖରେ ପିଏମ୍ କେୟାର୍ସ ଫଣ୍ଡ ଗଠନ ହୋଇଥିଲେ ହେଁ ଏହି ଫଣ୍ଡର ସାମ୍ବିଧାନିକ କିମ୍ବା ପରିଚାଳନା ଢାଞ୍ଚା ସମ୍ପର୍କରେ ସମସ୍ତଙ୍କୁ ଅନ୍ଧକାରରେ ରଖାଯାଉଛି। ଏହା ଅଡିଟ୍ ପରିସରକୁ ଆସୁନାହିଁ ଓ ଏହା କିପରି ବିନିଯୋଗ ହେଉଛି ଦେଶବାସୀ ଜାଣିପାରୁ ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ଫଣ୍ଡ ଥିବାବେଳେ ପୁଣି ଆଉଏକ ଫଣ୍ଡ ଗଠନର ଆବଶ୍ୟକତା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଆଗରୁ ରାଜା ମହାରାଜାମାନେ ଗରିବଙ୍କୁ ଦାନ କରି ମହତ ଗୁଣର ଅଧିକାରୀ ହୋଇଥିଲେ। କିନ୍ତୁ ଏବେ ଯେଉଁ ଦାନ ହେଉଛି ତା'ର ଅନ୍ତରାଳେ କିଛି ଫାଇଦା ଉଠାଇବାର ଲକ୍ଷ୍ୟ ରହିଛି। ସ୍ୱାର୍ଥସିଦ୍ଧି ହିଁ ଏକମାତ୍ର ଲକ୍ଷ୍ୟ । କେରାଣ୍ଡି ଗୁଞ୍ଜି ଶେଉଳ ଧରିବା ନ୍ୟାୟରେ ପର୍ଯ୍ୟବସିତ। ଦେବାନେବା ରୀତିରେ ଏବର ଦାନ ଆଧାରିତ। ଦେଶର ବିପର୍ଯ୍ୟୟ ସମୟରେ ପ୍ରଶାସନରେ ସ୍ୱଚ୍ଛତା ନ ରହିବା ବାସ୍ତବିକ ପରିତାପର ବିଷୟ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜାତୀୟସ୍ତରରେ ଢେଙ୍କାନାଳ ପୁରସ୍କୃତ ଗ୍ରାମୀଣ ସଶକ୍ତୀକରଣ ଯୋଜନା

**ଢେଙ୍କାନାଳ ଅଫିସ, ୭।୮:** ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ସଶକ୍ତୀକରଣ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି ଢେଙ୍କାନାଳ ଜିଲା। ପୁରସ୍କାର ବାବଦରେ ଜିଲାକୁ ୫୦ଲକ୍ଷ ଟଙ୍କା ମିଳିଛି। ଏହି ଅର୍ଥ ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ହେବ। ଶୁକ୍ରବାର କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଉପାଧ୍ୟକ୍ଷ କୋଦଣ୍ଡଧର ସାହୁଙ୍କ ସହ ଆଲୋଚନା କରି ଏଭଳି କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏ ସମ୍ପର୍କରେ ସୂଚନା ଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ପଞ୍ଚାୟତିରାଜ ଅନୁଷ୍ଠାନ ସହ ସମନ୍ୱୟ ରକ୍ଷାକରି ଗ୍ରାମାଞ୍ଚଳରେ ଜଳଯୋଗାଣ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ଶିଶୁ ବିକାଶ, ବାହ୍ୟ ମଳମୁକ୍ତ ଅଭିଯାନ, ଅନୁସୂଚିତ ଜାତି ବିକାଶ, ଆଲୋକୀକରଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍‌ଜିଏୱାଇ ଭଳି ବିକାଶମୂଳକ କାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ କରାଯାଇଛି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ହୋଇଛି। ଏଥିଲାଗି ଢେଙ୍କାନାଳ ଜିଲା ପରିଷଦକୁ ଏଭଳି ସ୍ୱୀକୃତି ମିଳିଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ପୁନଃ ଲିଜ୍ ସରିଲା, ସ୍ଥାନାନ୍ତର ହେଲାନି

**ଯାଜପୁର ଅଫିସ,୭।୮**



### ପାଣିକୋଇଲି ଟୋଲ୍‌ପ୍ଲାଜା
- ସ୍ଥାନାନ୍ତର ନିଷ୍ପତ୍ତିକୁ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଲା
- ନୂଆ ସଂସ୍ଥା ଆଦାୟ କରିବ ଟୋଲ୍

ଯାଜପୁର ଜିଲାର ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓ ୫୩ ନମ୍ବର ଜାତୀୟ ରାଜପଥର ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତରଣ ସମସ୍ୟା ଅସମାହିତ ହୋଇରହିଛି। ଅବଧି ସରିବାର ପ୍ରାୟ ଅଢେଇ ମାସ ପରେ ପାଣିକୋଇଲି ଟୋଲପ୍ଲାଜାର ପୁନଃ ଲିଜ୍ ପାଇଁ ଟେଣ୍ଡର ପ୍ରକ୍ରିୟା ଗୁରୁବାର ସମ୍ପନ୍ନ ହୋଇଛି। ପୂର୍ବରୁ ନେଇଥିବା ଠିକାସଂସ୍ଥା ସାହାକାର ପ୍ରାଇଭେଟ ଲିଃ ଏଥିରେ ବାଦ ପଡ଼ିଥିବାବେଳେ ଏକ ନୂତନ ଠିକାସଂସ୍ଥାକୁ ଦୈନିକ ୩୨ଲକ୍ଷ ୭୨ ହଜାର ଟଙ୍କାରେ ଲିଜ୍ ଦିଆଯାଇଥିବା ସୂଚନା ମିଳିଛି। କିନ୍ତୁ ବିଡମ୍ବନା ଯେ, ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରି ବେଆଇନ ଭାବେ ଚାଲିଥିବା ଉପରୋକ୍ତ ଦୁଇ ଟୋଲପ୍ଲାଜାକୁ ସ୍ଥାନାନ୍ତରଣ ନିର୍ଦ୍ଦେଶକୁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ତାହା ସ୍ଥାନାନ୍ତର ହୋଇ ପାରିନାହିଁ। ଫଳରେ ୫୦ କିମି ଦୂରତା ମଧ୍ୟରେ ୩ ଟୋଲପ୍ଲାଜାରେ ଟ୍ୟାକ୍ସ ଦେଇ ଗାଡ଼ି ମାଲିକମାନେ ସର୍ବସ୍ୱାନ୍ତ ହେଉଥିବା ମତପ୍ରକାଶ ପାଇଛି।

ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟ୍‌ରୁ ଅନ୍ୟ ଟୋଲଗେଟ୍‌ର ଦୂରତା ଅତିକମ୍‌ରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୬ ନମ୍ବର ଜାତୀୟ ରାଜପଥ, ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଏବଂ ପାଣିକୋଇଲି-କେନ୍ଦୁଝର ୨୦ ନମ୍ବର ଜାତୀୟ ରାଜପଥରେ ଅଳ୍ପ ଦୂରତାରେ ୩ଟି ଟୋଲପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାର ପାଣିକୋଇଲି ଓ ଶ୍ରୀରାମପୁରରେ ୨ଟି ଟୋଲପ୍ଲାଜା କାର୍ଯ୍ୟ କରୁଛି। କେବଳ ୧୬ ନମ୍ବର ଜାତୀୟ ରାଜପଥରେ ୫୨ କିମି ଦୂରତା ମଧ୍ୟରେ ରହିଥିବା ପାଣିକୋଇଲି ଓ ମଙ୍ଗୁଳି ଟୋଲପ୍ଲାଜାରୁ ଦୈନିକ ପ୍ରାୟ କୋଟିଏ ଟଙ୍କା ଟୋଲ୍ ଫି ଆଦାୟ ଚାଲିଛି। ଭୁବନେଶ୍ୱରଠାରୁ ଯାଜପୁର ଜିଲାଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ଆନନ୍ଦପୁର ନିକଟସ୍ଥ ଆଦି ୩ଟି ଟୋଲପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ତେଣୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ମଙ୍ଗୁଳି ଟୋଲ୍‌ପ୍ଲାଜକୁ ବନ୍ଦାଲୋ, ପାଣିକୋଇଲି ଟୋଲପ୍ଲାଜାକୁ ଭଦ୍ରକର ଆଖୁଆପଦା ଏବଂ ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତର କରିବାକୁ ୨୦୧୬ ଜୁଲାଇରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ପୂର୍ତ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖିଥିଲେ। ଏହି ପତ୍ର ଜାରି ହେବାର ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରକୁ ନେଇ ସନ୍ଦିହାନ ଦେଖାଦେଇଛି। ଆଖୁଆପଦାଠାରେ ଜମି ଅଧିଗ୍ରହଣ ନେଇ ପ୍ରଶାସନିକ ତତ୍ପରତା ମଧ୍ୟ ନାହିଁ ବୋଲି କୁହାଯାଉଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ପାଣିକୋଇଲି ଟୋଲ୍‌ଗେଟ୍ ନିକଟତର ହୋଇସାରିଛି। କିନ୍ତୁ ଟେଣ୍ଡର ହେବା ସତ୍ତ୍ୱେ ଆଗକୁ ଅଧିକ ଲାଭ ଆଶାରେ ଏହି ଟୋଲଗେଟ ସ୍ଥାନାନ୍ତର ହେବା ଆଶା ଦିଶୁନାହିଁ ବୋଲି ଚର୍ଚ୍ଚା ହେଉଛି। ପାଣିକୋଇଲି ଟୋଲ୍‌ଗେଟ୍‌ରେ ଆଦାୟ ହେଉଥିବା ଲାଭ ଅର୍ଥକୁ ମିଳିମିଶି ବଣ୍ଟା ଯାଉଥିବାରୁ କୌଣସି ନିର୍ଦ୍ଦେଶ ଏଠାରେ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ ହୋଇଛି।

ମଙ୍ଗୁଳି ଟୋଲ୍‌ଗେଟ୍‌କୁ ବନ୍ଦାଲୋକୁ ସ୍ଥାନାନ୍ତର ପାଇଁ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲରୁ ଭଦ୍ରକ ୭୪.୫ କିମି ୬ ଲେନ ରାସ୍ତା ସମ୍ପ୍ରସାରଣ ସମୟରେ ପାଣିକୋଇଲି ଟୋଲପ୍ଲାଜା ଭଦ୍ରକ ଜିଲାର ଆଖୁଆପଦାକୁ ସ୍ଥାନାନ୍ତରଣ ହେବ ବୋଲି ୨୦୧୮ ନଭେମ୍ବରରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ମିଳିଥିଲା। ତାହା ବି ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ଶିଳ୍ପ ଓ ଖଣି ପରିବହନରେ ଦୈନିକ ବିପୁଳ ଟଙ୍କା ଆଦାୟ ହେଉଥିବାରୁ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତର ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ରାଜ୍ୟ ପରିବହନ ଓ ବାଣିଜ୍ୟ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି, କଟକ ପରିବହନ କମିଶନର ଦେଇଥିବା ପତ୍ର ସଂକ୍ରାନ୍ତରେ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ୪ ହସ୍ତତନ୍ତ କମ୍ପାନୀକୁ ପ୍ରମାଣପତ୍ର ପ୍ରଦାନ

**ଭୁବନେଶ୍ୱର, ୭।୮(ବ୍ୟୁରୋ)**

### ଷଷ୍ଠ ଜାତୀୟ ହସ୍ତତନ୍ତ ଦିବସ

ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ନୂଆଦିଲ୍ଲୀସ୍ଥିତ ଉଦ୍ୟୋଗ ଭବନରେ ଷଷ୍ଠ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହ୍ୟାଣ୍ଡଲୁମ୍ ମାର୍କ ସ୍କିମ୍‌ର ଶୁଭାରମ୍ଭ, ହ୍ୟାଣ୍ଡଲୁମ୍ ପୋର୍ଟାଲ୍‌ର ଶୁଭ ଉଦ୍‌ଘାଟନ, ଭର୍ଚ୍ଚୁଆଲ ପ୍ରଦର୍ଶନୀ, କ୍ରାଫ୍ଟ ହ୍ୟାଣ୍ଡଲୁମ୍ ଗ୍ରାମର ଉପସ୍ଥାପନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭର୍ଚ୍ଚୁଆଲ କାର୍ଯ୍ୟକ୍ରମଗୁଡ଼ିକ ସହିତ ସାରା ଦେଶର ହ୍ୟାଣ୍ଡଲୁମ୍ କ୍ଲଷ୍ଟର୍, ସମସ୍ତ ୨୮ ବୁଣାକାର ସେବା କେନ୍ଦ୍ର, ୬ ଆଇଆଇଏଚ୍‌ଟି, ଏନ୍‌ଏଚ୍‌ଡିସି, ଏଚ୍‌ଇପିସି ଓ ଏନ୍‌ଆଇଏଫ୍‌ଟି କ୍ୟାମ୍ପସ୍, କୁଲୁସ୍ଥିତ କ୍ରାଫ୍ଟ ହ୍ୟାଣ୍ଡଲୁମ୍ ଗ୍ରାମ, ମୁମ୍ବାଇର ଟେକ୍ସଟାଇଲ୍ କମିଟି, ଚେନ୍ନାଇର ଭର୍ଚ୍ଚୁଆଲ ପ୍ରଦର୍ଶନୀକୁ ଯୋଡ଼ାଯାଇଥିଲା। ଏପଟେ ଅପରାହ୍ନରେ ଭୁବନେଶ୍ୱରସ୍ଥିତ ବୁଣାକାର ସେବା କେନ୍ଦ୍ରରେ ମଧ୍ୟ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ୪ଟି ତାଲିକାଭୁକ୍ତ ଉତ୍ପାଦ କମ୍ପାନୀକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେଗୁଡ଼ିକ ହେଲା ତରାବୋଇ ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍, ଶୁଭଶ୍ରୀ ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍, ନୂଆପାଟଣା 'ଇକତ୍' ହ୍ୟାଣ୍ଡଲୁମ୍ କମ୍ପାନୀ ଲିମିଟେଡ୍ ଓ ଝିଲିମିଣ୍ଡା ଟ୍ରାଡିଶନାଲ୍ ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍। ବୁଣାକାର ସେବା କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ଜୈନ ସ୍ୱାଗତ ଭାଷଣ ଦେଇ ହସ୍ତତନ୍ତ ଦିବସ ସମ୍ପର୍କରେ କହିଥିଲେ। ବୟନଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଣାକାରଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। ହସ୍ତତନ୍ତ ସାମଗ୍ରୀର ଇ-ମାର୍କେଟିଂ, ବୁଣାକାରଙ୍କ ଉତ୍ପାଦର ଏକ କମ୍ପାନୀ ପ୍ରତିଷ୍ଠା, ହ୍ୟାଣ୍ଡଲୁମ୍ ମାର୍କ, ଭାରତୀୟ ହ୍ୟାଣ୍ଡଲୁମ୍ ବ୍ରାଣ୍ଡ, କଞ୍ଚାମାଲ ଆଦି ପ୍ରସଙ୍ଗ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମେସର୍ସ ଆମାଜନ୍‌ର ଦୁର୍ଗାମାଧବ ନାହାକ, ମେସର୍ସ ଜିଏମ୍‌ର ସୁଧାଂଶୁ ପ୍ରଧାନ, ଭୁବନେଶ୍ୱର ବୁଣାକାର ସେବା କେନ୍ଦ୍ରର କେ. ବେହେରା, ବୟନଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ, ଟେକ୍ସଟାଇଲ୍ କମିଟିର ପ୍ରଦୀପ କୁମାର ଦାଶ, ବୁଣାକାର ସେବା କେନ୍ଦ୍ରର ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାତ୍ର, ଏନ୍‌ଏଚ୍‌ଡିସିର ଆଞ୍ଚଳିକ ମ୍ୟାନେଜର ଏ.କେ.ଶାହା ପ୍ରମୁଖ ଯୋଗଦେଇଥିଲେ। ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱରର ଟେକ୍ସଟାଇଲ୍ ଡିଜାଇନର ବିଉଟି ମିଳି ଧନ୍ୟବାଦ ଦେଇଥିଲେ।


**DISTRICT PROJECT OFFICE**
**SAMAGRA SHIKSHA, NABARANGPUR**

No.1414 Civil/2020 Date: 06.08.2020

**TENDER CALL NOTICE UNDER TWO PART BIDDING SYSTEM FOR PREPARATION OF DPR (SUB SOIL EXPLORATION, TESTING, PREPARATION OF DESIGN & ESTIMATES) FOR KGBV BUILDINGS OF NABARANGPUR DISTRICT**

Sealed tender under two bid systems are invited in prescribed format from the registered Consultancies/Agencies of Odisha having valid licence issued by the Chief Engineer, R.D. & Q.P., R&B Division, Bhubaneswar, IT return of last three years, valid PAN/valid GST regn. Certificate with copy of the last GST return. The details of the Tender Call Notice along with the terms & conditions can be downloaded from website www.opepa.in or www.nabarangpur.nic.in from 10.00 A.M. of dt.07.08.2020 to 5.30 P.M. of Dt.31.08.2020. The tender shall be opened at 11.00 A.M. on dt.01.09.2020 in the Office of the District Project Coordinator, Samagra Shiksha, Nabarangpur in the presence of the bidders or their authorized representatives.

By order of Collector-cum-Chairperson
Sd./- District Project Coordinator, RTE-SS, Nabarangpur


# ୬ ନୂଆ ଥାନା, ୯୦୫ ପଦବୀ ମଞ୍ଜୁର

## ପୋଲିସର ଶକ୍ତି ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ

**କଟକ ଅଫିସ,୭।୮**

ରାଜ୍ୟ ପୋଲିସର ଶକ୍ତି ବଢ଼ାଇବା ପାଇଁ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ୬ଟି ନୂଆ ଥାନା ପ୍ରତିଷ୍ଠା ଓ ୯୦୫ ଜଣ ନୂତନ କର୍ମଚାରୀଙ୍କୁ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ଲୋକଙ୍କୁ ସେବା ଯୋଗାଇବାରେ ଉପରୋକ୍ତ ମଞ୍ଜୁରୀ ପ୍ରମୁଖ ଭୂମିକା ନେବ ବୋଲି ଡିଜିପି ଅଭୟ କହିଛନ୍ତି।

ବର୍ତ୍ତମାନ ଥିବା ୬ଟି ଥାନାକୁ ଭାଙ୍ଗି ଆଉ ୬ଟି ଥାନା ପ୍ରତିଷ୍ଠା କରାଯିବ। ସେଗୁଡ଼ିକ ହେଲା ଭୁବନେଶ୍ୱରର ଖଣ୍ଡଗିରି ଥାନା, ଅନୁଗୋଳ ଟାଉନ୍ ଥାନା, ଝାରସୁଗୁଡ଼ା ଟାଉନ୍ ଥାନା, ଭଞ୍ଜନଗର ଥାନା, ଭଦ୍ରକ ଗ୍ରାମାଞ୍ଚଳ ଥାନା ଓ ତିହିଡ଼ି ଥାନା। ମଞ୍ଜୁର ହୋଇଥିବା ନୂତନ ପଦବୀଗୁଡ଼ିକ ଫଳରେ ୨୧ଟି ପୋଲିସ ଜିଲାର ୨୨୦ଟି ଥାନା ଓ ୬ଟି ଫାଣ୍ଡି ଉପକୃତ ହେବ। ସେମାନଙ୍କୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ୧୦ଟି ଥାନା ଓ ଗୋଟିଏ ଫାଣ୍ଡି ସହ କଟକ ସହରାଞ୍ଚଳ ପୋଲିସ ଜିଲାର ୬ ଥାନା, କଟକ ଜିଲା ପୋଲିସର ୧୨ ଥାନା, ଜଗତସିଂହପୁର ଜିଲାର ୭ ଥାନା ଓ ଗୋଟିଏ ଫାଣ୍ଡି, ଯାଜପୁର ଜିଲାର ୧୩ ଥାନା ଓ ଗୋଟିଏ ଫାଣ୍ଡି, କେନ୍ଦ୍ରାପଡ଼ା ଜିଲାର ୬ ଥାନା, ପୁରୀ ଜିଲାର ୧୫ ଥାନା, ନୟାଗଡ଼ ଜିଲାର ୯ ଥାନା, ଖୋର୍ଦ୍ଧା ଜିଲାର ୭ ଥାନା, ବାଲେଶ୍ୱର ଜିଲାର ୨୦ ଥାନା, ଭଦ୍ରକ ଜିଲାର ୧୩ ଥାନା ଓ ୨ ଫାଣ୍ଡି, ଝାରସୁଗୁଡ଼ା ଜିଲାର ୮ ଥାନା, ବଲାଙ୍ଗୀର ଜିଲାର ୧୨ ଥାନା, ସୋନପୁର ଜିଲାର ୫ ଥାନା, ଢେଙ୍କାନାଳ ଜିଲାର ୯ ଥାନା, ଅନୁଗୋଳ ଜିଲାର ୧୪ ଥାନା, ଗଞ୍ଜାମ ପୋଲିସ ଜିଲାର ୧୫ ଥାନା ଓ ଗୋଟିଏ ଫାଣ୍ଡି, ବ୍ରହ୍ମପୁର ପୋଲିସ ଜିଲାର ୫ ଥାନା, ବୌଦ୍ଧ ଜିଲାର ୫ ଥାନା, ସୁନ୍ଦରଗଡ଼ ଜିଲାର ୧୩ ଥାନା ଓ କେନ୍ଦୁଝର ଜିଲାର ୧୬ ଥାନାରେ ଏହି ନିଯୁକ୍ତି ଦିଆଯିବ।


**ODISHA STAFF SELECTION COMMISSION**
Barrack No. 1, Unit-V, Bhubaneswar-751054

No. IIE-05/2019/2688/OSSC.; Date 07.08.2020

**CORRIGENDUM TO ADVERTISEMENT No. 4631/OSSC DT.27.12.2019 FOR THE POST OF INDUSTRIES PROMOTION OFFICER-2019**

**No. T-25:-** The bullet point 8 under heading "Important" in 1st page of the Advertisement for the post of **Industries Promotion Officer-2019 (ADVERTISEMENT No. 4631/OSSC DT.27.12.2019)** is revised as follows:-

"Candidates must have passed Degree in Engineering in any discipline or Diploma in Engineering in any discipline from Polytechnics or Engineering Schools of Odisha or equivalent thereto".

The clause 5(c)(I) of the Advertisement at page-8 is amended accordingly.

All other stipulations in the Advertisement remain unaltered.

**By the order of Commission**
**Sd./- Secretary**
OIPR-09005/11/0024/2021



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the GM, Elect. E.H.T. (Construction) Circle, Ryagada. CIN: U40102OR2004SGC007553

**TENDER CALL NOTICE NO. 02/2020-21dt.05.08.2020**

Sealed tenders are invited from reputed firms Manufacturers/firms/authorised dealers having valid GSTIN,Pan card for **supply of 48V 500Ah VRLA Battery set to execute the balance works for construction of 220KVJayanagar(Jeypore)-PGCIL line with bay extension at PGCIL end. Cost of tender paper :** Rs.2,000/- + GST @ 12% = **Rs.2,240/-** (Rupees two thousand two Hundred and forty only) non-refundable. **Sale of Tender paper :** From 07.08.2020 to 19.08.2020 (Upto 1.30 PM) At EHT (C) Circle, Rayagada During office hours only. **Last Date / Time for receipt of BID :** 20.08.2020 (Up to 01.30PM).
Opening of Bid:3PM.of20.08.2020.Estimated Cost:Rs.1,91,210. For details, please visit our website **www.optcl.co.in**.
**Corrigendum/Addendum/Deletion if any will be published in the website.**

Sd/-
GM (Elect.)

Please connect us: optcl.odisha optcl_odisha energyodisha


# ଟ୍ରକ୍ ସହ କାର୍ ଧକ୍କା: ୩ ମୃତ, ୨ ଗୁରୁତର




**ଧର୍ମଶାଳା, ୭।୮ (ଡି.ଏନ୍.ଏ.)**

ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ରଥିଆ ଛକଠାରେ ଗୁରୁବାର ଭୋର ସମୟରେ ସଡ଼କ ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନାପୁର ଜିଲା କେଶପୁର କଣ୍ଟେର ଗ୍ରାମର ସୁଜିତ ଗିରି(୪୦), ଦୀପଙ୍କର ପାଞ୍ଜା (୪୧) ଓ ଡ୍ରାଇଭର ଅଜଗର ଅଲ୍ଲୀ ସାହା (୪୦)। ଆହତମାନେ ହେଲେ ସୁନିତା ଗିରି (୩୫) ଓ ଯଦୁ କୋଭର (୪୨)।

ଘଟଣା ମୁତାବକ, ରଥିଆ ଛକଠାରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ (ଡବ୍ଲ୍ୟୁବି-୨୩-ବି-୩୭୩୮) ପଛରେ କୋଲକାତା ଯାଉଥିବା ଏକ କାର୍(ଡବ୍ଲ୍ୟୁବି-୩୨ ଏଲ-୦୭୫୨) ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର୍ ଡ୍ରାଇଭରଙ୍କ ସମେତ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ଧର୍ମଶାଳା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଗାଡ଼ିରେ ଥିବା ଅନ୍ୟ ଦୁଇଜଣଙ୍କ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଧର୍ମଶାଳା ପୋଲିସ ଓ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଟ୍ରକରେ ଚାପି ହୋଇରହିଥିବା କାରକୁ ଜେସିବି ସାହାଯ୍ୟରେ ବାହାର କରିବା ସହ ମୃତକ ଓ ଆହତମାନଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ପୋଲିସ ୩୦୫/୨୦ନଂ.ରେ ମାମଲା ରୁଜୁ କରି ଗାଡି ଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି। ଧର୍ମଶାଳା ଡାକ୍ତରଖାନାରେ ମୃତଦେହ ରହିଥିବା ବେଳେ ଶନିବାର ବ୍ୟବଚ୍ଛେଦ ଲାଗି ପଠାଯିବ ବୋଲି ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୭୦୯୫/IND-II-PH-821 ତାରିଖ ୦୭।୦୮।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଶ୍ରୀଜଗନ୍ନାଥ ମନ୍ଦିର ଆଧିପତ୍ୟ ଶାସନ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ ଅନ୍ତର୍ଗତ ଡଙ୍ଗରପଡା ଏବଂ ସାନ୍ତରାପୁର ଗ୍ରାମଠାରେ ୪୯.୮୪୦ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ କ୍ଲଷ୍ଟର-୩ କଳାଚୁଆ ପଥର ଖଣିର ଖନନ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୨୨।୦୪।୨୦୨୦ରିଖ ଦିବା ୦୮.୩୦ ଘଟିକା ସମୟରେ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଡଗରପଡା ଅନ୍ତର୍ଗତ ଜାଡିଆଣୀ ଦେବୀ ମନ୍ଦିର ପ୍ରାଙ୍ଗଣରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: 'The Times of India' ଏବଂ 'ଧରିତ୍ରୀ'ରେ ତା୨୦।୦୩।୨୦୨୦ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ Covid-19 ମହାମାରୀ ଯୋଗୁ ଚାଲିଥିବା ଲକ୍‌ଡାଉନ୍ ଯୋଗୁ ଉକ୍ତ ସର୍ବସାଧାରଣ ଶୁଣାଣି ହୋଇପାରି ନ ଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୧୦।୦୯।୨୦୨୦ରିଖ ଦିବା ୧୦.୩୦ ଘଟିକା ସମୟରେ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଡଗରପଡାସ୍ଥିତ ଜାଡିଆଣୀ ଦେବୀ ମନ୍ଦିର ପ୍ରାଙ୍ଗଣରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୦।୦୯।୨୦୨୦ରିଖ ଦିବା ୧୦.୩୦ ଘଟିକା ସମୟରେ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଡଗରପଡାସ୍ଥିତ ଜାଡିଆଣୀ ଦେବୀ ମନ୍ଦିର ପ୍ରାଙ୍ଗଣରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ସରକାରଙ୍କ Covid-19 SOP ଏବଂ ସାମାଜିକ ଦୂରତା ଉପରେ Covid-19 guidelines ଅନୁଯାୟୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଖୋର୍ଦ୍ଧା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱର।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
**DISTRICT PROGRAMME MANAGEMENT UNIT (DPMU)**
**NATIONAL HEALTH MISSION (NHM)**
**Advt. No. 2944 Date: 05.08.2020**

**RFP CALL NOTICE FOR SUPPLY OF DIET AT COVID CENTRES, PURI**

**No. E-171:-** Sealed Tenders are invited from registered agencies/Individuals having experience in supply of Diet (Break fast, lunch, dinner, Snacks with tea as fixed by the Govt.) to COVID Centres of Puri. The details term and conditions are available in the district website www.puri.nic.in. The bidding documents complete in all respect should reach the District Programme Management Unit, O/O- CDM&PHO, DHH, Puri on or before 17.08.2020, 05.00 PM through post or courier and superscribed as "**BID DOCUMENTS FOR TENDER CALL NOTICE FOR DIET SUPPLY-COVID-19 NO.2944**". The bids will be opened on 18.08.2020 at 11.00 AM. The authority reserves the right to cancel or accept any Tender fully or partially without assigning any reason thereof.

**-Sd- Chief District Medical & Public Health Officer, Puri**
OIPR-10021/11/0003/2021


# କରୋନା ସନ୍ଦେହରେ ୨୦ ଘଣ୍ଟା ପଡ଼ିରହିଲା ମୃତଦେହ

**ଚଣ୍ଡିଖୋଲ, ୭।୮ (ଡି.ଏନ୍.ଏ.)**

### ରିପୋର୍ଟ ଆସିଲା ନେଗେଟିଭ୍

ବିଶ୍ୱବ୍ୟାପୀ ମହାମାରୀ ରୂପ ନେଇଥିବା କରୋନା ଯୋଗୁ ମାନବିକତା ହଜିଯାଉଥିବା ମନେହେଉଛି। ମୃତଦେହ ମଶାଣିକୁ ନେବା ପାଇଁ ବି ସାହିପଡ଼ିଶା, ବନ୍ଧୁବାନ୍ଧବ କାନ୍ଧ ଦେଉନାହାନ୍ତି। ବଡ଼ଚଣା ବ୍ଲକ ଅଧୀନ ସିହା ପଞ୍ଚାୟତ କମ୍ପିରା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ନଜରକୁ ଆସିଛି। ଗ୍ରାମର ହୃଷୀକେଶ ସାହୁ(୫୩)ଙ୍କ ଗତ ୬ତାରିଖରେ ମୃତ୍ୟୁ ହୋଇଥିଲା। କିନ୍ତୁ କରୋନା ସନ୍ଦେହରେ କେହି ନ ଛୁଇଁବାରୁ ୨୦ଘଣ୍ଟା କାଳ ମୃତଦେହ ଘରେ ପଡ଼ିରହିଥିଲା। ଶୁକ୍ରବାର ହୃଷୀକେଶଙ୍କ ମୃତଦେହ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ କରୋନା ଟେଷ୍ଟ ପାଇଁ ପଠାଯାଇଥିଲା। ତେବେ ରିପୋର୍ଟ ନେଗେଟିଭ୍ ଆସିଥିବା ଜଣାଯାଇଛି।

ପ୍ରକାଶ ଯେ, ହୃଷୀକେଶ ଗତ କିଛି ବର୍ଷ ହେବ କୋରାପୁଟରେ ରହିଆସୁଥିଲେ। ୫ ଦିନ ତଳେ ଗାଁକୁ ଫେରିବା ପରେ ସେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଫେରିବା ପରେ ଗତ ୬ ତାରିଖ ଅପରାହ୍ନ ୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ହୃଷୀକେଶଙ୍କୁ କରୋନା ହୋଇଥିବା ସନ୍ଦେହରେ ପଡୋଶୀ କିମ୍ବା ସମ୍ପର୍କୀୟ ମୃତଦେହକୁ ଛୁଇଁ ନ ଥିଲେ। ଦିବ୍ୟାଙ୍ଗ ସ୍ତ୍ରୀଙ୍କ ଛଡ଼ା ହୃଷୀକେଶଙ୍କ ପରିବାରରେ ଅନ୍ୟକେହି ନ ଥିବାରୁ ଶୁକ୍ରବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୃତଦେହ ଘରେ ପଡ଼ିରହିଥିଲା। ସ୍ଥାନୀୟ ସରପଞ୍ଚଙ୍କଠାରୁ ଖବରପାଇ ବଡ଼ଚଣା ବ୍ଲକ ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ମୃତଦେହ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ କରୋନା ଟେଷ୍ଟ ପାଇଁ ପଠାଯାଇଥିଲା। ତାଙ୍କ ରିପୋର୍ଟ ନେଗେଟିଭ ଆସିଥିବା ବିଡିଓ ଅଜିତ ନାରାୟଣ ଗିରି ପ୍ରକାଶ କରିଛନ୍ତି।


**OFFICE OF THE SUPERINTENDENT**
**V.S.S. INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
Superintendent.vssmch@gmail.com

**SHORT TENDER CALL NOTICE**

No.9442 VIMSAR Dated, Burla, the 31.07.2020

No.E-168:- Sealed tenders are hereby invited by the undersigned from the interested reputed Travel Agencies/ Tour Operators/private Individuals having GST registration for providing 02 (two) nos. of AC/Non-AC petrol vehicles like Swift Dzire/Tiago/Bolt/Celerio etc. for official use on monthly rented basis. The tenders should reach the Office of the Superintendent, VSSIMSAR, Burla on or before dt.20.08.2020 upto 5.30 P.M. through Regd. Post/ Speed Post only which will be opened on dt.21.08.2020 at 11.30 A.M.

The details terms and conditions can be collected from Office of the Superintendent, VSS IMSAR, Burla from the date of publication of tender call notice in the newspaper / district website to 20.08.2020 (BDI) in all working days from 10.30 A.M. to 5.00 P.M. on payment of Rs.500/- (Rupees five hundred) only in the user fee collection counter towards cost of the tender paper. It can also be downloaded from the District website www.sambalpur.nic.in submit the same with a Bank Draft of Rs.500/- in favour of Superintendent, VSS IMSAR, Burla.

**Sd./-Superintendent, VSS IMSAR, Burla**
OIPR-10026/11/0009/2021

## ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,(ଡି.ଏନ୍.ଏ.): ହିଞ୍ଜିଳି ଥାନା ସିଙ୍ଗିପୁର ଗ୍ରାମ ଘୋଡାହାଡ ନଦୀରୁ ଗୁରୁବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ମିହିରକଣା ଗ୍ରାମର ସୁରେନ୍ଦ୍ର ନାୟକ(୬୨)। ବୁଧବାର ପୂର୍ବାହ୍ନରେ ମିହିରକଣା ନିକଟ ଘୋଡାହାଡ ନଦୀକୁ ଗାଧୋଇବାକୁ ଯାଇ ସୁରେନ୍ଦ୍ର ନିଖୋଜ ହୋଇଯାଇଥିଲେ। ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।



## ସଂକ୍ଷେପରେ

### ଛତ୍ରପୁରରେ ଆଉ ୨୧ ପଜିଟିଭ

ଛତ୍ରପୁର,୭।୮(ଡି.ଏନ୍.ଏ.): ଛତ୍ରପୁର ସହର ଓ ଗ୍ରାମାଞ୍ଚଳରୁ ଶୁକ୍ରବାର ପୁଣି ୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ଜଣେ କରୋନା ଯୋଦ୍ଧା ଓ ଅନ୍ୟ ୨୦ ଜଣ ସ୍ଥାନୀୟ ସଂକ୍ରମିତ। ଛତ୍ରପୁର ଏନ୍ଏସିର ପାର୍କସାହି, ରିକାପଲ୍ଲୀ ହରିଜନ ସାହି ଓ ଛତ୍ରପୁର ହସ୍ପିଟାଲରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟ ୧୮ ଜଣ ପଜିଟିଭ୍ ଗ୍ରାମାଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଏନଏସିରେ ବର୍ତ୍ତମାନ ସୁଦ୍ଧା ୧୧୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭୨ଜଣ ସୁସ୍ଥ ହୋଇଛନ୍ତି। ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୫ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

### ଗଞ୍ଜାମ ଆସିବେ ୧୬ ସବ୍ଇନ୍ସପେକ୍ଟର କୃତଜ୍ଞତା ଜଣାଇଲେ ଏସ୍ପି

ଛତ୍ରପୁର,୭।୮(ଡି.ଏନ୍.ଏ.): ଗଞ୍ଜାମ ପୋଲିସ ଜିଲାକୁ ଆଉ ଅତିରିକ୍ତ ୧୬ ସବଇନ୍ସପେକ୍ଟର ଆସିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅତିରିକ୍ତ ସବ୍ଇନ୍ସପେକ୍ଟରଙ୍କ ସହ ଭଞ୍ଜନଗର ଅଞ୍ଚଳରେ ଆଉ ଏକ ଥାନା ପାଇଁ ମଞ୍ଜୁର କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଗଞ୍ଜାମ ଏସ୍ପି ବ୍ରିଜେଶ କୁମାର ରାଏ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ପୋଲିସ ଜିଲାରେ ୨୪ ଘଣ୍ଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ବାବଦକୁ ୧ ଲକ୍ଷ ୪୬ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି। ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ନେଇ ୧ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ୪୯ ଲିଟର ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଥିବା ଏସ୍ପି ସୂଚନା ଦେଇଛନ୍ତି।

### ଗଜପତିରୁ ୩୫ ପଜିଟିଭ, ଜଣେ ମୃତ

ପାରଳାଖେମୁଣ୍ଡି,୭।୮(ସ୍ୱ.ପ୍ର.): ଗଜପତି ଜିଲାରେ କରୋନା ସଂକ୍ରମିତଙ୍କ ୧୮୬୮ରେ ପହଞ୍ଚିଛି। ଶୁକ୍ରବାର ଜିଲାରୁ ଆଉ ୩୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୨୩ଜଣ, ଗୁମ୍ମା ବ୍ଲକ୍ରୁ ୪, ଗୋଷାଣୀ ବ୍ଲକ୍ରୁ ଜଣେ, ରାୟଗଡ଼ ବ୍ଲକ୍ରୁ ୫ ଏବଂ କାଶୀନଗର ବ୍ଲକ୍ରୁ ୨ ଜଣ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨କରୋନା ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚବେଳେ ୨୯, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୩ ଏବଂ ଜିଲା ବାହାରୁ ଜଣେ ଚିହ୍ନଟ ହୋଇଥିବା ନେଇ ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି। ସେହିପରି ଜଣେ ୩୪ବର୍ଷୀୟ ଯୁବକଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧିପାଇଛି।

### ୧୦ ପେଟ୍ରୋଲ ପମ୍ପରୁ ଜରିମାନା ଆଦାୟ, ଗୋଟିଏ ସିଲ୍ କୋଭିଡ୍-୧୯ ନିୟମ ଉଲ୍ଲଂଘନ

ବ୍ରହ୍ମପୁର ଅଫିସ,୭।୮: କୋଭିଡ୍ ନିୟମ ଉଲ୍ଲଂଘନ ଓ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ନ ଥିବା କାରଣରୁ ଶୁକ୍ରବାର ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ପେଟ୍ରୋଲ ପମ୍ପରେ ଚଢ଼ାଉ କରାଯାଇଛି। ପ୍ରଶାସନ ପକ୍ଷରୁ ଗଠିତ ଟିମ୍ ଗୋଟିଏ ପେଟ୍ରୋଲ ପମ୍ପ ସିଲ କରିଥିବା ବେଳେ ଆଉ ୧୦ଟିରୁ ଜରିମାନା ଆଦାୟ କରିଛି। ୧୦ ପେଟ୍ରୋଲ ପମ୍ପରୁ ୧ ଲକ୍ଷ ୧୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବ୍ରହ୍ମପୁର ଉପଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି।

### କ୍ୟାମ୍ପସ ବନ୍ଦ କଲେ ଅଧ୍ୟକ୍ଷ ତାରାତାରିଣୀ କଲେଜର ୩ କର୍ମଚାରୀ ସଂକ୍ରମିତ

ପୁରୁଷୋତ୍ତମପୁର,୭।୮(ଡି.ଏନ.ଏ.): ପୁରୁଷୋତ୍ତମପୁର ତାରାତାରିଣୀ କଲେଜର ୩ ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ପଟ୍ଟନାୟକ ଏ ନେଇ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜଣାଇ ତାଙ୍କ ପରାମର୍ଶକ୍ରମେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କଲେଜ କ୍ୟାମ୍ପସକୁ ବନ୍ଦ କରିଛନ୍ତି। ଏଥିସହ ଏନ୍ଏସି ପ୍ରଶାସନର ନିର୍ଦ୍ଦେଶକ୍ରମେ କୋଭିଡ୍ ଟେଷ୍ଟ କରିବା ଲାଗି ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଧ୍ୟକ୍ଷ କହିଛନ୍ତି, କଲେଜ କ୍ୟାମ୍ପସକୁ ସାନିଟାଇଜ କରିବା ଲାଗି ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ପରବର୍ତ୍ତୀ ସମୟରେ ସ୍ଥାନୀୟ ପ୍ରଶାସନ ତହସିଲଦାର ଓ ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି କଲେଜ କ୍ୟାମ୍ପସ ଖୋଲାଯିବ।

# ସୁରଟ ଫେରିଲେ ପ୍ରବାସୀ ଓଡ଼ିଆ

- ମିଳିଲାନି ସଙ୍ଗରୋଧ ସହାୟତା ଟଙ୍କା
- ମଉଳିଲା ଏମ୍ଜିଏନ୍ଆର୍ଇଜିଏସ୍ ଆଶା

ପାଟପୁର,୭।୮

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଳାସପୁର, ଇନ୍ଦ୍ରାବାସ, ଲୁଣିଲାଠୀ, ଗଙ୍ଗାପୁର, ସୁମନ୍ତପୁର ଆଦି ଅଞ୍ଚଳରୁ ୩୮ ପ୍ରବାସୀ ଶ୍ରମିକ ଶୁକ୍ରବାର ପୁଣି ସୁରଟ ଫେରିଯାଇଛନ୍ତି। କାମଧନ୍ଦା ନ ପାଇ ଏକ ଘରୋଇ ବସ୍କୁ ରିଜର୍ଭ କରି ସମସ୍ତ ଶ୍ରମିକ ପଳାସପୁର ଛକରୁ ସୁରଟ ଯାଇଛନ୍ତି। କରୋନା ପରେ ଘରକୁ ଫେରିଥିଲୁ। ସରକାରୀ ସଙ୍ଗରୋଧରେ ରହିଲୁ। ସେଠାରୁ ଫେରି ନାଁ ମିଳିଲା ସହାୟତା ଟଙ୍କା ନା ମିଳିଲା ଏମ୍ଜିଏନ୍ଆର୍ଇଜିଏସ୍ରେ କାମ। ବାଧ୍ୟହୋଇ କରୋନାକୁ ଖାତିର ନ କରି ପୁଣି ସ୍ତ୍ରୀ ପିଲାଙ୍କୁ ଘରେ ଛାଡି ଦାଦନ ଖଟିବାକୁ ସୁରଟ ଫେରିଯାଉଛୁ ବୋଲି କହିଥିଲେ ପ୍ରବାସୀ। ଏମାନଙ୍କୁ ଗଞ୍ଜାମରୁ ସୁରଟ ନେବାକୁ ସେଠିକାର ଜିଲାପାଳ ଅନୁମତି ଦେଇଥିବା ଜଣାପଡିଛି। ବାହାର ରାଜ୍ୟରୁ ଲକ୍ଷାଧିକ ପ୍ରବାସୀ ସାନଖେମୁଣ୍ଡି ସମେତ ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମକୁ ଫେରିଥିଲେ। ବର୍ତ୍ତମାନ ଜିଲାରେ କରୋନା ସ୍ଥିତି ସାଙ୍ଘାତିକ। ସଂକ୍ରମିତଙ୍କ ସଂଖ୍ୟା ୧୨ ହଜାର ଟପିଥିବାବେଳେ ୧୨୩ଜଣଙ୍କ ମୃତ୍ୟୁ ହେଲାଣି। ଏହାସତ୍ତ୍ୱେ ସେମାନେ ଫେରି ଯାଇଛନ୍ତି।

ବ୍ଲକ ଅଫିସ ଠାରୁ ମାତ୍ର ଏକ କିମି ଦୂର ପଳାସପୁରରୁ ଶ୍ରମିକମାନେ ସୁରଟ ଯାଉଥିଲେ ମଧ୍ୟ ପ୍ରଶାସନ ପାଖରେ ଖବର ନଥିଲା। ଏ ନେଇ ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକ କହିଛନ୍ତି, ୩ଦିନ ପୂର୍ବରୁ ଇନ୍ଦ୍ରାବାସ ଓ ପଳାସପୁର ଗ୍ରାମର କେତେଜଣ ପ୍ରବାସୀ ସରକାରୀ ସହାୟତା ମିଳି ନ ଥିବା ଜଣାଇଥିଲେ। ଗ୍ରାମରେ କୌଣସି କାମ ନଥିବାରୁ ସୁରଟ ଫେରିଯିବୁ ବୋଲି ସେମାନେ କହିଥିବା ବିଡ଼ିଓ ସୂଚନା ଦେଇଛନ୍ତି।



ଶ୍ରମିକଙ୍କୁ ସୁରଟ ନେବା ପାଇଁ ଅଟକି ରହିଥିବା ବସ୍।

### ଆସିକାରୁ ଗଲା ୩ ବସ୍

ଆସିକା,(ଡି.ଏନ୍.ଏ.)- ଆସିକାରୁ ୩ ଘରୋଇ ବସ୍ ଯୋଗେ ଶୁକ୍ରବାର ୧୫୦ ଯାତ୍ରୀ ଗୁଜରାଟ ଫେରିଛନ୍ତି। ଶେରଗଡ, ପୁରୁଷୋତ୍ତମପୁର ଓ ଗୋବରା ବ୍ଲକର ବାଲିପଦର ଅଞ୍ଚଳରୁ ପ୍ରତ୍ୟେକ ବସ୍ରେ ୫୦ଜଣ ଲେଖାଏ ଯାଇଛନ୍ତି। ସେମାନେ କାମ କରୁଥିବା ସଂସ୍ଥାର ମାଲିକ ସ୍ଥାନୀୟ ବସ୍ ମାଲିକଙ୍କ ସହ ଯୋଗାଯୋଗ କରି ନେଇଥିବା ଜଣେ ବସ୍ ମାଲିକ କହିଛନ୍ତି।

### ଆନ୍ଧ୍ର ଯାଉଥିବା ବସ୍ ଅଟକ

ଓଡ଼ିଆ ଶ୍ରମିକଙ୍କୁ ଆନ୍ଧ୍ରପ୍ରଦେଶ ନେବାଲାଗି ଆସିଥିବା ଆନ୍ଧ୍ରର ଏକ ବସ୍କୁ ଶୁକ୍ରବାର ରାତିରେ ଆସିକା ବସ୍ଷ୍ଟାଣ୍ଡ ନିକଟରୁ ପ୍ରଶାସନ ଧରିଥିଲା। ଏଥିରେ ପ୍ରାୟ ୪୦ଜଣ ଓଡ଼ିଆ ଶ୍ରମିକ ଥିଲେ। ଆବଶ୍ୟକ କାଗଜପତ୍ର ନ ଥିବାରୁ ବସ୍କୁ ଥାନାକୁ ନିଆଯାଇଛି। ବିଡିଓ ରୋଶନ ଶତପଥୀ, ଏସ୍ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ଯାତ୍ରୀ ବସିଥିବା ବସ୍କୁ ଅଟକାଇଥିଲେ।



ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଭେଙ୍କଟରାୟପୁର(ବକ୍ସିପଲ୍ଲୀ)କୁ ୟୁନେସ୍କୋର ଆଇଓସି ପକ୍ଷରୁ ସୁନାମୀ ପ୍ରସ୍ତୁତ ଗ୍ରାମ ମାନ୍ୟତା ମିଳିଛି। ଶୁକ୍ରବାର ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ୟୁନେସ୍କୋ ପକ୍ଷରୁ ପ୍ରଶଂସାପତ୍ର ଦିଆଯାଇଛି। ଛତ୍ରପୁରସ୍ଥିତ କାର୍ଯ୍ୟାଳୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ସରପଞ୍ଚ ଡି. ଜ୍ୟୋତି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଦଦରାଲୁଣ୍ଡାରେ ବୋମାମାଡ଼, ୩ ଆହତ

ଭଞ୍ଜନଗର,୭।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଦଦରାଲୁଣ୍ଡାରେ ଶୁକ୍ରବାର ରାତିରେ ବୋମାମାଡ଼ ହୋଇଛି। ଏଥିରେ ଗ୍ରାମର ୩ଜଣ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ଆହତମାନଙ୍କୁ ମେଡ଼ିକାଲ ଆଣିଛି। ଖବର ଲେଖାହେବା ବେଳକୁ ଜଣେ ବ୍ୟକ୍ତି ମେଡିକାଲରେ ପହଞ୍ଚିଛନ୍ତି। କେଉଁ କାରଣରୁ ଏହି ଗଣ୍ଡଗୋଳ ହେଲା ଜଣାପଡ଼ିନାହିଁ। କରୋନା ଯୋଗୁ ଲୋକେ ଘରୁ ବାହାରୁନଥିବାବେଳେ ଏଭଳି ସ୍ଥିତିରେ ବୋମାମାଡ଼ ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି। ଅନ୍ୟଏକ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ଏକ ଦୋକାନୀଙ୍କ ସହ କେତେଜଣ ଯୁବକଙ୍କ ବଚସା ହୋଇଥିଲା। ଯାହାକୁ ନେଇ ଏହି ବୋମାମାଡ ହୋଇଛି। ୨ଟି ବୋମାମାଡ ହୋଇଥିବାବେଳେ ଏଥିରେ ପଇତାଗାଁ ଏବଂ ବନ୍ଧସାହିର ୩ ଯୁବକ ଆହତ ହୋଇଛନ୍ତି।

## ୮ ଜଣଙ୍କୁ ଦିଆଗଲାଣି ପ୍ଲାଜ୍ମା ଥେରାପି

ଛତ୍ରପୁର,୭।୮(ଡି.ଏନ୍.ଏ.)

ଗଞ୍ଜାମର ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ୮ କରୋନା ରୋଗୀଙ୍କୁ ପ୍ଲାଜ୍ମା ଥେରାପି ଦିଆଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସୁଥିବା ଦେଖାଯାଉଛି। ଗଞ୍ଜାମ କୋଭିଡ୍-୧୯ ହସ୍ପିଟାଲ ପକ୍ଷରୁ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଶୁକ୍ରବାର ଟୁଇଟ୍ କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ୍ୟ ଟୁଇଟ୍ କରି କହିଛନ୍ତି, ଶୁକ୍ରବାର ୨ ଜଣଙ୍କୁ ପ୍ଲାଜ୍ମା ଥେରାପି ଦିଆଯାଇଛି। ଏବେ ପ୍ଲାଜ୍ମା ନେଉଥିବା ରୋଗୀଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ସମସ୍ତଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଥିବା ଦେଖାଯାଉଛି ବୋଲି ଜଣାଇଛନ୍ତି।

## କୋଭିଡ୍ ହସ୍ପିଟାଲରେ ଏଏସ୍ଆଇଙ୍କ ମୃତ୍ୟୁ

ଶଙ୍କରାଖୋଲ,୭।୮(ଡି.ଏନ୍.ଏ.)

କନ୍ଧମାଳ ଜିଲା ଟିକାବାଲି ଥାନା ଲାଇନ୍ପଡା ଫାଣ୍ଡି ଏଏସ୍ଆଇ ମହାଜନ ପ୍ରଧାନ(୫୬)ଙ୍କର ଶୁକ୍ରବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଏସ୍ଆଇ ପ୍ରଧାନଙ୍କର ଜୁଲାଇ ୨୮ରେ କରୋନା ରିପୋର୍ଟ ପଜିଟିଭ ଆସିବାପରେ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ୫ ଅଗଷ୍ଟରେ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏଏସ୍ଆଇ ପ୍ରଧାନଙ୍କ ଘର ଜି.ଉଦୟଗିରି ବ୍ଲକ ଝିମାଙ୍ଗିଆ ଗାଁରେ।

## କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି ଆୟୁଷ ଡାକ୍ତର

କାଶୀନଗର,୭।୮(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ରାଜ୍ୟ ଆୟୁଷ ଡାକ୍ତର ସଂଘର ଆହ୍ୱାନକ୍ରମେ ଗଜପତି ଜିଲା କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଆୟୁଷ ଡାକ୍ତରମାନେ ୫ତାରିଖରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ସଂଘର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଆୟୁଷ ଡାକ୍ତରମାନଙ୍କ ଦରମା ମାସିକ ୫୦ହଜାର ଟଙ୍କାକୁ ବୃଦ୍ଧି, ସମାନ କାମକୁ ସମାନ ଦରମା,ଚାକିରି ନିୟମିତ କରିବା ଆଦି ଆଦି ରହିଛି। ଦୀର୍ଘବର୍ଷ ଧରି ଅଳ୍ପ ପାରିଶ୍ରମିକରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଦୁଃଖଦାୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ହୋମ୍ କ୍ୱାରାଣ୍ଟାଇନ ଠାରୁ ଆରମ୍ଭ କରି ଜିଲାସ୍ତରୀୟ କୋଭିଡ୍ ହସ୍ପିଟାଲ ପର୍ଯ୍ୟନ୍ତ ଆୟୁଷ ଡାକ୍ତରମାନଙ୍କୁ ନିୟୋଜିତ କରାଯାଉଛି। ଆଗଧାଡ଼ିରେ କାମ କରୁଥିଲେ ମଧ୍ୟ ସେମାନଙ୍କୁ ଯୋଦ୍ଧାର ମାନ୍ୟତା ନ ମିଳିବା କଷ୍ଟଦାୟକ ବୋଲି ଡାକ୍ତରମାନେ ପ୍ରକାଶ କରିଛନ୍ତି। ସେହିପରି ସମସ୍ତ ପ୍ରକାର ଚିକିତ୍ସାରେ ହୋମିଓପାଥି ଏବଂ ଆୟୁର୍ବେଦିକ ଔଷଧର ବ୍ୟବହାର ପାଇଁ ସେମାନେ ଦାବି କରିଛନ୍ତି। ଉକ୍ତ ଦାବିଗୁଡ଼ିକ ପ୍ରତି ଦୃଷ୍ଟିଦେବା ପାଇଁ ଡା. ହିମାଂଶୁ ଶେଖର ପାଢ଼ି, ଏମ୍. ଅନ୍ନପୂର୍ଣ୍ଣା, ନିବେଦିତା ଦୋରା ପ୍ରମୁଖ ଦାବି କରିଛନ୍ତି।

## କଳାବ୍ୟାଜ୍ ପିନ୍ଧିଲେ ଆୟୁଷ ଡାକ୍ତର

ରାଇକିଆ/କ.ନୂଆଗାଁ,୭।୮(ଡି.ଏନ୍.ଏ.)

ରାଇକିଆ, କ.ନୂଆଗାଁ, ସାରଙ୍ଗଗଡ ଓ କେଲେମାହା ମେଡିକାଲର ଆୟୁଷ ଡାକ୍ତରମାନେ ରାଜ୍ୟ ଆୟୁଷ ଡାକ୍ତର ସଂଘର ଆହ୍ୱାନ କ୍ରମେ କଳାବ୍ୟାଜ ପିନ୍ଧି କାମ କରୁଛନ୍ତି। ଆୟୁଷ ଡାକ୍ତରଙ୍କୁ କରୋନା ଯୋଦ୍ଧା ଘୋଷଣା, କୋଭିଡ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସମସ୍ତ ସୁବିଧା ଯୋଗାଇ ଦେବା, ଆୟୁଷ ଡାକ୍ତରଙ୍କୁ ନିୟମିତ କରିବା, ଜିଲା ଓ ରାଜ୍ୟ ସ୍ତରୀୟ ତାଲିମ ପ୍ରଦାନ, ଚାକିରି ସ୍ଥାୟୀ ସହ ପାରିଶ୍ରମିକ ବୃଦ୍ଧି ପ୍ରମୁଖ ଦାବି ରହିଛି। ଜିଲା ଆୟୁଷ ଡାକ୍ତର ସଂଘ ସଭାପତି ଡା. ସ୍ନେହାଶିଷ ଗିରି, ସମ୍ପାଦକ ଡା. ମାନସ ରଞ୍ଜନ ସାହୁ, ଉପଦେଷ୍ଟା ଡା. କୁମୁଦ କୁମାର ମେହେର ପ୍ରମୁଖ କଳାବ୍ୟାଜ ପିନ୍ଧି କାମ କରୁଛନ୍ତି।


କ.ନୂଆଗାଁରେଆୟୁଷ ଡାକ୍ତର କଳାବ୍ୟାଜ ପରିଧାନ କରିଛନ୍ତି।

## କୃଷି ଯନ୍ତ୍ରପାତିର ଅନ୍ଲାଇନ ପ୍ରଦର୍ଶନ

ଆର୍.ଉଦୟଗିରି,୭।୮(ଡି.ଏନ୍.ଏ.)

କୃଷି ବିଜ୍ଞାନ କେନ୍ଦ୍ର ଗଜପତି ଏବଂ ଏଆଇସିଆର୍ପିୟୁଏଇ, ଓୟୁଏଟିର ମିଳିତ ପ୍ରୟାସରେ ମାଣ୍ଡିଆ ଓ ସୁଆଁ ଜାତୀୟ ଫସଲ ପାଇଁ ବିକଶିତ ହୋଇଥିବା କୃଷି ଯନ୍ତ୍ରପାତିଗୁଡ଼ିକର ବ୍ୟବହାର ନେଇ ଭିଡ଼ିଓ କନ୍ଫରେନ୍ସିଂ ମାଧ୍ୟମରେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଆଇସିଆର୍ପିୟୁଏଇ, ଓୟୁଏଟିର ଗବେଷଣା ମୁଖ୍ୟ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓୟୁଏଟି ନିର୍ମିତ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ଗୁଡ଼ିକୁ ଅନ୍ଲାଇନ୍ରେ ପ୍ରଦର୍ଶନ କରିଥିଲେ। ଡିଷ୍ଟ୍ରିକ୍ଟ ମିଲେଟ୍ ମିଶନ ମୁଖ୍ୟ ସ୍ୱରୂପା ନନ୍ଦ ଏବଂ ଅନ୍ୟାନ୍ୟ ଏନ୍ଜିଓ ଯୋଗ ଦେଇଥିଲେ। କାଯ୍ୟକ୍ରମକୁ ଇଂ. ଦ୍ୱାରିକା ମୋହନ ଦାସ ପରିଚାଳନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼. ସଂଗ୍ରାମ ପରମଗୁରୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜପତି ଜିଲାରେ ୫ ଓଏଏସ୍, ୫ ଓଆର୍ଏସ ଅଧିକାରୀ ନିଯୁକ୍ତ

**କୋଭିଡ୍ ପରିଚାଳନା**

ପାରଳାଖେମୁଣ୍ଡି,୭।୮(ସ୍ୱ.ପ୍ର.)

ଗଜପତି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୮୬୮ରେ ପହଞ୍ଚିଛି। ଜିଲା ଏବେ ରାଜ୍ୟ ସରକାରଙ୍କ ଫୋକସ୍ରେ ରହିଛି। କରୋନା ସ୍ଥିତିର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ୫ ଓଏଏସ୍(ଓଡ଼ିଶା ପ୍ରଶାସନିକ ସେବା)ଏବଂ ୫ ଓଆର୍ଏସ୍(ଓଡ଼ିଶା ରାଜସ୍ୱ ସେବା)ଅଧିକାରୀ କାର୍ଯ୍ୟରେ ଯୋଗଦେଇଛନ୍ତି। ନୂତନଭାବେ ଯୋଗଦେଇଥିବା ଅଧିକାରୀଙ୍କ ମଧ୍ୟରୁ ସାରଦା ପ୍ରସନ୍ନ ପଣ୍ଡା ଓ ଦେବାଶିଷ ପାତ୍ରଙ୍କୁ ମୋହନା ପଞ୍ଚାୟତ ସମିତି ଦାୟିତ୍ୱ ଦିଆଯାଇଛି। ସେହିପରି ରାଜା ରଞ୍ଜିତ ପ୍ରତାପ ବଳ ଓ ସ୍ୱାଗତ କୁମାର ପଣ୍ଡାଙ୍କୁ ଆର୍.ଉଦୟଗିରି, ଶୁଭସ୍ମିତା ସେଠୀଙ୍କୁ ପାରଳାଖେମୁଣ୍ଡି ପୌରାଞ୍ଚଳ, ଭବାନୀ ପ୍ରଧାନଙ୍କୁ କାଶୀନଗର, ତପସ୍ୱିନୀ ହାଁସଦାଙ୍କୁ ଗୋଷାଣୀ, ବିଶ୍ରୁତ ତ୍ରିପାଠୀଙ୍କୁ ରାୟଗଡ଼, କୁଳଦୀପ କୁମାରଙ୍କୁ ନୂଆଗଡ଼ ଏବଂ ରାକେଶ କୁମାର ପରୁଆଙ୍କୁ ଗୁମ୍ମା ବ୍ଲକ୍ ଦାୟିତ୍ୱ ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଏବଂ ପାରଳାଖେମୁଣ୍ଡି ପୌରନିର୍ବାହୀ ଅଧିକାରୀ ଉକ୍ତ ଅଧିକାରୀମାନଙ୍କୁ କୋଭିଡ୍ ପରିଚାଳନା କାର୍ଯ୍ୟରେ ସହଯୋଗ କରିବେ ବୋଲି ଜଣାପଡ଼ିଛି।

## ବାଲି, ଇଟା ଚୋରା ଚାଲାଣ: ୭ ଗିରଫ

ଛତ୍ରପୁର,୭।୮(ଡି.ଏନ.ଏ.)

ବାଲି ଓ ଇଟା ଚୋରାଚାଲାଣ ୭ ଗାଡିକୁ ଛତ୍ରପୁର ପୋଲିସ ଜବତ କରି ୭ ଚାଳକଙ୍କୁ ଗିରଫ କରିଛି। ସେମାନେ ହେଲେ ଫକିର ନାୟକ, ବିଦ୍ୟାଧର ଦାସ, ହୀନ ଦାସ, ରାଜେନ୍ଦ୍ର ପଲାଇ, ମାୟା ସେଠୀ, ଶୟନ ଦାସ ଓ ଯାଦବ ନାୟକ। ବାଲି ଓ ଇଟା ଚାଲାଣ କରୁଥିବା ୨ଟି ଟିପ୍ପର ଓ ୫ଟି ଟ୍ରାକ୍ଟର ଜବତ ହୋଇଛି।

ରଷିକୁଲ୍ୟା ନଦୀପଠାରେ ପାଣି ଜମି ରହିଥିବାରୁ ବାଲିର୍ୟାମ୍ପ ବନ୍ଦ ରହିଛି। କିଛିଦିନ ହେଲା ଭୋରରେ ବଡମାଧପୁର ଓ ବରଙ୍ଗ ନିକଟ ଅଞ୍ଚଳରୁ ବାଲି ଚାଲାଣ ହେଉଥିଲା। ବାଲି ଓ ଇଟାକୁ ଦୁଇଗୁଣ ଅଧିକ ଦରରେ ବିକ୍ରି କରାଯାଉଥିବା ପୋଲିସକୁ ଖବର ମିଳିଥିଲା। ଛତ୍ରପୁର ଏସଡିପିଓ ଗୌତମ କିଶାନ ଓ ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଉକ୍ତ ରାସ୍ତାରେ ନଜର ରଖିଥିଲେ। ଭୋରରେ ବାଲି ଓ ଇଟା ଚାଲାଣ କରୁଥିବା ୭ ଗାଡିକୁ ଅଟକାଇ ଯାଞ୍ଚ କରିବାରେ କୌଣସି କାଗଜପତ୍ର ନ ଥିବା ଜଣାପଡିଥିଲା। ଏ ନେଇ ୨ଟି ମାମଲା (ନଂ.୨୨୮ ଓ ୨୨୯/୨୦) ରୁଜୁ କରାଯାଇ ତଦନ୍ତ ଚାଲିଛି।

## କବାଡ଼ି ଖେଳ ଫଟୋ ଭାଇରାଲ, ୧୬ ଜଣଙ୍କ ନାଁରେ ମାମଲା

ଦିଗପହଣ୍ଡି,୭।୮(ଡି.ଏନ.ଏ.)

ଦିଗପହଣ୍ଡି ଟାଉନ୍ ରୋଡ ଜନତାଲେନ-ଆଠଗଡ଼ିଆ ସାହି ଛକରେ କୋଭିଡ୍ ନିୟମ ଉଲ୍ଲଂଘନ କରି କବାଡି ଖେଳିଥିବା ୧୬ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ପୋଲିସ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଏତଲାକ୍ରମେ ଥାନାରେ ନଂ.୧୬୬/୨୦ ଦଫା-୧୮୮/୨୬୯/୨୭୦ ଆଇପିସି ସମେତ ମହାମାରୀ ରୋଗ ନିୟନ୍ତ୍ରଣ ଆଇନର ଧାରା-୩ ଅନୁଯାୟୀ ଅଭିଯୁକ୍ତମାନଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି। ସୋମବାର ରାତିପ୍ରାୟ ୧୦ଟାରେ ଆଠଗଡ଼ିଆ ସାହିଛକରେ ନିୟମ ଉଲ୍ଲଂଘନ କରି କବାଡ଼ି ଖେଳ ଚାଲିଥିଲା। କେହି ଜଣେ ଏହାର ଫଟୋ ଓ ଭିଡ଼ିଓ ଉତ୍ତୋଳନ କରି ଗଞ୍ଜାମ ଜିଲାପାଳଙ୍କୁ ପଠାଇଥିଲେ। ତହସିଲଦାର ସ୍ୱାଇଁ, ଦିଗପହଣ୍ଡି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସହ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ପରେ ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ଏତଲା ଦିଆଯାଇଥିଲା।

## ଗୁଟ୍ଖା କାରଖାନାରେ ଚଢ଼ାଉ, ମାଲିକ ଅଟକ

ବ୍ରହ୍ମପୁର ଅଫିସ,୭।୮

ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ବେଆଇନ ଭାବେ ନକଲି ହରିଡାଖଣ୍ଡି ଗୁଟ୍ଖା ପ୍ରସ୍ତୁତ କରାଯାଉଥିବା ଏକ କାରଖାନା ଉପରେ ପୋଲିସ ଶୁକ୍ରବାର ଚଢାଉ କରିଛି। ସେଠାରୁ ୫ବସ୍ତା କଞ୍ଚାମାଲ, ୪ବସ୍ତା ନକଲି ହରିଡାଖଣ୍ଡି ଗୁଟ୍ଖା, ୨ଟି ପ୍ୟାକିଂ ମେସିନ, ୨ବସ୍ତା ପ୍ଲାଷ୍ଟିକ ଜରି ଜବତ କରାଯାଇଛି। କାରଖାନା ମାଲିକଙ୍କୁ ପୋଲିସ କାବୁ କରିଛି। ଏ ନେଇ ନଂ.୧୫୮/ ୨୦ରେ ମାମଲା ରୁଜୁ କରାଯାଇ ପଚରାଉଚୁରା ଚାଲିଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

## ସୁନା,ରୁପା ଅଳଙ୍କାର ସହ ଟଙ୍କା ଚୋରି


ପୋଲିସ ଅଭିଯୁକ୍ତମାନଙ୍କ ବିଷୟରେ ସୂଚନା ଦେଉଛି।

**୪ ଅଭିଯୁକ୍ତ ଗିରଫ**

ପାରଳାଖେମୁଣ୍ଡି, ୭।୮ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ଚାରିମାଇଲ ଛକସ୍ଥିତ ଏକ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଘରେ କେହି ନ ଥିବା ସୁଯୋଗ ନେଇ ଗତ ୫ଦିନ ତଳେ ରାତିରେ କେତେଜଣ ଦୁର୍ବୃତ୍ତ ଘର କବାଟ ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଛନ୍ତି। ଏବେ ଘଟଣାରେ ସମ୍ପୃକ୍ତ ଥିବା ଚୋରମାନେ ଧରାପଡିଛନ୍ତି। ଖବରରୁ ଜଣାପଡ଼ିଛି ନୀଳକଣ୍ଠପୁର ବାସିନ୍ଦା କେ. ସୁଦର୍ଶନ ରାଓ ଚିକିତ୍ସା ପାଇଁ ଜୁଲାଇ ୨୭ରେ ଆନ୍ଧ୍ରର ବିଶାଖାପାଟଣା ଯାଇଥିଲେ। ସେଠାରୁ ଫେରିବା ପରେ ଘର କବାଟ ଓ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଜାଣିଥିଲେ। ଏ ସଂକ୍ରାନ୍ତରେ ସେ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୭୪/୨୦ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏଥିରେ ସମ୍ପୃକ୍ତ ୪ ଜଣ ଚୋରଙ୍କୁ ଗିରଫକରି ସମସ୍ତ ଚୋରି ଜିନିଷ ଉଦ୍ଧାର କରିଛି। ୨୦ ହଜାର ଟଙ୍କା, ୩ଟି ସୁନାଚେନ୍, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ସୁନା ପ୍ଲେଟ୍, ୨ଟି ମୁଦି, ୩ଟି ନାକଫୁଲ ପୋଲିସ ଜବତ ହୋଇଛି।

## କୋଭିଡ୍ ଶ୍ମଶାନକୁ ନେଇ ଗ୍ରୀନ୍ବାଡିରେ ଉତ୍ତେଜନା

ଦାରିଙ୍ଗବାଡି,୭।୮(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ପଞ୍ଚାୟତ କୁମେଙ୍ଗି ପଡ୍ରା ଜଙ୍ଗଲକୁ କୋଭିଡ୍ ଶ୍ମଶାନ ଭାବେ ସ୍ଥାନୀୟ ପ୍ରଶାସନ ବ୍ୟବହାର କରିବା ନେଇ ଉତ୍ତେଜନା ଦେଖାଯାଇଛି। ଶତାଧିକ ଅଞ୍ଚଳବାସୀ ଶୁକ୍ରବାର ଏହାର ପ୍ରତିବାଦ କରିଥିଲେ। ଦାରିଙ୍ଗବାଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଘଟଣାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଆଗାମୀ ଦିନରେ ଏଠାରେ ମୃତଦେହ ସଂସ୍କାର କରିବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ରୋକ୍ଠୋକ୍ ଶୁଣାଇଛନ୍ତି।

ପ୍ରକାଶ ଯେ, ବଜାର ସାହିର ଜଣେ ବ୍ୟବସାୟୀଙ୍କର ଗୁରୁବାର ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାର ନୀତିଶ କୁମାର ତ୍ରିପାଠୀ, ଥାନା ଅଧିକାରୀ କୌଶିକ ମାଝୀ ପ୍ରମୁଖ ଜିଲାପ୍ରଶାସନର ନିର୍ଦ୍ଦେଶକ୍ରମେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ନକରି ପ୍ରଶାସନର ଉଦ୍ୟମରେ ସଂସ୍କାର କରିଥିଲେ। ଗତ ଏପ୍ରିଲ ୧୩ରେ କୋଭିଡ୍ ପାଇଁ ସ୍ୱତନ୍ତ୍ର ଶ୍ମଶାନ ଚିହ୍ନଟ କରାଯାଇଥିବା ଗ୍ରୀନବାଡି ପଞ୍ଚାୟତର କୁଡୁବାଡି ନିକଟସ୍ଥ ଜଙ୍ଗଲରେ ଗୁରୁବାର ବିଳମ୍ବିତ ରାତିରେ ମୃତଦେହ ଦାହ କରାଯାଇଥିଲା। ସକାଳୁ ସ୍ଥାନୀୟ ଲୋକ ଉକ୍ତ ରାସ୍ତା ଦେଇ ଯିବାବେଳେ ଦରପୋଡା ମୃତଦେହ ଦେଖିଥିଲେ। ଏହା ପ୍ରଘଟ ହେବା ପରେ ଅଞ୍ଚଳବାସୀ ପହଞ୍ଚି ଏଠାରେ ବାହାର ଗ୍ରାମର ମୃତଦେହ ଦାହ କରିବାକୁ ଦିଆଯିବ ନାହିଁ ବୋଲି କହି ହୋହଲ୍ଲା କରିଥିଲେ। ଦାରିଙ୍ଗବାଡି ଆଇଆଇସି କୌଶିକ ମାଝୀ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଦରପୋଡା ମୃତଦେହ ପୁଣି ଥରେ ପୋଡିବା ବ୍ୟବସ୍ଥା କରିଥିଲେ।


ମଶାଣିରେ ପୋଡାଯାଇଥିବା ମୃତଦେହ।

**ଆମେରିକାରେ ଟିକ୍‌ଟକ୍, ୱିଚାଟ୍‌କୁ ଝଟକା**

ଟିକ୍‌ଟିକ୍ ଏବଂ ୱିଚାଟ୍ ଭଳି ଚାଇନା ମୋବାଇଲ ଆପ୍ଲିକେଶନଗୁଡ଼ିକୁ ଆମେରିକାରେ ଝଟକା ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାର ଏହି ଆପ୍‌ଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବା ଲାଗି ଏକଜିକ୍ୟୁଟିଭ ଅର୍ଡରରେ ଶୁକ୍ରବାର ମୋହର ଲଗାଇଛନ୍ତି। ଫଳରେ ଏହି କମ୍ପାନୀଗୁଡ଼ିକର ମାଲିକମାନେ ଆମେରିକା କମ୍ପାନୀଗୁଡ଼ିକ ସହ କୌଣସି ଟ୍ରାଞ୍ଜାକ୍‌ଶନ କରିପାରିବେ ନାହିଁ। ଅପରପକ୍ଷରେ ୪୫ ଦିନ ମଧ୍ୟରେ ନୂଆ ଅର୍ଡରକୁ କାର୍ଯ୍ୟକାରୀ କରାଇବା ଲାଗି ଟ୍ରମ୍ପ ନିର୍ଦ୍ଦେଶରେ କହିଛନ୍ତି।

# କିଆର ନୂଆ ଏସ୍‌ୟୁଭି ସୋନେଟ୍



**ନୂଆଦିଲ୍ଲୀ,୭।୮:** କିଆ ମୋଟର୍ସ କର୍ପୋରେଶନ ପକ୍ଷରୁ ନୂଆ କମ୍ପାକ୍ଟ ଏସ୍‌ୟୁଭି କିଆ ସୋନେଟ୍‌କୁ ଉନ୍ମୋଚନ କରାଯାଇଛି। ନୂଆ ମଡେଲଟିକୁ କମ୍ପାନୀର ଆନ୍ଧ୍ର ପ୍ରଦେଶସ୍ଥିତ ଅନନ୍ତପୁରଠାରେ ଥିବା ଷ୍ଟେଟ୍ ଅଫ୍ ଆର୍ଟ ଫାସିଲିଟିରେ ପ୍ରସ୍ତୁତ କରାଯାଇଛି। ସଦ୍ୟତମ ମେଡ୍ ଇନ୍ ଇଣ୍ଡିଆ ଗ୍ଲୋବାଲ ପ୍ରଡକ୍ଟ ଭାବେ ଏହା ବଜାରକୁ ଆସିଛି। ଏହି ମଡେଲଟିର ବିକ୍ରି ଶୀଘ୍ର ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାହକଙ୍କୁ ବିଶ୍ୱ ସ୍ତରୀୟ ଗୁଣବତ୍ତା ଏବଂ ଡିଜାଇନ ପ୍ରଦାନ କ୍ଷେତ୍ରରେ ସର୍ବଦା କାର୍ଯ୍ୟ କରୁଥିବା ନୂଆ ଯାନକୁ ବଜାର ପ୍ରବେଶ କରାଇ କିଆ ମୋଟର୍ସ ଇଣ୍ଡିଆର ସିଇଓ କୋକହ୍ୟୁନ ସିମ୍ ସୂଚନା ଦେଇଛନ୍ତି। ନୂଆ ମଡେଲଟିରେ ଗ୍ରାହକମାନେ ସର୍ବୋତ୍ତମ ଅଭିଜ୍ଞତା, ଟେକ୍ନୋଲୋଜି ଏବଂ ଫିଚର ଲାଭ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ନୂଆ ଯାନର ପ୍ରମୁଖ ବୈଶିଷ୍ଟ୍ୟ

- ଫାଷ୍ଟ ଇନ୍ କ୍ଲାସ୍ ଡିଜେଲ ସ୍ପିଡ୍ ଅଟୋମେଟିକ
- ୱାଇଡ ଚଏସ୍ ପ୍ଲାୱାର ଟ୍ରେନ
- ଇଣ୍ଟେଲିଜେଣ୍ଟ ମାନୁଆଲ ଟ୍ରାନ୍ସମିଶନ, ୫ ଟ୍ରାନ୍ସମିଶନ ବିକଳ୍ପ
- ୩୦ରୁ ଉର୍ଦ୍ଧ୍ୱ ସେଗ୍‌ମେଣ୍ଟ ବେଷ୍ଟ ଫିଚର
- ୫୭ ୟୁଭିଓ କନେକ୍ଟ ଫିଚର
- ୨ ଗ୍ୟାସୋଲିନ ଇଞ୍ଜିନ ବିକଳ୍ପ
- ୧.୫ ଲିଟର ଡିଜେଲ ଇଞ୍ଜିନ, ୬ ସ୍ପିଡ୍ ଅଟୋମେଟିକ ଟ୍ରାନ୍ସମିଶନ
- ୬ ଏୟାର ବ୍ୟାଗ୍, ଫ୍ରଣ୍ଟ ଏବଂ ରିୟର ପାର୍କିଂ ସେନ୍‌ସର, ଅଟୋ ହେଡ୍ ଲ୍ୟାମ୍ପ

# ଓଏମ୍‌ସିର ୩ ନୂଆ କୋଭିଡ୍ କେୟାର ହୋମ୍

**ଭୁବନେଶ୍ୱର,୭।୮:** ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି) ପକ୍ଷରୁ ୩ ନୂଆ କୋଭିଡ୍ କେୟାର ହୋମ୍ ସ୍ଥାପନ କରାଯାଇଛି। କୋଇରା ଅଞ୍ଚଳର କୁରମିତର, ବଡବିଲର ସେରେମଡା ଏବଂ ବାଙ୍ଗର ଅଞ୍ଚଳରେ ଏହି କେୟାର ହେମ୍‌ଗୁଡ଼ିକ ଖୋଲିଥିବା ଓଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୪ଟି ସ୍ଥାନରେ ଏଭଳି ହୋମ୍ ସ୍ଥାପନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ ସ୍ଥାନକୁ ଏଥିରେ ଯୋଡାଯାଇଛି। ପ୍ରତି କେନ୍ଦ୍ରରେ ୧୦ବେଡ୍‌ର ଆଇସୋଲେଶନ ଫାସିଲିଟି ରହିଛି। କୋଭିଡ୍ ସନ୍ଦିଗ୍ଧ ଏବଂ ସଂକ୍ରମିତ ବ୍ୟକ୍ତ ବିଶେଷ ଏଠାରେ ରହି ଚିକିତ୍ସିତ ହୋଇପାରିବେ। ଓଏମ୍‌ସି କର୍ମଚାରୀଙ୍କ ଲାଗି ସ୍ୱତନ୍ତ୍ର ଭାବେ ଏଠାରେ ହୋମ୍ ଆଇସୋଲେଶନ ସୁବିଧା କରାଯାଇଛି। ପୂର୍ବରୁ ସ୍ଥାପନ ହୋଇଥିବା କେନ୍ଦ୍ରଗୁଡ଼ିକରେ ୨୦ ବେଡ୍‌ର ସୁବିଧା ରହିଛି। ଏଗୁଡ଼ିକ ଭୁବନେଶ୍ୱର ଦକ୍ଷିଣ କାଳିଆପାଣି, ଗନ୍ଧମାର୍ଦନ ଏବଂ ଦଇତାରିରେ ରହିଛି।



# ସି.ଭି.ରମଣ ଛାତ୍ରୀଛାତ୍ରଙ୍କ ସଫଳତା




**ଭୁବନେଶ୍ୱର, ୭।୮:** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଏଆଇସିଟିଇ ପକ୍ଷରୁ ଆୟୋଜିତ 'ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୦'ରେ ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାର (ସଫ୍ଟୱେର ଏଡିସନ)ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଟିମ୍ ନେକ୍ସାସ ଏବଂ ଟିମ୍ ବ୍ରାନିଆକ୍ସ-୧.୦ ଏଥିରେ ପ୍ରଥମ ସ୍ଥାନରେ ରହି ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଜିତିଛନ୍ତି। କମ୍ପ୍ୟୁଟର ସାଇନ୍ସ ବିଭାଗର ସୌରଭ ମିଶ୍ର (ଟିମ୍ ଲିଡର) ସତ୍ୟବ୍ରତ ପାଲ, ଶୀର୍ଷା ଅଗ୍ରୱାଲ, ଅଭିଲାଷା ପଣ୍ଡା, ଅଭିଷେକ ଦାସ, ବିନିତ କୁମାର ଟିମ୍ ନେକ୍ସାସରେ ଥିବା ବେଳେ ଟିମ୍ ବ୍ରାନିଆକ୍ସ-୧.୦ରେ ଇଲେକ୍ଟ୍ରୋନିକସ ବିଭାଗର ଶିକ୍ଷା କୁମାରୀ ପାଠକ (ଟିମ୍ ଲିଡର) ତାନ୍ୟା ଘୋଷ,ଗାୟତ୍ରୀ ଜେନା, ଆକାଶ ମିଶ୍ର, ପ୍ରତ୍ୟୁଷ ପାଣି ଏବଂ ଇଲେକ୍ଟ୍ରିକାଲ ବିଭାଗର ଶାନ୍ତନୁ ଭୃଗୁବଂଶୀ ରହିଥିଲେ। ଫାଇନାଲ ରାଉଣ୍ଡରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୦୮୧ଟି ଟିମ୍ ଭାଗ ନେଇଥିଲେ। ଏହି ସଫଳତା ଲାଗି ବିଶ୍ୱବିଦ୍ୟାଳୟର ସଭାପତି ସଞ୍ଜୀବ କୁମାର ରାଉତ, ଆକ୍ଟିଙ୍ଗ ଭାଇସ୍ ଚାନ୍ସେଲର ପ୍ରଫେସର ଭାବେଶ ଭଟ୍ଟାଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଛନ୍ତି। ଉଭୟ ଟିମ୍‌ର ପ୍ରଶିକ୍ଷକ ସୁରେନ୍ଦ୍ର କୁମାର ନନ୍ଦ ଏବଂ ତୁଷାରକାନ୍ତି ଦାସଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES**
**ODISHA, BHUBANESWAR**

No.A-187:- **'e' Procurement Notice No. CELMB 01 of 2020-21**

1. Name of the work : Protection to scoured bank of KSD Right Embankment from RD 7.20 Km. to 8.35 Km. (Working RD 7.650 Km. to RD 8.670 Km.).
2. Amount put to tender : Rs.10,10,45,928.00
3. Bid document cost : Rs.10,000.00 (online)
4. E.M.D. : Rs.10,10,500.00 (online)
5. Class of contractor : Special class & super class
6. Period of completion : 18 calendar months (548 days)
7. Other details are as follows :

| Procurement Officer | Bid identification No. | Availability of tender online for bidding | | Date of opening of technical bid (Cover-I) |
|---|---|---|---|---|
| | | From | To | |
| Chief Engineer, FC & Basin Manager, LMB, Bhubaneswar | CELMB PRD 01 OF 2020-21 | 12.08.2020 10.00 hrs. | 27.08.2020 17.00 hrs. | 28.08.2020 11.00 hrs. |

8. e-mail Id : celmbbbsr@yahoo.co.in
Further detail conditions can be seen from the Govt. website www.tendersorissa.gov.in

**Sd./- Chief Engineer, FC & Basin Manager**
**Lower Mahanadi Basin**
OIPR-32252/11/0001/2021

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NOTICE INVITING TENDER NO. 08/OMC/C/CT/2020**

**No. CAD-332:-** Tender from the registered Electrical contractors are invited having valid HT/MV license issued by ELBO, Registration of PF, PAN and GST for the below noted work.

| Sl. No. | Name of the works | Estimated cost (in lakhs) | Time period of the work | Class of contractor | E.MD. in D.D. (In Rs.) | Cost o f bid document (Rs.) |
|---|---|---|---|---|---|---|
| 1 | POWER SUPPLY TO SURFACE RUNOFF PUMP HOUSE NEAR KOIPOSI OF SOUTH KALIAPANI MINES IN THE DISTRICT OF JAJPUR. | 4.89 | One month | Having HT/ MV license issued by ELBO. | 4890.00 | 2000.00 + 18.00% GST |
| 2 | INSTALLATION OF TWO NOS. OF 30HP PUMP FOR DEWATERING OF SURFACE RUNOFF NEAR KOIPOSI OF SOUTH-KALIAPANI MINES IN THE DISTRICT OF JAJPUR. | 4.94 | One month | Having HT/ MV license issued by ELBO | 4940.00 | 2000.00 + 18.00% GST |

01. Date & time of selling of bids: - From Dt. 11.08.2020 to Dt. 20.08.2020 up to 3.00 P.M.
02. Last date and time of submission of bids at allocated Tender Box: - Dt. 20.08.2020 up to 5.00PM.
03. Date & time of opening of bid: - Dt. 21.08.2020 at 11.00 AM.
04. For the details you may refer D.T.C.N.
05. Tender inviting authority: Sr. Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

**Sd./- Sr.Manager (Civil), Kaliapani**
OIPR- 30005/11/0056/2021

## ଖେଳ ଖବର

# ଇଂଲଣ୍ଡ ୨୧୯ରେ ସୀମିତ



ଉଇକେଟ ନେବା ପରେ ୟାସିର ଶାହା।

**ମାଞ୍ଚେଷ୍ଟର, ୭।୮:** ପାକିସ୍ତାନ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସକୁ ୨୧୯ ରନରେ ସୀମିତ ରଖିଛନ୍ତି। କେବଳ ଓଲି ପୋପ୍ ଅର୍ଦ୍ଧଶତକ ହାସଲ କରିଥିବାବେଳେ ଅନ୍ୟ କୌଣସି ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ପାକିସ୍ତାନ ପ୍ରଥମ ଇନିଂସରେ ୩୨୬ ରନ କରିଥିଲା। ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୧୦୭ ରନରେ ପଛୁଆ ରହିଛି। ପାକିସ୍ତାନ ଦ୍ୱିତୀୟ ଇନିଂସ ଆରମ୍ଭ କରି ଖବର ମିଳିବା ବେଳକୁ ଶୁକ୍ରବାର ତୃତୀୟ ଦିବସରେ ୪ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଛି। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଶାନ ମାସୁଦ ଖାତା ଖୋଲିପାରି ନ ଥିବାବେଳେ ଅନ୍ୟତମ ଓପନର ଆବିଦ ଅଲୀ ୨୦, ବାବର ଆଜମ ୫ ଓ ଅଧିନାୟକ ଆଝାର ଅଲୀ ୧୮ ରନ କରି ଆଉଟ ହୋଇଛନ୍ତି। ଇଂଲଣ୍ଡର କ୍ରିସ୍ ୱୋକ୍ସ ୨ଟି ଏବଂ ଷ୍ଟୁଆର୍ଟ ବ୍ରଡ୍ ଓ ଡୋମିନିକ୍ ବେସ୍ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୯୨/୪ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଓଲି ପୋପ୍ ଅର୍ଦ୍ଧଶତକ ହାସଲ କରିବା ସହ ୫ମ ଉଇକେଟରେ ଉଇକେଟ କିପର ଜୋସ୍ ବଟଲରଙ୍କ ସହ ୬୫ ରନର ଭାଗୀଦାରି ଗଢ଼ିବାପରେ ଆଉଟ ହୋଇଥିଲେ। ସେ ୧୧୭ ବଲ୍‌ରୁ ୮ ଚୌକା ସହାୟତାରେ ୬୨ ରନ କରିଥିବାବେଳେ ନସିମ ଶାହାଙ୍କ ବଲ୍‌ରେ ଶାଦବ ଖାଁଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଲେଗ୍ ସ୍ପିନର ୟାସିର ଶାହ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ପୂର୍ବଦିନ ଅଧିନାୟକ ଜୋ ରୁଟ୍‌ଙ୍କୁ ପ୍ୟାଭିଲିୟନ ରାସ୍ତା ଦେଖାଇଥିବା ୟାସିର ଶୁକ୍ରବାର ବଟଲର, କ୍ରିସ୍ ୱୋକ୍ସ ଓ ଡୋମିନିକ୍ ବେସ୍‌ଙ୍କ ଉଇକେଟ ନେଇ ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଭଲ ଆରମ୍ଭ କରିଥିବା ବଟଲର ୧୦୮ ବଲ୍‌ରୁ ୩୮ ରନ କରିବାବେଳେ ୟାସିରଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ସେହିପରି ୱୋକ୍ସ ୪୮ ବଲ୍‌ରୁ ୧୯ ରନ କରିଥିବାବେଳେ ସମଦଶା ଭୋଗିଥିଲେ। ବେସ୍ ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷ ଭାଗରେ ଷ୍ଟୁଆର୍ଟ ବ୍ରଡ୍ ସାହସର ସହିତ ପାକିସ୍ତାନ ବୋଲରଙ୍କୁ ମୁକାବିଲା କରିଥିବାବେଳେ ଜୋଫ୍ରା ଆର୍ଚର ୧୬ ଓ ଜେମ୍ସ ଆଣ୍ଡରସନ ୭ ରନ କରି ଅଲରାଉଣ୍ଡର ଶାଦବ ଖାଁଙ୍କ ଲେଗ୍ ବ୍ରେକ୍‌ରେ ଚକ୍‌ମା ଖାଇ ଯାଇଥିଲେ। ଫଳରେ ଇଂଲଣ୍ଡ ୭୦.୩ ଓଭରରେ ୨୧୯ ରନକରି ଅଲଆଉଟ ହୋଇ ଯାଇଥିଲା। ବ୍ରଡ୍ ୨୫ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୨୯ ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ୟାସିର ଶାହା ୪ଟି, ମହମ୍ମଦ ଆବାସ ଓ ଶାଦବ ଖାଁ ୨ଟି ଲେଖାଏ ଏବଂ ଶାହିନ ଆଫ୍ରିଦୀ ଓ ନଇମ ଶାହା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ପାକିସ୍ତାନ ପ୍ରଥମ ଇନିଂସ:** ୩୨୬। **ଇଂଲଣ୍ଡ ପ୍ରଥମ ଇନିଂସ:** ୨୧୯/ଅଲଆଉଟ(ପୋପ୍-୬୨, ବଟଲର-୩୮, ବ୍ରଡ୍-୨୯*, ୟାସିର-୪/୬୬, ଶାଦବ-୨/୧୩, ଆବାସ-୨/୩୩, ଶାହିନ-୧/୫୧, ନଇମ-୧/୪୪)।

# କବିତାଙ୍କୁ ରୌପ୍ୟ, ଆକାଂକ୍ଷାଙ୍କୁ ବ୍ରୋଞ୍ଜ

**ଅନ୍ତର୍ଜାତୀୟ ଅନ୍‌ଲାଇନ୍ ଟାଏକୋଣ୍ଡୋ**

**କଟକ ଅଫିସ,୭।୮:** ପଶ୍ଚିମବଙ୍ଗର ସିଲିଗୁଡ଼ିସ୍ଥିତ ଚଙ୍ଗମୁକ୍‌ୱାନ୍ ଟାଏକୋଣ୍ଡୋ ଏକାଡେମୀ ଅଫ ଇଣ୍ଡିଆ ପକ୍ଷରୁ ଅନ୍ତର୍ଜାତୀୟ ଅନ୍‌ଲାଇନ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ସିନିୟର ବର୍ଗରେ କଟକର କବିତା ଜେନା ଓ ଆକାଂକ୍ଷା ଜୟସ୍ୱାଲ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତ ସମେତ ୨୩ଟି ଦେଶର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଆୟୋଜକ ଅନୁଷ୍ଠାନର ମୁଖ୍ୟ ଡ. ପିନାକୀ ନାରାୟଣ ମୋଇତ୍ରାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଟକର ଡିଡି ଏକାଡେମୀ ଅଫ୍ ମାର୍ଶାଲ ଆର୍ଟ ପକ୍ଷରୁ ୬ ଜଣ ପ୍ରତିଯୋଗୀ ପ୍ରଶିକ୍ଷକ ଦେବାଶିଷ ଦତ୍ତଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ। ପ୍ରତିଯୋଗୀମାନେ ହେଲେ କବିତା ଜେନା, ଆକାଂକ୍ଷା ଜୟସ୍ୱାଲ, ସିଦ୍ଧି ଶର୍ମା, ଦିପ୍ୟାନ୍ ଚକ୍ରବର୍ତ୍ତୀ, ଅଭିଷେକ ସ୍ୱାଇଁ ଓ ସୁହାନି ବାଲି। ଏହି ସଫଳତା ପାଇଁ ପ୍ରଶିକ୍ଷକ ଦତ୍ତଙ୍କୁ ପ୍ରଶଂସାପତ୍ର, କୃତି ପ୍ରତିଯୋଗୀଙ୍କ ସମେତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଦୋଳମୁଣ୍ଡାଇସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟରେ ପ୍ରତିଯୋଗୀମାନଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଏକାଡେମୀର ସଦସ୍ୟ ମହାବୀର ପ୍ରସାଦ ଜୟସ୍ୱାଲ, ପିଙ୍ଗୋଳା ଦତ୍ତ, ଜ୍ୟୋତ୍ସ୍ନା ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।




କୋଚ୍‌ଙ୍କ ସହ କବିତା ଜେନା ଓ ଆକାଂକ୍ଷା ଜୟସ୍ୱାଲ।

# ଭାରତର ଇଂଲଣ୍ଡ ବିପକ୍ଷ ସିରିଜ ସ୍ଥଗିତ

**ନୂଆଦିଲ୍ଲୀ, ୭।୮ (ପି.ଟି.):** ସେପ୍ଟେମ୍ବର-ଅକ୍ଟୋବରରେ ଭାରତରେ ହେବାକୁଥିବା ଇଂଲଣ୍ଡ ହ୍ୱାଇଟ ବଲ୍ ସିରିଜକୁ ୨୦୨୧ର ପ୍ରାରମ୍ଭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ଅନ୍ତର୍ଜାତୀୟ କ୍ରିକେଟ କ୍ୟାଲେଣ୍ଡରରେ ପରିବର୍ତ୍ତନ ଘଟିଛି। ପୁନଶ୍ଚ ଆଇପିଏଲ୍ ପାଇଁ ସମୟ ବାହାର କରାଯାଇଛି। ତେଣୁ ଏହି ସିରିଜ ବର୍ତ୍ତମାନ ସମ୍ଭବପର ନୁହେଁ। ପ୍ରକୃତରେ ଟି୨୦ ବିଶ୍ୱକପ୍ ପ୍ରସ୍ତୁତି ଲାଗି ଏହି ସରିଜର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା, ଯାହା ଅକ୍ଟୋବର ୧୮ରୁ ନଭେମ୍ବର ୫ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯାଇଥାନ୍ତା। କିନ୍ତୁ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଇତିମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମଧ୍ୟରେ ଆଲୋଚନା ହୋଇଛି।

**DIRECTORATE OF TECHNICAL EDUCATION & TRAINING, ODISHA**
**KILLAMAIDAN, BUXIBAZAR, CUTTACK-753001**

**DIPLOMA ADMISSION-2020**
**NOTICE**

**ADMISSION TO 1ST SEMESTER DIPLOMA IN ENGINEERING /TECHNOLOGY, LATERAL ADMISSION TO 3RD SEM. ENGINEERING/ TECHNOLOGY & 1ST SEM./ 1ST YEAR NON-ENGINEERING/ FILM & TV COURSES**

**No. KK-12:-** The last date of online application for Diploma Admission-2020 has been extended up to 16.09.2020 for 1st Semester and 13.09.2020 for 3rd Semester (L.E.). For further details, please log on to: **www.samsodisha.gov.in**.

**Sd./- Director of Technical Education & Training, Odisha**
OIPR-14004/11/0008/2021

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**ISO 9001 & 14001 CORPORATION**
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
NO.HO/P&C/EST/E-1562/01/2020/11004 Date: 06.08.2020

**REQUEST FOR PROPOSAL**

No.CAD-334:- Odisha Industrial Infrastructure Development Corporation invites Request for Proposal from renowned Firms/Agencies through e-procurement portal of Government of Odisha for **"Undertaking complete assignment on turnkey basis to prepare the Forest Diversion Proposal including all related activities thereof leading to forest clearance and to facilitate obtaining the approval of using Forest land measuring Ac. 2236.66 in different villages (Badasulidihi, Golagoan, Ravana, Manitra, Chandia under Danagadi Tahasil and villages Baragaida, Mirigachara, Gobaraghati under Sukinda Tahasil) at Kalinga Nagar of Jajpur District, Odisha from Ministry of Environment and Forests & Climate Change (MoEF & CC) Govt. of India (Forest Clearance) under Forest (Conservation) Act-1980".**

Firms/Agencies those having experience in similar work can submit their bids for this proposal. The Bid Document comprising of eligibility criteria, Instruction to Bidders, Scope of the work, BOQ, etc. can be seen in e-procurement portal of **Government of Odisha from 17.00 hours of Dt.11.08.2020 to 17.00 hours of Dt.26.08.2020.**

Interested firms who may like to visit the site may seek clarification from the Chief General Manager (P&C), IDCO Towers, Janpath, Bhubaneswar-751022, Odisha on any working day during office hours.

Bid for the above mentioned work should be uploaded to e-procurement portal between from **17.00 hours of Dt.11.08.2020 to 17.00 hours of Dt.26.08.2020.** The Technical Bid should consist of Credentials of the firm, completed/substantially completed works of similar nature, turn over, PAN, GST Registration Number and all other documents as mentioned in the bid document, **Cost of Bid Document amounting to Rs.11,800/- (including GST 18% Non-Refundable) online only and EMD/ Bid Security amounting to Rs.3,00,000/-** online only.

The Technical Bid will be opened online on **dt.27.08.2020 at 11.30 hours** at IDCO Tower, Bhubaneswar in presence of the bidder or their authorized representatives who choose to be present. After evaluation of the Technical Bids, the date of opening of the financial bid will be uploaded in e-procurement site in due course.

Any addendum/corrigendum/cancellation notice of RFP can also be seen in the IDCO website www.idco.in as well as in e-procurement site www.tendersodisha.gov.in and will not be published in newspapers.

IDCO has the right to accept or reject any or all the RFP without assigning any reason thereof.

**Sd./-**
**Chief General Manager (P&C)**
OIPR-14003/11/0042/2021

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ଙ୍କଣ ଆପଣ ଚିନ୍ତିତ କି ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ 2 ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

**SMS SENDING WORK**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/-ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7326805892
7325861595

**ସରସ ଫାଇନାନ୍ସ**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କେରଳର କୋଜିକୋଡେରେ ରହୁଥିବା ବେଣୁଗୋପାଳ ନାୟର(୭୫)ଜଣେ ଚେନ ସ୍ମୋକର ଥିଲେ। ମାତ୍ର ଛାତିରେ ଯନ୍ତ୍ରଣା ହେବାରୁ ସେ ସିଗାରେଟ ଛାଡ଼ିବାକୁ ନିଷ୍ପତ୍ତି ନେଲେ। ଏଥିରେ ସଫଳ ମଧ ହେଲେ। ଗତ ୮ ବର୍ଷ ହେଲାଣି ସେ ସିଗାରେଟ ଟାଣି ନାହାନ୍ତି। ସିଗାରେଟ ପାଇଁ ଖର୍ଚ୍ଚ କରୁଥିବା ଟଙ୍କାକୁ ସେ ଜମାକଲେ। ୮ ବର୍ଷରେ ପ୍ରାୟ ୫ ଲକ୍ଷ ଟଙ୍କା ଜମାକରି ସେଥିରେ ନିଜ ଘରର ଉପର ଫ୍ଲୋର୍ କାମ କରୁଥିବା ସେ କହିଛନ୍ତି।



ଐଶ୍ୱର୍ଯ୍ୟା ସୋରେନ୍

# ମଡେଲଙ୍କ ୟୁପିଏସ୍‌ସି ସଫଳତା

**ମିସ୍ ଇଣ୍ଡିଆ ଫାଇନାଲିଷ୍ଟଙ୍କୁ ୟୁପିଏସ୍‌ସି ପରୀକ୍ଷାରେ ୯୩ ର୍ୟାଙ୍କ**

**ନୂଆଦିଲ୍ଲୀ:** ଫେଶନ ଦୁନିଆରୁ ଭାରତୀୟ ପ୍ରଶାସନିକ ଅଧିକାରୀ ହେବା ଛୋଟ କଥା ନୁହେଁ। ନିଜ ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ଯୋଗୁ ଚଳିତ ଥର ୟୁପିଏସ୍‌ସି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ଐଶ୍ୱର୍ଯ୍ୟା ସୋରେନ୍। ୟୁପିଏସ୍‌ସି ପରୀକ୍ଷାରେ ମୋଟ ୮୨୯ ଜଣଙ୍କୁ ସଫଳତା ମିଳିଥିବାବେଳେ ଐଶ୍ୱର୍ଯ୍ୟାଙ୍କୁ ୯୩ ର୍ୟାଙ୍କ ମିଳିଛି। ପୂର୍ବତନ ମିସ୍ ଇଣ୍ଡିଆ ଫାଇନାଲିଷ୍ଟ ଐଶ୍ୱର୍ଯ୍ୟାଙ୍କ ହବି ହେଉଛି ମଡେଲିଂ କରିବା। କିନ୍ତୁ ତାଙ୍କ ସ୍ୱପ୍ନ ଥିଲା ଆଇଏଏସ୍ ହେବା। ଶେଷରେ ତାଙ୍କ ଆଶା ପୂରଣ ହେବାକୁ ଯାଉଛି। ଫେମିନା ମିସ୍ ଇଣ୍ଡିଆ ୨୦୧୬ ଫାଇନାଲିଷ୍ଟ ଐଶ୍ୱର୍ଯ୍ୟା ୨୦୧୬ରେ କ୍ୟାମ୍ପସ୍ ପ୍ରିନ୍‌ସେସ୍ ଦିଲ୍ଲୀ ଓ ଫ୍ରେଶ୍‌ଫେସ୍ ଦିଲ୍ଲୀ ୨୦୧୫ର ବିଜେତା ହୋଇଥିଲେ। ମଡେଲିଂ କରିବା, ର୍‌ୟାମ୍ପ ଶୋ'ରେ ଭାଗନେବା ତାଙ୍କର ଏକ ହବି ଥିଲା। ସ୍କୁଲ ଓ କଲେଜରେ ସେ ନିଜକୁ ଜଣେ ଆକ୍ଟିଭ୍ ସଦସ୍ୟ ଭାବେ ପ୍ରତିପାଦନ କରିଥିଲେ। ତାଙ୍କ ବାପା ଭାରତୀୟ ସେନାର ଜଣେ କଲୋନେଲ। ଦିଲ୍ଲୀର ଶ୍ରୀରାମ କଲେଜ ଅଫ୍ କମର୍ସରେ ଐଶ୍ୱର୍ଯ୍ୟା ଗ୍ରାଜୁଏଟ ପାସ୍ କରିଥିଲେ। ମଡେଲିଂ ସହ ନିଜର କ୍ୟାରିୟର ପ୍ରତି ସେ ବିଶେଷ ଧ୍ୟାନ ଦେଉଥିଲେ। ବ୍ୟାପକ ପ୍ରସ୍ତୁତି ପରେ ସେ ନିଜର ପ୍ରଥମ ପ୍ରେମକୁ ହାସଲ କରିବା ଦିଗରେ ଆଗେଇ ଚାଲିଲେ। ୨୦୧୯ ଅଗଷ୍ଟ ୪ରେ ସେ ଦେଇଥିବା ୟୁପିଏସ୍‌ସି ପରୀକ୍ଷାର ଫଳ ପ୍ରକାଶ ପାଇଲା। ଏଥିରେ ପ୍ରଦୀପ ସିଂ ଟପ୍ପର ହୋଇଥିବାବେଳେ ମହିଳାଙ୍କ ମଧ୍ୟରେ ପ୍ରତିଭା ବର୍ମା ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପୂର୍ବତନ ବିୟୁଟି କୁଇନ୍ ଐଶ୍ୱର୍ଯ୍ୟାଙ୍କୁ ମିଶାଇ ମୋଟ ୧୯୭ ମହିଳା ୟୁପିଏସ୍‌ସି ପରୀକ୍ଷାରେ ସଫଳ ହୋଇଛନ୍ତି। କୌଣସି ଟ୍ୟୁଶନ ନ ହୋଇ ଦୃଢ଼ ଆତ୍ମ ବିଶ୍ୱାସ ଓ କଠିନ ପରିଶ୍ରମ ଦ୍ୱାରା ସେ ପ୍ରଥମ ଥର ଏହି ସର୍ବଭାରତୀୟ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ୯୩ ର୍ୟାଙ୍କକୁ ନେଇ ସେ ନିଜର ଖୁସି ଜାହିର ମଧ କରିଛନ୍ତି। ରାଜସ୍ଥାନର ଏହି ଝିଅ ମହିଳା ସଶକ୍ତିକରଣର ବିଶେଷ ଆବଶ୍ୟକତା ରହିଥିବା କହିଛନ୍ତି।

# ଶୈବାଳରୁ ଭବିଷ୍ୟତ ବାସଗୃହ

**ବଢ଼ୁଛି ପ୍ରାକୃତିକ ବିପର୍ଯ୍ୟୟ। ଜଳବାୟୁ ପରିବର୍ତ୍ତନ କାରଣରୁ କେତେବେଳେ ଅଗ୍ନିବର୍ଷା ଝାଞ୍ଜି, କେବେ ବାଦଲଫଟା ବର୍ଷା ତ ଆଉ କେତେବେଳେ ହାଡ଼ଭଙ୍ଗା ଶୀତ ଦାରୁଣ ଦୁଃଖ ଦେଉଛି। ଏପରିସ୍ଥିତିରେ ଭବିଷ୍ୟତର ସୁରକ୍ଷିତ ବାସଗୃହକୁ ନେଇ ବଢ଼ିଛି ଚିନ୍ତା। ଏସବୁ ଭିତରେ ଡେନ୍‌ମାର୍କର ୩୦୦ ବର୍ଷ ପୁରୁଣା ତଥା ପାରମ୍ପରିକ ଶୈଳୀରେ ନିର୍ମିତ ବାସଗୃହ ଉପରେ ପଡ଼ିଛି ବିକଶିତ ଦେଶଙ୍କ ନଜର।**

**ନୂଆଦିଲ୍ଲୀ:** ପ୍ରକୃତି ମଣିଷକୁ ସବୁକିଛି ଦେଇଛି। ଏହାକୁ ଠିକ୍ ଭାବେ ଠଉରାଇ ପାରୁଥିଲେ ପୂର୍ବପୁରୁଷମାନେ। ପ୍ରକୃତିଦତ୍ତ ସାମଗ୍ରୀକୁ ଠିକଣା ଭାବେ ବିନିଯୋଗ କରି ସେମାନେ ସୁଖଶାନ୍ତିରେ ରହୁଥିଲେ। ପିଢ଼ି ପରେ ପିଢ଼ି ଧରି ଏଗୁଡ଼ିକ ପାରମ୍ପରିକ ଭାବେ ବ୍ୟବହାର ହୋଇଆସୁଛି। ପୃଥିବୀର ବିଭିନ୍ନ ପ୍ରାନ୍ତରେ ଆଜି ବି ଦେଖିବାକୁ ମିଳେ ଏହାର ଛାପ। ଡେନ୍‌ମାର୍କର 'ଲଇସୋ' ଦ୍ୱୀପରେ ସାମୁଦ୍ରିକ ଶୈବାଳକୁ ବ୍ୟବହାର କରି ନିର୍ମିତ ହୋଇଥିବା ବାସଗୃହର ଛପର ଏହାର ଏକ ଉଦାହରଣ। ଘର ତିଆରିରେ ବ୍ୟବହୃତ 'ଇଲ୍‌ଗ୍ରାସ୍'ର ବାୟୁ ବିଶୋଧକ ଏବଂ ଜଳ ପ୍ରତିରୋଧୀ କ୍ଷମତା ରହିଛି। ତାପ ନିୟନ୍ତ୍ରଣ କରିପାରୁଥିବାରୁ ଭବିଷ୍ୟତରେ ଏହାକୁ ବ୍ୟବହାର କରି ଘରର ଛାତ ନିର୍ମାଣ କରିବାକୁ ଯୋଜନା ଆରମ୍ଭ କରିଛନ୍ତି ବିଶେଷଜ୍ଞ।

୨୦୧୬ରେ ଚର୍ଚ୍ଚାର ଶିରୋନାମା ପାଲଟିଥିଲା ୟୁରୋପର କ୍ଷୁଦ୍ର ଦେଶ ଡେନ୍‌ମାର୍କ। ପୃଥିବୀର ସବୁଠାରୁ ସୁଖୀ ଦେଶ ତାଲିକାରେ ଏହି ବର୍ଷ ଡେନ୍‌ମାର୍କ ଦଖଲ କରିଥିଲା ଶୀର୍ଷସ୍ଥାନ। ଦୁନିଆର କମ୍ ଦୁର୍ନୀତିଗ୍ରସ୍ତ ଦେଶ ଭାବେ ଡେନ୍‌ମାର୍କର ସ୍ୱତନ୍ତ୍ର ପରିଚୟ ରହିଛି। କେବଳ ଏତିକି ନୁହେଁ, ଖୁସ୍‌ମିଜାଜ ଚରିତ୍ର, ସ୍ୱାଧୀନଚେତା ମନୋଭାବ ଏବଂ ଆର୍ଥିକ ସ୍ୱାବଲମ୍ବୀ ହେବା ଡେନ୍‌ମାର୍କବାସୀଙ୍କ ଖୁସିର ରହସ୍ୟ, ଯାହା ବହୁ ପୂର୍ବରୁ ପ୍ରକାଶିତ ହୋଇସାରିଛି ଫୋର୍ବସ ରିପୋର୍ଟରେ। ତେବେ ସାମୁଦ୍ରିକ ଶୈବାଳକୁ ବ୍ୟବହାର କରି ନିର୍ମାଣ କରାଯାଉଥିବା ଘର ଛପର 'ଲଇସୋ' ସମେତ ଡେନମାର୍କର ଅନ୍ୟତମ ବେଞ୍ଚମାର୍କ।



ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସପ୍ତଦଶ ଶତାବ୍ଦୀ ବେଳକୁ 'ଲଇସୋ' ଦ୍ୱୀପରେ ସାମୁଦ୍ରିକ ଶୈବାଳକୁ ବ୍ୟବହାର କରି ଘର ଛପର ଆରମ୍ଭ ହୋଇଥିଲା। ଏହାପଛରେ ଏକ କାରଣ ରହିଛି। ୧୭୦୦ ମସିହା ବେଳକୁ 'ଲଇସୋ'ରେ ଲୁଣ ତିଆରି ଉଦ୍ୟୋଗ କାୟା ବିସ୍ତାର କଲା। ଲୁଣ ଚାଷ ପାଇଁ ଆବଶ୍ୟକ ଜମି ପ୍ରସ୍ତୁତି କରିବା ଲାଗି ବଳିପଡ଼ିଲେ ଅସଂଖ୍ୟ ଗଛ। ପରିଣାମ ସ୍ୱରୂପ ଘର ନିର୍ମାଣ କରିବାକୁ କାଠର ଘୋର ଅଭାବ ଦେଖାଦେଲା। ତେଣୁ ବିକଳ୍ପ ସ୍ୱରୂପ ସାମୁଦ୍ରିକ ଶୈବାଳରୁ ଘର ଛପର ତିଆରି କରିବା ଆରମ୍ଭ କଲେ ଲଇସୋବାସୀ। ଅନ୍ୟପଟେ ସମୁଦ୍ର ବି ଏହି ଦ୍ୱୀପ ପାଇଁ ବରଦାନ ସାବ୍ୟସ୍ତ ହେଲା। ଅନେକ ସମୟରେ ସମୁଦ୍ରରେ ଜାହାଜ ଦୁର୍ଘଟଣାଗ୍ରସ୍ତ ହେବାପରେ ଖଣ୍ଡ ବିଖଣ୍ଡିତ ହୋଇ କୂଳକୁ ଆସି ଲାଗୁଥିଲା। ସେଠାରୁ ଲୋକମାନେ ଘରତିଆରି ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରୁଥିଲେ। ଏଥିସହ ଘର ଛପର କରିବାକୁ ସେମାନେ ସହଜରେ ମିଳୁଥିବା ସାମୁଦ୍ରିକ ଶୈବାଳକୁ ଉପଯୋଗ କଲେ। ତେବେ ୧୯୨୦ରେ ଫିମ୍ପି ସଂକ୍ରମଣ ପରେ ଲୋକମାନେ ଘର ତିଆରିରେ ଶୈବାଳ ବ୍ୟବହାର କରିବା ଛାଡ଼ି ଦେଇଛନ୍ତି। ୧୮୦୦ ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପରେ ଏବେ ମାତ୍ର ୩୬ଟି ଶୈବାଳ ଛାତଯୁକ୍ତ ଘର ତିଷ୍ଠି ରହିଛି। 'ଇଲ୍‌ଗ୍ରାସ୍' ଶୈବାଳ ଅଗ୍ନି ପ୍ରତିରୋଧୀ। କୀଟପତଙ୍ଗ ଦ୍ୱାରା ମଧ କ୍ଷତିଗ୍ରସ୍ତ ହେବା ଆଶଙ୍କା କମ୍। କାର୍ବନ ଡାଇଅକ୍ସାଇଡ୍‌କୁ ଶୋଷି ନେଉଥିବାରୁ ଏହା ବାୟୁ ବିଶୋଧକ ଭାବେ କାମ କରେ। ଅତ୍ୟଧିକ ମୋଟା ହୋଇଥିବାରୁ ଏହା ମଧ ଦେଇ ଘର ଭିତରକୁ ପାଣି ପଶିପାରେ ନାହିଁ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଘରଗୁଡ଼ିକ ୫୦ ବର୍ଷ ପରେ ମରାମତି ଆବଶ୍ୟକ କରୁଥିବାବେଳେ ଶୈବାଳ ଛପରଯୁକ୍ତ ବାସଗୃହଗୁଡ଼ିକ ୧୦୦ ବର୍ଷ ଯାଏ ଅକ୍ଷତ ଅବସ୍ଥାରେ ରହିପାରେ। 'ଲଇସୋ' ଦ୍ୱୀପରେ ଥିବା ଏହି ଘରଗୁଡ଼ିକ ହାରାହାରି ୩୦୦ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ନିକଟରେ ଶୈବାଳ ବାସଗୃହଗୁଡ଼ିକ ବିକଶିତ ରାଷ୍ଟ୍ରର ଦୃଷ୍ଟି ଆକର୍ଷଣ କରିଛି। ଆମେରିକୀୟ ବାସ୍ତୁବିତ୍ କ୍ୟାଥେରିନ୍ ଲାର୍ସନ ଶୈବାଳ ଉପରେ ରିସର୍ଚ୍ଚ କରୁଛନ୍ତି। ଏହି ଟେକ୍‌ନିକ୍ ବ୍ୟବହାର କରି ଗ୍ଲୋବାଲ ୱାର୍ମିଂକୁ ରୋକାଯାଇପାରିବ ବୋଲି ସେ ଦାବି କରିଛନ୍ତି।

## ବିକଶିତ ଦେଶ ନଜରରେ 'ଲଇସୋ'



## ମହିଳାଙ୍କୁ ଶ୍ରେୟ

'ଲଇସୋ' ଦ୍ୱୀପର ଶୈବାଳ ଛାତର ଶ୍ରେୟ ସେଠାକାର ମହିଳାଙ୍କୁ ଦିଆଯାଏ। ଏଠାକାର ଅଧିବାସୀଙ୍କ ବୃତ୍ତି ହେଉଛି ମାଛ ଧରିବା। ପରିବାରର ପୁରୁଷ ସଦସ୍ୟମାନେ ସକାଳୁ ଡଙ୍ଗା ଧରି ସମୁଦ୍ରକୁ ଚାଲିଯାଉଥିଲେ। ଏହି ସମୟରେ ମହିଳାମାନେ ଘରକୁ ଅଧିକ ସୁଦୃଢ଼ କରିବାକୁ ବିଭିନ୍ନ ଉପାୟ ଖୋଜୁଥିଲେ। ୧୭ମ ଶତାବ୍ଦୀରେ ସେମାନଙ୍କ ନଜର ପଡ଼ିଥିଲା ସାମୁଦ୍ରିକ ବାତ୍ୟାରେ କୂଳରେ ଲାଗୁଥିବା 'ଇଲ୍‌ଗ୍ରାସ୍' ଉପରେ। ଏହାକୁ ସଂଗ୍ରହ କରିବା ପରେ ୬ମାସ ଧରି ଶୁଖାଯାଉଥିଲା। ଏହାପରେ ଏଗୁଡ଼ିକୁ ଛପର କରିବାରେ ବ୍ୟବହାର କରାଯାଉଥିଲା। ଗୋଟିଏ ଘରେ ଆନୁମାନିକ ୩୫ରୁ ୪୦ ଟନ୍ ଶୈବାଳ ବ୍ୟବହାର କରାଯାଇଛି। ଏହି କାର୍ଯ୍ୟରେ ୪୦ରୁ ୫୦ ଜଣ ମହିଳା ସାମୂହିକ ଭାବେ ନିୟୋଜିତ ହୋଇଥିବା ଯାଞ୍ଚ ବେଳେ ଜଣାପଡ଼ିଛି।

# ମଇଁଷି, ଗାଈ ଦୁହୁଁଛି ଟ୍ରାକ୍ଟର

**ନୂଆଦିଲ୍ଲୀ:** ଭାରତର ପ୍ରତିଷ୍ଠିତ ବ୍ୟବସାୟୀ ଆନନ୍ଦ ମହିନ୍ଦ୍ରା ସୋସିଆଲ ମିଡିଆରେ ମଜାଦାର ଭିଡିଓ ଶେୟାର କରିଥାନ୍ତି। ନିକଟରେ ଟ୍ରାକ୍ଟର ଜରିଆରେ ମଇଁଷିଠାରୁ କ୍ଷୀର ବାହାର କରୁଥିବା ଫଟୋ ଶେୟାର କରିଛନ୍ତି। ଏବେ ଏହି ଭିଡିଓଟି ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ କିଛି ଲୋକ ଟ୍ରାକ୍ଟର ସାହାଯ୍ୟରେ ମଇଁଷିଠାରୁ କ୍ଷୀର ବାହାର କରୁଥିବା ଦେଖାଯାଇଛି। ଏହା ଦେଖି ଆନନ୍ଦ ମହିନ୍ଦ୍ରା ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଭିଡିଓକୁ ଶେୟାର କରି ସେ କହିଛନ୍ତି, ଗ୍ରାମୀଣ ଅଞ୍ଚଳରେ ଟ୍ରାକ୍ଟର କେମିତି ଅନେକ କାର୍ଯ୍ୟରେ ବ୍ୟବହାର ହୋଇପାରୁଛି। ଏହାର ଭିଡିଓ ମୋତେ ପଠାଇଛନ୍ତି। ଏହା ମୋ ପାଇଁ ନୂଆ। ଆପଣଙ୍କ ମଧ୍ୟରୁ ଅଣ-ଇଞ୍ଜିନିୟର କହିପାରିବେ କି ଏଥିରେ କ'ଣ ନୂଆ ରହିଛି। ସୂଚନାଯୋଗ୍ୟ, ଟ୍ରାକ୍ଟର ଏୟାର ସେକ୍ସନରୁ ଏକ ପାଇପ୍ କ୍ଷୀର ବାହାର କରିବା ମେଶିନ ସହ ଯୋଡାଯାଇଛି। ଫଳରେ ଅତି ସହଜରେ କ୍ଷୀର ବାହାର କରାଯାଇପାରୁଛି।





# ଗୀତରେ ଭାଷା, ସଂସ୍କୃତିର ଜ୍ଞାନ

**ସରକାରୀ ଶିକ୍ଷକ ସମୂହର ଅଭିନବ ପ୍ରୟାସ**



**ଉତ୍ତରକାଶୀ:** ଭାରତର ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ଏବଂ ଇତିହାସ ରହିଛି। ଉକ୍ତ ସ୍ୱାତନ୍ତ୍ର୍ୟକୁ ନେଇ ରାଜ୍ୟ ସମୃଦ୍ଧ। ତେଣୁ ନିଜ ରାଜ୍ୟ ତଥା ପ୍ରଦେଶ ବିଷୟରେ ଜ୍ଞାନ ଆହରଣ କରିବା ସହ ସଂସ୍କୃତିର ବିକାଶ ଦିଗରେ ପ୍ରୟାସ କରିବା ସମସ୍ତଙ୍କ କର୍ତ୍ତବ୍ୟ। ଛାତ୍ରୀଛାତ୍ରଙ୍କୁ ଛୋଟବେଳୁ ଏହି ଜ୍ଞାନ ପ୍ରଦାନ ଲକ୍ଷ୍ୟ ନେଇ ଉତ୍ତରାଖଣ୍ଡର ସରକାରୀ ଶିକ୍ଷକମାନେ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଗଡ୍‌ୱାଲି ଗୀତ ମାଧ୍ୟମରେ ପିଲାଙ୍କୁ ରାଜ୍ୟର ସମ୍ପୂର୍ଣ୍ଣ ଜ୍ଞାନ ପ୍ରଦାନ କରିବା ପାଇଁ ଏକ ଆଲ୍‌ବମ ପ୍ରସ୍ତୁତ କରିଛନ୍ତି। ଉତ୍ତରାଖଣ୍ଡର ଇତିହାସ ବିଷୟରେ ୧୪ଟି ଗୀତକୁ ନେଇ ଏହି ଆଲ୍‌ବମ ପ୍ରସ୍ତୁତ ହୋଇଛି। ଏସ୍‌ସିଇଆର୍‌ଟି(ଷ୍ଟେଟ୍ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ) ପକ୍ଷରୁ ନିକଟରେ ଏହି ଆଲ୍‌ବମକୁ ନିଜସ୍ୱ ୟୁଟ୍ୟୁବ୍ ପ୍ଲାଟ୍‌ଫର୍ମରେ ରିଲିଜ୍ କରାଯାଇଛି। ଏଭଳି ଏକ ନିଆରା ପ୍ରୟାସ ବିଷୟରେ ସରକାରୀ ଶିକ୍ଷକ ତଥା ସଙ୍ଗୀତକାର ନନ୍ଦକିଶୋର ହଟ୍‌ୱାଲ କହିଛନ୍ତି, ଲୋକ ସଙ୍ଗୀତ ପ୍ରତ୍ୟେକ ବୟସର ଲୋକଙ୍କ ମଧ୍ୟରେ ଲୋକପ୍ରିୟ। ତେଣୁ ଏହା ମାଧ୍ୟମରେ ପିଲାଙ୍କୁ ଶିକ୍ଷା ପ୍ରଦାନ ପାଇଁ ଆମେ ନିଷ୍ପତ୍ତି ନେଇଥିଲୁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସଙ୍ଗୀତ ମାଧ୍ୟମରେ ଶିକ୍ଷା ପିଲାଙ୍କ ପାଇଁ ମଧ ସହଜ ଏବଂ ଉତ୍ସାହଜନକ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ଶିକ୍ଷକ ସମୂହ ପ୍ରାୟ ୨ବର୍ଷ ଧରି କାର୍ଯ୍ୟ କରିଥିଲେ। ପରେ ଚୟନ ହୋଇଥିବା ଶିକ୍ଷକମାନେ ସାଧାରଣ ଜ୍ଞାନ ଆଧାରିତ ବିଭିନ୍ନ ବିଷୟରେ ଗଡ୍‌ୱାଲି ଗୀତ ପ୍ରସ୍ତୁତ କରିଥିଲେ। ଗୀତ ଗାଇଥିବା ଅନ୍ୟ ଜଣେ ଶିକ୍ଷକ ଓମ୍ ବଧାନି କହିଛନ୍ତି, ପ୍ରତ୍ୟେକ ଗୀତ ଭିନ୍ନ ଭିନ୍ନ ବିଷୟ ଉପରେ ଆଧାରିତ। ଗୀତଗୁଡ଼ିକ ରାଜ୍ୟର ଇତିହାସ, ବିଶିଷ୍ଟ ବ୍ୟକ୍ତିତ୍ୱ, ପର୍ଯ୍ୟଟନସ୍ଥଳୀ, ପର୍ବପର୍ବାଣି, ନଦୀ ଓ ପର୍ବତମାଳା ଆଦିକୁ ନେଇ ପ୍ରସ୍ତୁତ। ସେହିପରି ରାଜ୍ୟର ପ୍ରତୀକ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଆଦିକୁ ନେଇ ମଧ ଗୀତ ପ୍ରସ୍ତୁତ ହୋଇଛି। ଏହା ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି କୁହାଯାଇଛି। ଏହା ବ୍ୟତୀତ ପିଲାମାନେ ଏହାଦ୍ୱାରା ବିଭିନ୍ନ ସ୍ଥାନୀୟ ସଙ୍ଗୀତର ପ୍ରକାର, ଧୂନ୍, ପାରମ୍ପରିକ ବାଦ୍ୟଯନ୍ତ୍ର ବିଷୟରେ ମଧ ଜ୍ଞାନ ପାଇପାରିବେ। ଆଗାମୀ ଦିନରେ କୁମାୟୁନି ଏବଂ ଜୌନ୍‌ସାରି ଓ ବିଭିନ୍ନ ସ୍ଥାନୀୟ ଭାଷାରେ ମଧ ମ୍ୟୁଜିକ୍ ଆଲ୍‌ବମ ପ୍ରସ୍ତୁତ ପାଇଁ ଲକ୍ଷ୍ୟ ରହିଥିବା କୁହାଯାଇଛି।

# ଶପିଂ ମଲ୍‌ରେ ପେଙ୍ଗୁଇନ୍

**ୱାଶିଂଟନ:** ସବୁ ଦେଶରେ ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ସ୍ଥାନରେ ପଶୁପକ୍ଷୀମାନଙ୍କର ଅବାଧ ବିଚରଣ ଦେଖିବାକୁ ମିଳୁଛି। କେଉଁଠି ବାଘ, ସିଂହ ଭଳି ଜଙ୍ଗଲୀ ପଶୁ ରାସ୍ତା ଉପରେ ବେଶ୍ ଆରାମରେ ବିଚରଣ କରୁଛନ୍ତି ତ କେଉଁଠି ମୟୂରମାନେ ବି ଜନବସତି ଅଞ୍ଚଳକୁ ଚାଲି ଆସୁଛନ୍ତି। ଠିକ୍ ସେମିତି ପେଙ୍ଗୁଇନ୍‌ମାନେ ବି ଶପିଂ ମଲ୍‌କୁ ଆସିଥିବାର ଏକ ଭିଜୁଆଲ୍ ଏବେ ଭାଇରାଲ୍ ହେଉଛି। ଆମେରିକାର ଏକ ଶପିଂ ମଲ୍‌ରେ ଦୁଇଟି ପେଙ୍ଗୁଇନ୍ ଆସି ଏକ ଗିଫ୍ଟ ଦୋକାନରେ ବେଶ୍ କିଛି ସମୟ ରହି ବୁଲାବୁଲି କରୁଛନ୍ତି। ପେଙ୍ଗୁଇନ୍‌ଙ୍କର ଏହି ସମୟର ଭିଡିଓ ଦେଖିବା ପାଇଁ ବେଶ୍ ଆକର୍ଷଣୀୟ।

ଗିଫ୍ଟ ଦୋକାନରେ ଛୋଟପିଲାମାନେ ବେଶ୍ ଉତ୍ସାହର ସହିତ ଯେପରି ବୁଲନ୍ତି ଭିଡିଓରେ ପେଙ୍ଗୁଇନ୍‌ମାନେ ବି ଠିକ୍ ସେହିପରି ବୁଲୁଛନ୍ତି। ଏମିତିକି ଗିଫ୍ଟ ଦୋକାନରେ ପେଙ୍ଗୁଇନ୍ କଣ୍ଢେଇକୁ ଦେଖି ସେଠାରେ ପାଖକୁ ଯାଇ ଢେର କିଛି ସମୟ ଅଟକି ରହୁଛନ୍ତି। ଏମିତିଭାବେ ଦୋକାନ ସାରା ପେଙ୍ଗୁଇନ୍‌ଙ୍କର ବୁଲିବାର ଭିଡିଓ ଲୋକଙ୍କୁ ଆକୃଷ୍ଟ କରିପାରିଛି। ଏହି ଭିଡିଓକୁ ଶେୟାର କରିବାର କିଛି ଘଣ୍ଟା ପରେ ବହୁ ସଂଖ୍ୟାରେ ଲୋକ ଦେଖିବା ସହିତ ଫଲୋ କରିଛନ୍ତି। ତେବେ ଅଧିକାଂଶ ଲୋକ ପେଙ୍ଗୁଇନ୍ ଥିବା ସମୟରେ ଦୋକାନରେ ନ ଥିବାରୁ ଦୁଃଖପ୍ରକାଶ କରିଛନ୍ତି। ତେବେ ଏହି ଭିଡିଓକୁ ଶେୟାର କରିବା ପରେ ଏବେ ଏହାକୁ ନେଇ ଶହ ଶହ କମେଣ୍ଟ ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି। ତେବେ ଭିଜୁଆଲଟିକୁ ଶେୟାର କରିବା ପରେ ଏହାକୁ ପେଙ୍ଗୁଇନ୍‌ଙ୍କର ଗିଫ୍ଟ ଶପିଂ ବୋଲି ଅନେକେ କ୍ୟାପଶନରେ ଲେଖିଛନ୍ତି।



# ସାଇବର ଅପରାଧୀ ବ୍ୟାକରଣ ପଢ଼ିବେ

**ନାଗପୁର:** ସାଇବର ଅପରାଧୀ ପଢ଼ିବେ ବ୍ୟାକରଣ ପାଠ। ଆଉ ସେମାନଙ୍କୁ ଏଇ ପାଠ ପଢ଼ାଇବେ ନାଗପୁର ପୋଲିସ୍। ସାଇବର ଅପରାଧୀଙ୍କ ଉଦ୍ଦେଶ୍ୟରେ ଏମିତି ଏକ ଟୁଇଟ୍ କରି ଜଣାଇଛି ନିଜେ ପୋଲିସ୍। ଏଭଳି ଏକ କଥା ଶୁଣି ସମସ୍ତଙ୍କୁ ଅଡୁଆ ଲାଗୁଥିବ ନିଶ୍ଚୟ। କିନ୍ତୁ ଲୋକଙ୍କୁ ସତର୍କ କରିବା ପାଇଁ ପୋଲିସ୍ ଏଭଳି ଏକ ଭିନ୍ନ ଢଙ୍ଗରେ ଟୁଇଟ୍ କରିଛି।

ସାଇବର ଅପରାଧୀଙ୍କ ଉଦ୍ଦେଶ୍ୟରେ ନାଗପୁର ପୋଲିସ୍ ଏକ ଟୁଇଟ୍ କରି କହିଛି ଯେ, ''ହେ ସ୍କାମରମାନେ, ଆମେ ତୁମକୁ ଗ୍ରାମାର ପଢାଇବାକୁ ଚାହୁଁଛୁ।'' ଏହାପରେ ପୋଲିସ୍ ଏକ ହେଲ୍‌ପ ଲାଇନ୍ ନମ୍ବର ଦେଇ କହିଛି କି, ଏହି ନମ୍ବରରେ ଫୋନ୍ କଲେ ସାଇବର ସେଲ୍ ଅଫିସରମାନେ ତୁମ ଘର ପାଖରେ ପହଞ୍ଚିଯିବେ ଏବଂ ସେମାନେ ମାଗଣାରେ ଲକ୍‌ଅପ୍‌ରେ ରଖିଦେବେ। ପୋଲିସ୍‌ର ଏମିତି ଏକ ମଜାଦାର ଢଙ୍ଗରେ ଟୁଇଟ୍ କରିବା ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର କାରଣ ହୋଇଛି। ପୋଲିସର ଏହି ଟୁଇଟ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ବହୁସଂଖ୍ୟାରେ ଲୋକେ ଏହି ଟୁଇଟ୍‌କୁ ଲାଇକ୍ କରିବା ସହିତ ଶେୟାର ବି କରୁଛନ୍ତି। ପୋଲିସ୍‌କୁ ମଧ ଲୋକେ ସୁନ୍ଦର କମେଣ୍ଟ ଦେଉଛନ୍ତି। କିଛି ଲୋକ ତ ପୋଲିସର ଏଭଳି ପଦକ୍ଷେପ ନେଇ ଆଶ୍ଚର୍ଯ୍ୟ ହେବା ସହିତ ପ୍ରଶଂସା କରିଛନ୍ତି।




ନାଗପୁର ପୋଲିସର ଏଭଳି ଟୁଇଟ୍ ଏବେ ଭାଇରାଲ୍ ହେବା ପରେ ଲୋକେ ସାଇବର ଅପରାଧୀ ନେଇ ସତର୍କ ହୋଇଛନ୍ତି। ତେବେ ଅଧିକରୁ ଅଧିକ ସଂଖ୍ୟାରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପୋଲିସ୍ ଏଭଳି ଏକ ଭିନ୍ନ ଢଙ୍ଗରେ ଟୁଇଟରର ସାହାରା ନେଇଥିଲା ବୋଲି ସଫେଇ ଦେଇଛି। ଲୋକେ ଅଧିକ ସଂଖ୍ୟାରେ ଏହି ଖବର ଜାଣିବା ହିଁ ଏବେ ପୋଲିସ ପାଇଁ ଏକ ସଫଳତା ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଆମିର, ଧୋନୀ ପିନ୍ଧୁଛନ୍ତି ଜମିଲଙ୍କ ଜୋତା

ବିହାରର ଦରଭଙ୍ଗା ଜିଲାରେ ରହୁଥିବା ଜମିଲ ଶାହା ତାଙ୍କ ସ୍ୱପ୍ନକୁ ସାକାର କରିବାରେ ସଫଳ ହୋଇଛନ୍ତି। ବଲିଉଡ୍‌ର ଆମିର ଖାନ୍, ହ୍ରିତିକ ରୋଶନ, କ୍ରିକେଟର ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀଙ୍କଠାରୁ ଆରମ୍ଭ କରି ହଲିଉଡ୍ ଗାୟକ କାଇଲି ମିନଗ ଜମିଲଙ୍କ ଦ୍ୱାରା ପ୍ରସ୍ତୁତ ଜୋତା ପିନ୍ଧୁଛନ୍ତି। ଦିନ ଥିଲା ତାଙ୍କ ପାଖରେ ପିନ୍ଧିବା ପାଇଁ ଜୋତାଟିଏ ନ ଥିଲା କିନ୍ତୁ ଏବେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି।

ଚାକିରି ଖୋଜିବା ପାଇଁ ୧୯୯୮ରେ ମାତ୍ର ୧୨ ବର୍ଷ ବୟସରେ ସ୍ୱପ୍ନର ସହର ମୁମ୍ବାଇରେ ସେ ପହଞ୍ଚିଥିଲେ। କିନ୍ତୁ କାମ ପାଇବା ଏତେ ସହଜ ନ ଥିଲା। ଜାମିଲ ସ୍ଥାନୀୟ ଟ୍ରେନରେ ପର୍ସ ବିକ୍ରି କରିବା ଆରମ୍ଭ କରିଥିଲେ। ଏହା ପରେ ସେ ଜୋତା କାରଖାନାରେ କାମ କରିବା ଆରମ୍ଭ କଲେ। ଏଠାରେ ପହଞ୍ଚିବା ପରେ ଏକ ଚମଡ଼ା କମ୍ପାନୀରେ କାରିଗର ଭାବରେ ଚାକିରି ମିଳିଲା। ଜାମିଲ ଡ୍ୟାନ୍ସ କରିବାକୁ ଭଲ ପାଆନ୍ତି। କାମ ସହିତ ସେ ମଧ ଡ୍ୟାନ୍ସ କ୍ଲାସରେ ଯୋଗ ଦେଉଥିଲେ। କିନ୍ତୁ ନାଚ ଲାଗି ମହଙ୍ଗା ଜୋତା କିଣିବାକୁ ତାଙ୍କ ପାଖରେ ଟଙ୍କା ନ ଥିଲା। ଜାମିଲଙ୍କ କୋରିଓଗ୍ରାଫର ସନ୍ଦୀପ ସୋପକାର ତାଙ୍କୁ ପରାମର୍ଶ ଦେଇଥିଲେ, ଯଦି ତୁମେ ଚମଡା ଅଭ୍ୟସ୍ତ, ତେବେ ନିଜ ପାଇଁ ଜୋତା ତିଆରି କର। ଏହା ପରେ ଜାମିଲ ନୃତ୍ୟ ପ୍ରଦର୍ଶନ ପାଇଁ ଏକ ବଡ଼ ଜୋତା ତିଆରି କରିଥିଲେ। ଜାମିଲ ନିଜ ପାଇଁ ତିଆରି କରିଥିବା ଜୋତାକୁ ତାଙ୍କ ସାଙ୍ଗମାନେ ମଧ ପସନ୍ଦ କରୁଥିଲେ। ସଫଳତାର ଯାତ୍ରା ଏଠାରୁ ଆରମ୍ଭ ହୋଇଥିଲା।



ଶାହା ନାମକ ଏକ ଜୋତା ବ୍ରାଣ୍ଡ୍ ଆରମ୍ଭ କରିଥିଲେ। ଆଜି ଏହି ବ୍ରାଣ୍ଡ ନାମରେ ଜାମିଲଙ୍କ ଜୋତା ବିକ୍ରି ହେଉଛି। ପ୍ରଥମେ ଜୋତାର ସର୍ବାଧିକ ମୂଲ୍ୟ ୨ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରଖିଛି। ଜମିଲ କହିଛନ୍ତି ଯେ, ବଜାରରେ ସେ ନିଜ କମ୍ପାନୀର ଜୋତାକୁ ଅତି ସୁଲଭ ମୂଲ୍ୟରେ ପ୍ରଦାନ କରନ୍ତି। 'ଷ୍ଟୁଡେଣ୍ଟ ଅଫ ଦି ଇୟର-୨' ସହିତ ବଲିଉଡ୍‌ରେ ଡେବ୍ୟୁ କରିଥିବା ଅଭିନେତ୍ରୀ ତାରା ସୁତାରିଆ ଜାମିଲଙ୍କଠାରୁ ଜୋତା କିଣିଥାନ୍ତି। ଖାଲି ସେତିକି ନୁହେଁ, ଦେଶ ବିଦେଶର ଅନେକ ମହାନ ବ୍ୟକ୍ତି ତାଙ୍କ ଜୋତା ପିନ୍ଧିଥାନ୍ତି।

## ଖିଲିଖିଲି ହସ


ଥରେ ଅମନ୍‌ର ବାପା ତାକୁ ପଚାରିଲେ, ଆରେ କହିଲୁ, ୫ ଆଉ ୬ ପରେ କ'ଣ ଆସିବ ? ସେ ଉତ୍ତର ଦେଲା, ବାପା, ଏପରି ସହଜ ପ୍ରଶ୍ନର ଉତ୍ତର ମୋ ଜିଭ ଅଗରେ ଅଛି। ୫ ଆଉ ୬ ପରେ ୭ ଆସେ। ଆଉ ତା'ପରେ– ବାପା ପଚାରିଲେ। ଅମନ କହିଲା– ବାପା, ତା'ପରେ ୮, ୯, ୧୦, ଯଦି ତା'ପରେ କ'ଣ ଆସେ ଆପଣ କହିବେ ମୁଁ ମଧ୍ୟ ତାହାର ଉତ୍ତର ଦେଇପାରିବି। ତାହା ହେଲା, ଗୁଲାମ, ବେଗମ ଆଉ ବାଦଶାହ। ଆପଣ ପରା ତାସ ଖେଳିବା ସମୟରେ ତାହାକୁ ଘୋଷି ହେଉଥିଲେ। ସେତେବେଳେ ମୁଁ ଶୁଣି ତାହାକୁ ମୁଖସ୍ଥ କରିଦେଇଛି।

ଥରେ ପାଠ ପଢ଼ାଉଥିବା ବେଳେ ଶିକ୍ଷକ ପିଲାମାନଙ୍କୁ ପଚାରିଲେ, ପିଲାଏ କହିଲ, ଯଦି ତୁମ ଘରେ ବିଳମ୍ବିତ ରାତିରେ ପଛ କବାଟ ଦେଇ ଚୋର ପଶେ ତେବେ ତୁମେ କ'ଣ କରିବ ? ଏପରି ପ୍ରଶ୍ନ ଶୁଣି ଦୀପକ ଠିଆ ହୋଇ କହିଲା, ସାର, ମୁଁ ସାଙ୍ଗେ ସାଙ୍ଗେ '୦୦୧'କୁ ଫୋନ୍ କରିବି ଆଉ ପୋଲିସ୍ ଘରର ପଛ ପଟ କବାଟ ଦେଇ ଆସିବ।

ଥରେ ପ୍ରଜ୍ଞା ପଢ଼ିବା ସମୟରେ ତା' ମା'ଙ୍କୁ କହିଲା, ମା' ମୁଁ ଟିଭି ଦେଖିବି ଆଉ ପାଠ ପଢ଼ିବି। ଟିଭି ଦେଖିଲେ ହିଁ ମୋର ପାଢ଼ ପଢ଼ିବାକୁ ଆଗ୍ରହ ଆସିବ। ଏକଥା ଶୁଣି ତା' ମା' ଉତ୍ତର ଦେଲେ, 'ଠିକ ଅଛି ବେଟି, ତୁ ଟିଭି ଦେଖ ମୋର କିଛି ଆପତ୍ତି ନାହିଁ, ହେଲେ ଟିଭି ସୁଇଚ୍ କଦାପି ଅନ୍ କରିବୁ ନାହିଁ।

# ଯାହା ଇଚ୍ଛା ତାହା କର

ଗପ



ନେପୋଲିୟନ୍ ବୋନାପାର୍ଟ ସବୁବେଳେ ବିପଦପୂର୍ଣ୍ଣ କାମ କରିବାକୁ ପସନ୍ଦ କରୁଥିଲେ। ଥରେ ସେ ଆଲ୍‌ପସ୍ ପର୍ବତକୁ ପାର କରିବାର ଘୋଷଣା କଲେ। ତା'ପରେ ସେ ଚାଲିଲେ ନିଜର ସୈନ୍ୟଙ୍କ ସହିତ ଆଲ୍‌ପସ୍ ପର୍ବତ ଆଡ଼େ। ସେ ଯେତେବେଳେ ସେହି ଜାଗାରେ ପହଞ୍ଚିଲେ ଦେଖିଲେ କି ତାଙ୍କ ଆଗରେ ଗୋଟିଏ ବିଶାଳକାୟ ଗଗନଚୁମ୍ବୀ ପାହାଡ଼ ଛିଡ଼ା ହୋଇଛି ଆଉ ତାହା ଉପରେ ଚଢ଼ିବାଟା ଥିଲା ଅସମ୍ଭବ। ତାଙ୍କ ସେନାରେ ଅଚାନକ ହଇଚଇ ସୃଷ୍ଟି ହେଲା। ସେମାନେ ପାହାଡ଼ର ଆକାର ଦେଖି ଭୟଭୀତ ହୋଇଗଲେ। ତଥାପି ନେପୋଲିୟନ୍ ପାହାଡ଼ ଚଢ଼ା ଆରମ୍ଭ କରିବାକୁ ଆଦେଶ ଦେଲେ। ସେଇଠି ପାଖରେ ଜଣେ ବୃଦ୍ଧା ମହିଳା ଛିଡ଼ା ହୋଇ ଏସବୁ ଘଟଣା ଦେଖୁଥିଲେ। ଯେତେବେଳେ ସେ ନେପୋଲିୟନ୍‌ଙ୍କ କଥା ଶୁଣିଲେ ସେତେବେଳେ ସେ ତାଙ୍କ ପାଖକୁ ଯାଇ କହିଲେ "ଆରେ ପୁଅ, ଏହି ପାହାଡ଼କୁ ଯେତେ ଲୋକ ଚଢ଼ିବାକୁ ଚେଷ୍ଟା କରିଛନ୍ତି ସେମାନେ ମୃତ୍ୟୁକୁ ବରଣ କରିଛନ୍ତି। ତେଣୁ ତୁ ସେମିତି କାମ କରନା। ଯଦି ତୁ ଜୀବନକୁ ଭଲ ପାଉଛୁ ତେବେ ତୋ ସୈନ୍ୟମାନଙ୍କୁ ଧରି ଏଠାରୁ ଚୁପ୍‌ଚାପ୍ ପଳେଇଯା।"

ବୃଦ୍ଧାଙ୍କର କଥା ଶୁଣି ନେପୋଲିୟନ୍ ରାଗିବା ବଦଳରେ ପ୍ରେରିତ ହେଲେ। ସେ ସଙ୍ଗେ ସଙ୍ଗେ ନିଜ ବେକରୁ ହୀରାର ହାରକୁ କାଢି ପିନ୍ଧେଇ ଦେଲେ ବୃଦ୍ଧାଙ୍କ ବେକରେ ଆଉ କହିଲେ "ମା' ମୁଁ ଜାଣିନି ଆପଣ କିଏ ? ହେଲେ ଆପଣ ମୋ ଉତ୍ସାହକୁ ଦୁଇଗୁଣ କରିଦେଲେ।" ଆପଣ ମୋତେ ପ୍ରେରିତ କରିଛନ୍ତି। ଏବେ ତ ନିଶ୍ଚୟ ଏଇ ପର୍ବତ ଉପରକୁ ଯିବି। ଯଦି ମୁଁ ସେଥିରେ ସଫଳ ହୋଇ ଫେରି ଆସିବି ତେବେ ଆପଣ ମୋର ଜୟ ଜୟକାର କରିବେ ବୋଲି ମୋର ଆଶା।

ନେପୋଲିୟନଙ୍କ କଥା ଶୁଣି ବୃଦ୍ଧା ଜଣକ କହିଲେ– "ମୁଁ ମୋ ଜୀବନରେ ବହୁତ ଲୋକଙ୍କୁ ଏହି ପର୍ବତ ଚଢ଼ିବାକୁ ମନା କରିଛି ଆଉ ସମସ୍ତେ ହତାଶ ହୋଇ ଏଠାରୁ ଚୁପ୍‌ଚାପ୍ ଚାଲି ଯାଇଛନ୍ତି। ହେଲେ ତୁମେ ହେଉଛ ଜଣେ ମାତ୍ର ବ୍ୟକ୍ତି ଯିଏ ମୋ କଥାରେ ହତାଶ ନ ହୋଇ ବରଂ ଉତ୍ସାହିତ ହୋଇଛ। ତେଣୁ ତୁମର ଯାହା ଇଚ୍ଛା ତାହା କର। କାରଣ ଜୀବନରେ ବିପଦର ସାମ୍ନା କରିବାର ସାହସ ରଖୁଥିବା ବ୍ୟକ୍ତି ସବୁ କ୍ଷେତ୍ରରେ ବିଜୟ ଲାଭ କରିଥାଏ।"

**–ନୃସିଂହ ଚରଣ ବେହେରା,**
୨୧୭, ୟୁନିଟ୍–୯, ବାୟାବାବା ମଠ ଲେନ୍, ଭୁବନେଶ୍ୱର

## ଆଇନା




ଗିନିଜ୍ ୱାର୍ଲ୍ଡ ରେକର୍ଡ

## ପାଣିଭିତରେ ରୁ୍ୟବିକ୍ କ୍ୟୁବ୍ ସମାଧାନ



ପିଲାମାନେ ତୁମେ ଜାଣିଥିବ ଯେ ରୁ୍ୟବିକ୍ କ୍ୟୁବ୍ ସମାଧାନ କରିବା ପାଇଁ ଢେର୍ ସମୟ ଲାଗିଥାଏ। ତେଣୁ ଏହାକୁ ନେଇ ଅନେକେ ରେକର୍ଡ କରିବା ପାଇଁ ବି ଚେଷ୍ଟା କରିଥାନ୍ତି। ଏମିତି ଏକ ରେକର୍ଡ କରିବା ପାଇଁ ଚେଷ୍ଟା କରି ସଫଳ ହୋଇଛନ୍ତି ଇଲାୟାରମ୍ ଶେକର। ତାମିଲନାଡୁର ଚେନ୍ନାଇରେ ରହୁଥିବା ଶେକର ପାଣି ଭିତରେ ରହି ଥରକେ ମାତ୍ର ୨ମିନିଟ୍ ୧୭ ସେକେଣ୍ଡରେ ୬ଟି ରୁ୍ୟବିକ୍ କ୍ୟୁବସ ସମାଧାନ କରି ରେକର୍ଡ ପାରିଛନ୍ତି। ଏଭଳି ବିରଳ ରେକର୍ଡ କରି ସେ ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନୀତ କରିପାରିଛନ୍ତି। ଶେକରଙ୍କ ପୂର୍ବରୁ ଏହି ରେକର୍ଡ ଅନ୍ୟଜଣଙ୍କ ନାଁରେ ଥିଲା, ଯିଏ କି ୨୦୧୪ ମସିହାରେ ପାଣି ଭିତରେ ଥରକେ ଏହି ସେହି ସମୟ ମଧ୍ୟରେ ୫ଟି ରୁ୍ୟବିକ୍ କ୍ୟୁବସ ସମାଧାନ କରି ପାରିଥିଲେ। ପାଣି ଭିତରେ ଏଭଳି ରେକର୍ଡ କରିବା ପାଇଁ ଶେକର ଅନେକ ଦିନରୁ ଚେଷ୍ଟା କରି ଆସୁଥିଲେ। ଏବେ ସେ ସଫଳତା ହାସଲ କରି ପାରିଥିବାରୁ ବେଶ୍ ଖୁସି ହୋଇଛନ୍ତି। ଯେକୌଣସି ପରିସ୍ଥିତିରେ ବି ସମସ୍ତେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉଦ୍ୟମ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିପାରିବ ବୋଲି ସେ କହନ୍ତି।

## କବିତା

### କରୋନା ଭୂତ

କହିଲା କୁନା ଶୁଣୁଲୋ କୁନି
ଭୟରେ ଥରୁଛି ମନ
ଅଚିହ୍ନା ରୋଗ କାହୁଁ ଆସିଲା
ଆଗ ହେବା ସଚେତନ ।।
ଡାକ୍ତର ବୈଦ ଥାଣୁ ହୋଇଲେ
ରୋଗର ନାହିଁ ଔଷଧ
ଭୂତାଣୁ ତା'ର ଉଡି ବୁଲୁଛି
ମାନେ ନାହିଁ ପ୍ରତିରୋଧ ।।
ସଚେତନତା ମାନି ଚଳିବା
ଘର ଭିତରେ ରହିବା
ଭଲ ଭାବରେ ହାତ ଧୋଇବା
ଦୂରତା ରକ୍ଷା କରିବା ।।
କାଶ ଛିଙ୍କକୁ ଗୁରୁତ୍ୱ ଦେଇ
ମୁହଁରେ ମାସ୍କ ବାନ୍ଧିବା
ପ୍ରତି ସକାଳୁ ବ୍ୟାୟାମ କରି
ଘରେ ବସି ପାଠ ପଢିବା ।।
ପୃଥିବୀ ବାସୀ ଏକ ହୋଇବା
ଭୁଲି ସବୁ ଭେଦଭାବ
ପ୍ରାର୍ଥନା କରି ପ୍ରଦୀପ ଜାଳି
ପ୍ରଣାମ କରିବା ଆଗ ।।
ସାଧନା କେବେ ହାରି ଯାଇନି
ସଫଳ ହୋଇବ ଦିନେ
ବିଜ୍ଞାନ ବଳେ ପ୍ରତିଷେଧକ
ତିଆରି କରିବା ଆମେ ।।
ପ୍ରକୋପ ତା'ର ଶେଷ ହୋଇବ
ମରିବ ଭୂତାଣୁ ଜଳି
ମନ ଖୁସିରେ ରହିବା ସବୁ
କରୋନା ଭୂତକୁ ମାରି ।।

**–କବିତା ମିଶ୍ର**
ନୀଳାଦ୍ରିବିହାର, ଭୁବନେଶ୍ୱର

### ପାଠପଢ଼

ଥାକୁଲ ମାକୁଲ ଭାଲୁ
ଥରୁଛି ସେ ଚାଲୁଚାଲୁ
ହୋଇଛିରେ ତାକୁ ଜ୍ୱର
ଲାଗୁଛି ବହୁତ ଡର।
ଡର ଡର ଆମକୁ ଡର
କରୁଣାର ଭାଇରସ
ହୋଇଲେ ଜ୍ୱର କାଶ
ଚାଲଇ ଫୁସୁରୁଫାସ।
ଫୁସୁରୁ ଫୁସୁରୁ ଫାଆସ
ମୁହଁରେ ଲଗାଅ ମାସ୍କ
ପିଅ କାଢ଼ା କମିବ କାଶ
ଲଗାଅ ହ୍ୟାଣ୍ଡ ଉଆସ।
ଉଆସ କର ତୁମ ମନ
ପାଠ ପଢ଼ାରେ ଦିଅ ଧ୍ୟାନ
ତେବେ ବଢ଼ିବ ତୁମରି ଜ୍ଞାନ
ବୁଲିବ ବସି ରକେଟ ଯାନ।
ରକେଟ ବୁଲା ଭାରି ବଢ଼ିଆ
ପାଠ ନ ପଢିଲେ ସବୁ ଅଡୁଆ
ଦେଶର ଟେକ ରଖ ଓଡ଼ିଆ
ପଢ଼ିବ ପାଠ ବଡ଼ ବଢ଼ିଆ।

***–ଅକ୍ଷୟ ପଣ୍ଡା,*** *ଆଳି, କେନ୍ଦ୍ରାପଡା*

### ଆଣିଲେ ମୋ ଜେଜେ ଗାଈ

ଯାଇଥିଲେ ଜେଜେ ବଉଳାଙ୍ଗ ହାଟ
ଆଣିଲେ ଗୋଟିଏ ଗାଈ,
ବାନ୍ଧିଲେ ନେଇକି ସୁତୁରା ଗୋଠରେ
ପିଠିକୁ ଆଉଁଷି ଦେଇ।
ଖାଇବାକୁ ଦେଲେ ବାଡ଼ିଘାସ ଆଣି
ବିଚିଲି ବି ଦେଲେ କାଟି,
ତୋରାଣିରେ କୁଣ୍ଡା ବହଳିଆ କରି
ପିଇବାକୁ ଦେଲେ ଘାଣ୍ଟି।
ଶାନ୍ତ ସୁଧାର ଗାଇଟିକୁ ଦେଖି
ଜେଜେମା ବି ହେଲେ ଖୁସି,
ସଙ୍ଗେ ସଙ୍ଗେ ନାଆଁ ଦେଲେ ତା'ର ଲକ୍ଷ୍ମୀ
ଆଦର କରିଲେ ବେଶି।
ଦେଖିବାକୁ ସିନା ଏକବର୍ଣ୍ଣ କଳା
ଭାରି ମିଠା ତା'ର କ୍ଷୀର,
କୌତୁକିଆ ତା'ର କଅଁଳା ବାଛୁରି
ମନ ମୋହିନିଏ ମୋର।
ପିଙ୍କି ରିଙ୍କି ଚିନୁ ସଭିଏ ପାଆନ୍ତି
ଲକ୍ଷ୍ମୀକୁ ବହୁତ ଭଲ,
ଆମ ଗାଈ ଲକ୍ଷ୍ମୀ କୋଟିରେ ଗୋଟିଏ
କେହି ହେବେନି ତା' ତୁଲ।

***–ଧୀରେନ୍ଦ୍ର ମଲ୍ଲିକ,***
*ନୀଳକଣ୍ଠପୁର, ମଙ୍ଗଳପୁର , ଯାଜପୁର*

## କହିଲ ଦେଖି

ଆକାଶରେ ଯେବେ ଯାଏ ମୁଁ ଭାସି
ମେଘ ବୋଲି ମତେ କୁହନ୍ତି ହସି।
ଆଷାଢ, ଶ୍ରାବଣେ ତଳକୁ ଆସି
ଓଦା କରେ ଧରା ଗରମ ନାଶି।
ମୁଁ ଆସିଲେ ଟାଣ ହୁଏନା ଖରା
କିଏ ସେ କହିବ ମୋ ନାଁ ପରା।
**ଉତ୍ତର : ବର୍ଷା**



ଖରା,ବର୍ଷାଦିନେ ସଭିଏ ମତେ
ବାହାରକୁ ଗଲେ ଧରନ୍ତି ହାତେ।
ଖରା ସହି ଦିଏ ଶୀତଳ ଛାଇ
ବର୍ଷାବେଳେ ରକ୍ଷା କରଇ ମୁହିଁ।
କଳା, ନାଲି, ନେଳି ନାନା ପ୍ରକାରେ
ବିକ୍ରୟ ହୁଏ ମୁଁ ସବୁ ବଜାରେ।
ଘରେ ଘରେ ମତେ କଣ୍ଟାରେ ଖୋସି
ରଖନ୍ତି ଯତନେ ଗୁଡେଇ ରଶି ।
ନାଁଟି ମୋହର ଯିଏ କହିବ
ମତେ ଧରି ସିଏ ସ୍କୁଲ ଯିବ।
**ଉତ୍ତର : ଛତା**





ଟିକି ଜୀବଟେ ମୁଁ ଭାରି ସୁନ୍ଦର
ବିଲହୁଡା ଅଟେ ମୋହରି ଘର।
ନାଲି ଟୁକୁଟୁକୁ ଦେହଟେ ମୋର
ବରଷା ପଡିଲେ ହୁଏ ବାହାର।
ଘାସ ଗାଲିଚାରେ ଧୀରେ ମୁଁ ଚାଲେ
ଚଞ୍ଚଳ ମୋ ନାଁ କହିଲ ପିଲେ।
**ଉତ୍ତର : ସାଧବବୋହୂ**



ପୁରୁଣା ଖାତାରୁ ଫରଦେ ଚିରି
ପିଲାଏ କରନ୍ତି ମତେ ତିଆରି।
କାଗଜ ଅଟଇ ମୋର ଶରୀର
ନାଉରୀଆ କେହି ନାହିଁ ମୋହର।
ଦାଣ୍ଡେ ଯେବେ ବର୍ଷା ଲହଧି ଖେଳେ
ଭାସିଯାଏ ମୁହିଁ ବରଷା ଜଳେ।
ମତେ ଦେଖି ସର୍ବେ ହୁଅନ୍ତି ଖୁସି
କିଏ ସେ କହିବ ମୋ ନାଁ ହସି।
**ଉତ୍ତର : କାଗଜଡଙ୍ଗା**


**–ଶରତ ଚନ୍ଦ୍ର ଜାଲି,** ଶିକ୍ଷକ, ପଥରା, ଖଲ୍ଲିକୋଟ, ଗଞ୍ଜାମ


## ଜାଣନ୍ତି କି

●ନବଜାତ ଚାଇନିଜ ୱାଟର ଡିୟର ଏତେ ଛୋଟ ଯେ ତାହାକୁ ଆରାମରେ ଜଣେ ନିଜ ହାତ ପାପୁଲିରେ ରଖିପାରିବ।

●ପିଲାଏ ଜାଣିଛ, ଘୋଡାଠାରୁ ଓଟପକ୍ଷୀ ଦ୍ରୁତ ବେଗରେ ଦୌଡିପାରେ। କେବଳ ସେତିକି ନୁହେଁ, ଆଉ ଏକ ମଜାଦାର କଥା ହେଲା ଯେ ପୁରୁଷ ଓଟପକ୍ଷୀ ସିଂହଠାରୁ ଅଧିକ ଜୋର୍‌ରେ ଗର୍ଜନ କରିଥାଏ।

●ପ୍ରାୟ ୯୦ପ୍ରତିଶତ ସିଂହୀ ଶିକାର କରିବାକୁ ଯାଇ ନ ଥାନ୍ତି।





●ଏକ ତୁଳନାତ୍ମକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଗୋଟିଏ କୁକୁରର ଦୃଷ୍ଟି ଶକ୍ତି ଜଣେ ମଣିଷର ଦୃଷ୍ଟିଶକ୍ତିଠାରୁ ଆହୁରି ପ୍ରଖର।

●ବାଦୁଡି ହେଉଛି ଏପରି ଏକମାତ୍ର ସ୍ତନ୍ୟପାୟୀ ପ୍ରାଣୀ ଯିଏ କେବଳ ଉଡିପାରେ।

●କଙ୍ଗାରୁ ନାଚିବା ସମୟରେ ସେ ନିଜ ଲାଞ୍ଜକୁ ତଳେ ଚାପି ରଖିଥାଏ। କାରଣ ଲାଞ୍ଜଦ୍ୱାରା ସେ ନିଜ ଶରୀରକୁ ସନ୍ତୁଳିତ ରଖି ନାଚିପାରେ।

## ମତାମତ

►ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଗପଗୁଡିକ ବେଶ୍ ଶିକ୍ଷଣୀୟ ହୋଇପାରୁଛି।
*–ତନ୍ମୟ ପ୍ରଧାନ, ସୁନାବେଡା*

►ଗତ ସପ୍ତାହରେ ଏହି ପୃଷ୍ଠାର 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋ ବେଶ୍ ସୁନ୍ଦର ହୋଇଥିଲା।
*–ଉପାସନା ନାୟକ, ଜଗତ୍‌ସିଂହପୁର*

►'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ବେଶ୍ ସୁନ୍ଦର ଲାଗୁଛି।
*–ଅଭିଷେକ ସାହୁ, ଢେଙ୍କାନାଳ*

►ଗତ ସପ୍ତାହରେ 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ ବିଷୟଟିକୁ ପଢ଼ି ସେ ବିଷୟରେ ଅନେକ କଥା ଜାଣିହେଲା।
*–ତପସ୍ୟା ପ୍ରିୟଦର୍ଶିନୀ, ଭୁବନେଶ୍ୱର*

►'ଖିଲିଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭଲ ଲାଗୁଛି
*–ପୂଜାଶ୍ରୀ ଦାସ, କଟକ*

## ଟଗଲା ଭୀମୁ




## ତୁମ ତୂଳୀରୁ







**ଅନନ୍ୟା ରୁପାଲି ତ୍ରିପାଠୀ**
କ୍ଲାସ–୫, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

**ଅନୁଷ୍କା ବେଉରା**
କ୍ଲାସ– ୬, ସେଣ୍ଟ ଯୋଶେଫ୍ ସ୍କୁଲ, ଭୁବନେଶ୍ୱର









**ଦେବାଂଶୀ ମଲ୍ଲିକ**
କ୍ଲାସ– ନର୍ସରି, ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

# ମନ୍‌ପ୍ରୀତ୍‌ଙ୍କ ସମେତ ୫ ହକି ଖେଳାଳିଙ୍କୁ କରୋନା

**ନୂଆଦିଲ୍ଲୀ, ୭।୮ (ପି.ଟି.):** ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ମନପ୍ରୀତ ସିଂ ଓ ଅନ୍ୟ ୪ଜଣ ଖେଳାଳି କରୋନା ପଜିଟିଭ୍ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି। ବେଙ୍ଗାଲୁରୁରେ ଏକ ଜାତୀୟ କ୍ୟାମ୍ପ ପୂର୍ବରୁ ଖେଳାଳିମାନଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ମନପ୍ରୀତଙ୍କ ବ୍ୟତୀତ ମହାମାରୀ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ ଡିଫେଣ୍ଡର ସୁରେନ୍ଦର କୁମାର, ଜସକରନ ସିଂ, ଗୋଲ୍‌କିପର କ୍ରିଶନ ବାହାଦୂର ପାଠକ ଏବଂ ଡ୍ରାଗ୍ ଫ୍ଲିକର ବରୁଣ କୁମାର। ମନପ୍ରୀତ କହିଛନ୍ତି, ସେ ସାଇ କ୍ୟାମ୍ପସ୍‌ରେ ସେଲ୍‌ଫ କ୍ୱାରାଣ୍ଟାଇନ୍‌ରେ ଥିଲେ। ପରିସ୍ଥିତିକୁ ସାଇ କର୍ତ୍ତୃପକ୍ଷ ଯେପରି ଭାବେ ହାତେଇରେ ସେଥିରେ ସେ ଖୁସି। ଖୁବ୍ ଶୀଘ୍ର ସୁସ୍ଥ ହେବେ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି। ମାସେ ଛୁଟି ପରେ ବେଙ୍ଗାଲୁରୁସ୍ଥିତ ଜାତୀୟ ହକି କ୍ୟାମ୍ପକୁ ଫେରିବା ପରେ ଖେଳାଳିମାନଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା। ପୂର୍ବ ;ରୁ ଭାଇରସ୍ ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଲକ୍‌ଡାଉନ୍ ଲାଗୁ କରାଯିବାରୁ ଖେଳାଳିମାନେ ବେଙ୍ଗାଲୁରୁ ସାଇ ସେଣ୍ଟରରେ ଦୁଇ ମାସରୁ ଅଧିକ ସମୟ ଧରି ଅଟକି ରହିଥିଲେ। ସାଇ ତରଫରୁ ସେଣ୍ଟରରେ ଟ୍ରେନିଂ ଆରମ୍ଭ ପୂର୍ବରୁ ଖେଳାଳିମାନଙ୍କ ଲାଗି କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ କରାଯାଇଛି।



ମନ୍‌ପ୍ରୀତ ସିଂ

କରୋନାରେ ସଂକ୍ରମିତ ଏହି ସମସ୍ତ ଖେଳାଳି ନିଜ ଘରୁ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା ସମୟରେ ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି।

କ୍ୟାମ୍ପ୍‌କୁ ଫେରିବା ବେଳେ ସେମାନଙ୍କର ପ୍ରଥମେ କୋଭିଡ୍-୧୯ ରାପିଡ୍ ଟେଷ୍ଟ ହୋଇଥାଏ। ରାପିଡ୍ ଟେଷ୍ଟରେ ଏହି ସମସ୍ତ ୫ ଜଣ ଖେଳାଳିଙ୍କର ନେଗେଟିଭ୍ ଆସିଥିଲା। କିନ୍ତୁ ମନପ୍ରୀତ ଓ ସୁରେନ୍ଦରଙ୍କଠାରେ କୋଭିଡ୍-୧୯ର କିଛି ଲକ୍ଷଣ ଦେଖିବାକୁ ମଳିଥିଲା। ସେମାନେ ଅନ୍ୟ ଯେଉଁ ୧୦ ଜଣ ଖେଳାଳିଙ୍କ ସହ ମିଳିତ ଭାବେ ଯାତ୍ରା କରିଥିଲେ ସେମାନଙ୍କର ଗୁରୁବାର କ୍ୱାଣ୍ଟିଟେଟିଭ୍ ଆରଟି-ପିସିଆର୍ ଟେଷ୍ଟ ହୋଇଥିଲା। ସେମାନଙ୍କ ମଧ୍ୟରୁ ଉକ୍ତ ୫ଜଣଙ୍କର ପଜିଟିଭ ଆସିଥିଲା। ଟେଷ୍ଟ ଫଳାଫଳ ଯଦିଓ ଏପର୍ଯ୍ୟନ୍ତ ସାଇକୁ ହସ୍ତାନ୍ତର କରାଯାଇ ନାହିଁ ରାଜ୍ୟ ସରକାର କିନ୍ତୁ ସାଇ କର୍ତ୍ତୃପକ୍ଷଙ୍କୁ ଫଳାଫଳ ଜଣାଇ ଦିଆଯାଇ ଥିବା ସାଇ ପକ୍ଷରୁ କୁହାଯାଇଛି। ପୁନଶ୍ଚ ଅନ୍ୟ କେତେଜଣ ଖେଳାଳିଙ୍କ ଟେଷ୍ଟ ଫଳାଫଳକୁ ଅପେକ୍ଷା କରାଯାଇଥିବା କୁହାଯାଉଛି।

# ରାଞ୍ଚିରେ ଧୋନୀଙ୍କ ଅଭ୍ୟାସ

**ନୂଆଦିଲ୍ଲୀ, ୭।୮:** ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବରରୁ ଆଇପିଏଲ ଆରମ୍ଭ ହେବ। କରୋନାଜନିତ ଗାଇଡଲାଇନ୍‌କୁ ଦୃଷ୍ଟିରେ ରଖି ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କ୍ରିକେଟରୁ ଦୀର୍ଘଦିନଧରି ଦୂରେଇ ରହିଥିବା ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରାଞ୍ଚିରେ ଅଭ୍ୟାସ କରୁଥିବା ଜଣାଯାଇଛି। ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏଶନ(ଜେଏସସିଏ) ଇନ୍‌ଡୋର ଷ୍ଟାଡିୟମରେ ଧୋନୀ ରନିଂ ସହ ଅନ୍ୟ ଅଭ୍ୟାସ କରିଛନ୍ତି। ସାମାଜିକ ଦୂରତା କଟକଣା ପାଇଁ ଧୋନୀଙ୍କୁ ନେଟ୍ସରେ ବୋଲିଂ ପାଇଁ ଅଧିକ ବୋଲର ଉପଲବ୍ଧ ହେଉ ନାହାନ୍ତି। ତେଣୁ ଧୋନୀ ବୋଲିଂ ମେସିନର ସହାୟତା ନେଉଛନ୍ତି। ଗତ ସପ୍ତାହ ଶେଷରେ ସେ କ୍ରମାଗତ ୨ ଦିନ ବ୍ୟାଟିଂ ପ୍ରାକ୍ଟିସ କରିଛନ୍ତି। ୟୁଏଇ ଯିବା ପୂର୍ବରୁ ସୁପରକିଙ୍ଗ୍ସ ଦଳର ଖେଳାଳିମାନେ ଚେନ୍ନାଇଠାରେ ଅଗଷ୍ଟ ୨୦ରେ ଏକତ୍ରିତ ହେବା କାର୍ଯ୍ୟକ୍ରମ ରହିଛି।

# ଭାରତରେ ୨୦୨୧ ଟି୨୦ ବିଶ୍ୱକପ୍

**ଦୁବାଇ, ୭।୮(ପି.ଟି.):** ଭାରତ ଟି୨୦ ବିଶ୍ୱକପ୍ ୨୦୨୧ ଆୟୋଜନ ଅଧିକାର ବଜାୟ ରଖିଛି। ଅନ୍ୟପକ୍ଷରେ କୋଭିଡ୍-୧୯ ଯୋଗୁ ଚଳିତବର୍ଷ ସ୍ଥଗିତ ରହିଥିବା ସଂସ୍କରଣ ୨୦୨୨ରେ ଅଷ୍ଟ୍ରେଲିଆ ଆୟୋଜନ କରିବ। ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ବୋର୍ଡ ବୈଠକରେ ଏ ସମ୍ପର୍କରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି। ମହାମାରୀ ଯୋଗୁ ବିଶ୍ୱବ୍ୟାପୀ କ୍ରିକେଟ ଖେଳ ପ୍ରଭାବିତ ହୋଇଥିବାରୁ ଆସନ୍ତା ବର୍ଷ ନ୍ୟୁଜିଲାଣ୍ଡରେ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ମହିଳା ବିଶ୍ୱକପ୍ ୨୦୨୨ ଫେବୃୟାରୀ-ମାର୍ଚ୍ଚକୁ ଘୁଞ୍ଚାଇ ଦିଆଯାଇଥିବା ଆଇସିସି କହିଛି। ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହନେ କହିଛନ୍ତି, ଆଇସିସିର ଭବିଷ୍ୟତ ଇଭେଣ୍ଟଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ କରିଦିଆଯାଇଛି। ଏହାଦ୍ୱାରା ଆମର ସମସ୍ତ ସଦସ୍ୟମାନେ ସେମାନଙ୍କ ଅନ୍ତର୍ଜାତୀୟ ଏବଂ ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରଣ କରିପାରିବେ। ୨୦୨୦ ସଂସ୍କରଣ ଲାଗି ଯେଉଁ



ଫର୍ମାଟ ଥିଲା ୨୦୨୧ରେ ତାହା ଅପରିବର୍ତ୍ତିତ ରହିବ। ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ଦଳ ଭାରତରେ ହେବାକୁଥିବା ୨୦୨୧ ସଂସ୍କରଣରେ ଭାଗ ନେଇ ପାରିବେ। ଅଷ୍ଟ୍ରେଲିଆରେ ହେବାକୁଥିବା ୨୦୨୨ ସଂସ୍କରଣ ପାଇଁ କିନ୍ତୁ ଏକ ନୂଆ କ୍ୱାଲିଫିକେଶନ ପ୍ରକ୍ରିୟା ଆରମ୍ଭ ହେବ। ଆଇସିସି ବୋର୍ଡର ଜଣେ ସଦସ୍ୟ କହିଥିଲେ ଯେ, କୋଭିଡ୍-୧୯ ମହାମାରୀ ଯୋଗୁ ବିଭିନ୍ନ ଦେଶ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ସମୟରେ କ୍ୱାଲିଫାୟର୍ସ ଆୟୋଜନ କରିବା କଷ୍ଟସାଧ୍ୟ। ଖବର ଅନୁସାରେ ଭାରତ ୨୦୨୩ରେ ୫୦ ଓଭର ବିଶ୍ୱକପ୍ ଆୟୋଜନ କରିବାକୁ ଥିବାରୁ ପଛକୁ ପଛ ଦୁଇଟା ଇଭେଣ୍ଟ କରିବାକୁ ରାଜି ହୋଇ ନ ଥିଲା। ତେଣୁ ୨୦୨୨ରେ ଟି୨୦ ବିଶ୍ୱକପ୍ ଆୟୋଜନ ପ୍ରସ୍ତାବକୁ ଏଡାଇ ଦେଇଥିଲା। ଅନ୍ୟପକ୍ଷରେ ମହିଳା ବିଶ୍ୱକପ୍ ସ୍ଥଗିତ ରଖାଯିବା ଦ୍ୱାରା ମିଥାଲି ରାଜ ଓ ଝୁଲଣ ଗୋସ୍ୱାମୀଙ୍କ ଭଳି ତାରକା ଖେଳାଳିଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନେ ସମ୍ଭବତଃ ୨୦୨୧ରେ ସେମାନଙ୍କର ଅନ୍ତିମ ଆଇସିସି ଟୁର୍ନାମେଣ୍ଟ ଖେଳିଥାନ୍ତେ।




# ହକି ଏଚ୍‌ପିସିରେ ୩୦ ବାଳକ ସାମିଲ ହେବେ

**ଭୁବନେଶ୍ୱର, ୭।୮ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟରେ ହକିକୁ ଉଚ୍ଚସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହାର ଅଂଶବିଶେଷ ସ୍ୱରୂପ ଓଡ଼ିଶାରେ ହକି ପାଇଁ ଉଦ୍ଦିଷ୍ଟ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଆସନ୍ତା ମାସରେ ୩୦ଜଣ ବାଳକଙ୍କୁ ସାମିଲ କରାଯିବ ବୋଲି ଶୁକ୍ରବାର ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଓଡ଼ିଶାର ନାଭାଲ ଟାଟା ହକି ଏକାଡେମୀରେ ବାଳିକା ପ୍ରତିଯୋଗୀଙ୍କୁ ସାମିଲ କରାଯିବା କାର୍ଯ୍ୟକ୍ରମପରେ କ୍ରୀଡ଼ା ବିଭାଗ ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି।

ତୃଣମୂଳସ୍ତରରେ ୧୦ଟି ସେଣ୍ଟର ଓ ୩ଟି ରିଜିଓନାଲ ଡେଭଲପ୍‌ମେଣ୍ଟ ସେଣ୍ଟର (ଭୁବନେଶ୍ୱର, ପାନପୋଷ ଓ ସୁନ୍ଦରଗଡ଼)ରୁ ଖେଳାଳି ସଂଗ୍ରହ କରାଯାଇ ଆଗାମୀ ୩ରୁ ୫ ବର୍ଷ ମଧ୍ୟରେ ସେମାନଙ୍କୁ ଏଲିଟ ସ୍ତରର କରାଯିବା ଯୋଜନା ରହିଛି। ନାଭାଲ ଟାଟା ହକି ଏକାଡେମୀରେ ବାଳିକାମାନଙ୍କୁ ସାମିଲ କରିବା ପରେ ସକାରାତ୍ମକ ଫଳ ମିଳିଛି। ତେଣୁ ବାଳକମାନଙ୍କୁ ଏଚ୍‌ପିସିରେ ସମାନ ଫୋକସ ସହ ପେସାଦାର ଟ୍ରେନିଂର ସୁବିଧା ଯୋଗାଇ ଦିଆଯିବ। ଏହି ଖେଳାଳିମାନେ ଯୁବ, କୌଶଳ ସମ୍ପନ୍ନ ଏବଂ ହକି ସମ୍ପର୍କରେ ଜ୍ଞାନ ରଖିଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଏଚ୍‌ପିସିରେ ସବୁ ଖେଳାଳିଙ୍କୁ ବ୍ୟକ୍ତିଗତ ଭାବେ ମୂଲ୍ୟାଙ୍କନ କରାଯିବ। ପିଲାମାନଙ୍କୁ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଯୋଗାଇଦେବା ସହ ସେମାନଙ୍କ କୌଶଳକୁ ଉପଯୁକ୍ତ ଟ୍ରେନିଂ ଦ୍ୱାରା ଆହୁରି ଶାଣିତ କରାଯିବ ବୋଲି ସେ କହିଛନ୍ତି। ସିନ୍ଥେଟିକ ଟର୍ଫ ସହ ଘାସ ପିଚ୍‌ରେ ଆରମ୍ଭରୁ ଟ୍ରେନିଂ ଦିଆଗଲେ ଖେଳାଳିମାନେ ବହୁତ ଲାଭବାନ ହୋଇପାରିବେ। ସୁନ୍ଦରଗଡ଼ର ଚିହ୍ନିତ ହୋଇଥିବା ବିଭିନ୍ନ ସ୍ଥାନରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏକାଧିକ ସିନ୍ଥେଟିକ ଟର୍ଫ ବିଛାଇବାକୁ ଯୋଜନା କରିଛି। ରାଜ୍ୟ ହକି ଓ ଯୁବ ପିଢି ପାଇଁ ଏହା ଏହା ରଚନାତ୍ମକ ସମୟ ସାବ୍ୟସ୍ତ ହେବାକୁ ଯାଉଛି। ଏହି ଯୁବ ଖେଳାଳିମାନେ ନିଜ ରାଜ୍ୟର ଦିଲିପ ତିର୍କୀ, ଲାଜାରୁସ ବାର୍ଲା, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସଙ୍କ ଭଳି ଅଭିଜ୍ଞ ଖେଳାଳିମାନଙ୍କ ଦ୍ୱାରା ଅନୁପ୍ରାଣୀତ ହେବେ ବୋଲି ସେ କହିଛନ୍ତି। ରାଜ୍ୟରେ ହକିର ବିକାଶ ନିମନ୍ତେ ଟାଟା ଷ୍ଟିଲ ଓ ଟାଟା ଟ୍ରଷ୍ଟ ମିଳିତ ସହଯୋଗରେ ଓଡ଼ିଶା ସରକାର ନାଭାଲ ଟାଟା ହକି ଏକାଡେମୀରେ ଏଚ୍‌ପିସି ସ୍ଥାପନ କରିଛନ୍ତି। ଅଲିମ୍ପିଆନ ଫ୍ଲୋରିସ ଜାନ୍ ବୋଭେଲାଣ୍ଡର ପିଲାମାନଙ୍କୁ ଲାଇଫ୍ ସ୍କିଲ କୋଚିଂ ସହ ଅନ୍ତର୍ଜାତୀୟ ସ୍ତରର ଟ୍ରେନିଂ ଦେବେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ